
# ପଣ୍ଡିତ ନୀଳକଣ୍ଠ

(କିଶୋର ସାହିତ୍ୟ)



ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି
୩୦୩, ଖାରବେଳ ନଗର, ଭୁବନେଶ୍ୱର–୧

Digitized by PPRACHIN, SOA

# ପଣ୍ଡିତ ନୀଳକଣ୍ଠ

(କିଶୋର ସାହିତ୍ୟ)

ଅଧ୍ୟାପକ ଡଃ ଦୁର୍ଗାଚରଣ ବ୍ରହ୍ମା

ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି
୩୦୩, ଖାରବେଳ ନଗର, ଭୁବନେଶ୍ୱର-୧

Digitized by PPRACHIN, SOA

# ପଣ୍ଡିତ ନୀଳକଣ୍ଠ

ରଚୟିତା–ଅଧ୍ୟାପକ ଡଃ ଦିଗରାଜ ବ୍ରହ୍ମା
ରୁଦ୍ରପୁର, ଛତିଆ, କଟକ

ପ୍ରକାଶକ–ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି
୩୦୩, ଖାରବେଳ ନଗର
ଭୁବନେଶ୍ୱର–୭୫୧୦୦୧

ମୁଦ୍ରାକର–ଉଦ୍ୟୋଗ ପ୍ରିଣ୍ଟର୍ସ
ଇଉନିଟ୍–୩, ଭୁବନେଶ୍ୱର–୭୫୧୦୦୧

ପ୍ରଥମ ସଂସ୍କରଣ–୧୯୯୧

ମୂଲ୍ୟ–ସାଧାସିଲାଇ ଟ ୧୨.୦୦
ବୋର୍ଡ ବନ୍ଧାଇ ଟ ୧୫.୦୦

# PANDIT NILAKANTHA

*Writer :* **Dr. Digaraj Brahma**
Rudrapur, Chhatia, Dist. Cuttack,

*Publisher* Fandit Nilakantha Smruti Samiti
30 , Kharavela Nagar
Bhubaneswar-751001

*Printers* : UDYOG PRINTERS
Unit 3, Bhubaneswar-1

**Price : Rs. 12.00 Paper back)**
**Rs. 15.00 Board Bound)**

Digitized by PPRACHIN, SOA

# 'ପଣ୍ଡିତ ନୀଳକଣ୍ଠ' ସମ୍ପର୍କରେ

"ପଣ୍ଡିତ ନୀଳକଣ୍ଠ" ପୁସ୍ତକଟି ମୁଖ୍ୟତଃ କୋମଳମତି ବାଳକ/ ବାଳିକାମାନଙ୍କ ଉଦ୍ଦେଶ୍ୟରେ ଲିଖିତ । କାରଣ, ପଣ୍ଡିତ ନୀଳକଣ୍ଠଙ୍କ ହୃଦୟରେ ପିଲମାନଙ୍କ ପ୍ରତି ଅତୁଟ ଶ୍ରଦ୍ଧା ଥିଲା । ପିଲମାନେ କିପରି ବଡ଼ ମଣିଷ ହେବେ ଓ ଉଚ୍ଚ ସଂସ୍କୃତି ସଂପନ୍ନ ହେବେ ସେଥିପାଇଁ ସେ ସର୍ବଦା ଯତ୍ନଶୀଳ ଥିଲେ ।

ଜାତିର ସାହିତ୍ୟ ଜାତୀୟ ଜୀବନକୁ ବିଶେଷ ଭାବରେ ପ୍ରଭାବିତ କରିଥାଏ । ପୁଣି ଶିଶୁ ସାହିତ୍ୟ ଶିଶୁର ମନରେ ଗଠନମୂଳକ ପ୍ରଭାବ ପକାଇବାରେ ସାହାଯ୍ୟ କରିଥାଏ । ସେଥିପାଇଁ ଉନ୍ନତ ଦେଶମାନଙ୍କରେ ଶିଶୁ ସାହିତ୍ୟର ପ୍ରଚାର ଓ ପ୍ରସାର ନିମନ୍ତେ ଯଥେଷ୍ଟ ଧ୍ୟାନ ଦିଆଯାଇଥାଏ ।

ପଣ୍ଡିତ ନୀଳକଣ୍ଠ ଜଣେ ବ୍ୟକ୍ତି ବିଶେଷ ନ ଥିଲେ । ସେ ଥିଲେ, ଗୋଟିଏ ଅନୁଷ୍ଠାନ । ସେହି ଅନୁଷ୍ଠାନକୁ ଅନୁଧ୍ୟାନ କରି ବାଳକ/ବାଳିକାଙ୍କ ପାଇଁ ପଣ୍ଡିତଜୀଙ୍କ ଜୀବନୀ ଲେଖିବାର ପ୍ରୟାସ କରିଛି । ଆବଶ୍ୟକ ସ୍ଥଳେ ପଣ୍ଡିତଜୀଙ୍କ ସ୍ୱାଧୀନ ଚିନ୍ତାଧାରା, ମତାମତ ଓ ମତବାଦକୁ ମଧ୍ୟ ସ୍ଥାନ ଦିଆଯାଇଛି । ଆଶା, ପଣ୍ଡିତଜୀଙ୍କ ସ୍ୱାଧୀନ ଚିନ୍ତାଧାରା ଓ ମତବାଦ ଭାରତ ଭଳି ସ୍ୱାଧୀନ ଦେଶର ଭବିଷ୍ୟତ ନାଗରିକମାନଙ୍କୁ ଦିଗ୍‌ଦର୍ଶନ ଦେବାରେ ଯଥେଷ୍ଟ ସହାୟକ ହେବ ।

ପୁସ୍ତକଟିର ତଥ୍ୟଗତ ବିଷୟବସ୍ତୁ ପରିବେଷଣ ସମୟରେ ମୁଁ ଇଂଜିନିୟର ମଧୁସୂଦନ ଦାଶଙ୍କ ମତାମତ ଓ ସାହାଯ୍ୟ ନେଇଛି । ଶ୍ରୀଯୁକ୍ତ ଦାଶଙ୍କ ପ୍ରେରଣା ମୋତେ ଏଇ "ପଣ୍ଡିତ ନୀଳକଣ୍ଠ"ର ସ୍ରଷ୍ଟା ହେବାର ସୌଭାଗ୍ୟ ଦେଇଥିବାରୁ, ମୁଁ ତାଙ୍କ ନିକଟରେ ଋଣୀ ।

—ଲେଖକ—

Digitized by PPRACHIN, SOA

# ସ୍ମୃତି ସମିତି ତରଫରୁ—

ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି ତରଫରୁ ଏଯାଏ ୧୩ ଖଣ୍ଡି ପୁସ୍ତକ ପ୍ରକାଶ କରାଗଲାଣି । କୋମଳ ମତି ଛାତ୍ର ସମାଜରେ ନୀଳକଣ୍ଠଙ୍କ ଆଦର୍ଶ ଓ କୃତି ସହଜବୋଧ୍ୟ ହେବା ଉଦ୍ଦେଶ୍ୟରେ 'ନରସିଂହ ମହାପାତ୍ରଙ୍କ ମନୀଷୀ ନୀଳକଣ୍ଠ' (ପରିବର୍ଦ୍ଧିତ ସଂସ୍କରଣ) ଓ ଶିଶୁ, ବାଳକମାନଙ୍କ ନିମନ୍ତେ ଜାତୀୟ କବି ବୀରକିଶୋରଙ୍କ "ବକୁଳବନର ଗୁରୁ" ପୁସ୍ତକ ୨ଖଣ୍ଡି ଓଡ଼ିଆରେ ଏବଂ "Utkala Guru Nilakantha" ଇଂରାଜୀରେ ପ୍ରକାଶ କରା ଯାଇଛି । ତଥାପି ମନେହୁଏ, ନୀଳକଣ୍ଠ ଯେପରି ଅଗାଧ ପାଣ୍ଡିତ୍ୟର ଅଧିକାରୀ ଥିଲେ ଓ ତାଙ୍କର ଜୀବନ ଯେପରି କର୍ମମୁଖର ଓ କର୍ମବହୁଳ ଥିଲା, ସେ ସମସ୍ତର ଏକ ସଂପୂର୍ଣ୍ଣ ରୂପରେଖ ଏ ଦୁଇ, ତିନୋଟି ପୁସ୍ତକରେ ଦିଆଯାଇ ପାରିନାଇ । ତେଣୁ ଏଇ ପୁସ୍ତକର ପରିକଳ୍ପନା । ପୁସ୍ତକରୁ ଦେଖାଯିବ ଯେ ନୀଳକଣ୍ଠ ବହୁ ସମ୍ମାନ ଓ ଉପାଧିର ଅଧିକାରୀ ହୋଇଥିଲେ ହେଁ ସେ କେବଳ 'ପଣ୍ଡିତ' ଶବ୍ଦଟିକୁ ନିଜର ଭୂଷଣ ରୂପେ ଗ୍ରହଣ କରି ନେଇଥିଲେ ଓ ଲୋକରେ 'ପଣ୍ଡିତ ନୀଳକଣ୍ଠ' ନାମରେ ବିଦିତ ଥିଲେ । ସେ ଭାବନା ନେଇ ଏ ପୁସ୍ତକର ନାମକରଣ ।

ଏ ସମ୍ବନ୍ଧରେ ନିମ୍ନ କେତୋଟି ପ୍ରସଙ୍ଗର ଅବତାରଣା ଅସମୀଚୀନ ହେବନାଇ ବୋଲି ମନେହୁଏ ।

(କ) ନୀଳକଣ୍ଠଙ୍କର ଉଭୟ ସାହିତ୍ୟିକ ଓ ରାଜନୈତିକ ଜୀବନର ପ୍ରଧାନ ସାଥୀ ପଣ୍ଡିତ ଗୋଦାବରୀଶ ମିଶ୍ର ନୀଳକଣ୍ଠଙ୍କ ସମ୍ବନ୍ଧରେ ଲେଖିଛନ୍ତି "ମୋର ବହୁକାଳର ସଙ୍ଗୀ ପଣ୍ଡିତ ନୀଳକଣ୍ଠଙ୍କର ପାଣ୍ଡିତ୍ୟ ଦେଖି, ମୁଁ ଯେ କେତେଥର ମୁହଁ ଫିକା ପକାଇଛି, ତା'ର କଳନା ନାଇ । × × × ନୀଳକଣ୍ଠବାବୁ ବହୁବର୍ଷ ପରେ ଅବଶ୍ୟ ସମାଜରେ "ପଣ୍ଡିତ" ଆଖ୍ୟା ପାଇଲେ—କିନ୍ତୁ "ତୁଳସୀ ଦୁଇ ପତ୍ରରୁ ବାସିଲାପରି ପିଲାଦିନରୁ ତାଙ୍କ ପାଣ୍ଡିତ୍ୟ ବିକଶିତ ହୋଇଥିଲା । ସେ ବିସ୍ତର ପଢୁଥିଲେ, ଏବେ ମଧ୍ୟ ପଢ଼ନ୍ତି । ପଢିବା ତାଙ୍କର ଅଭ୍ୟାସ—ଆଜିକାଲି ପିଲାଙ୍କର ସିନେମା ଯିବାଭଳି ।

Digitized by PPRACHIN, SOA

× × × ତାଙ୍କ ଶୋଇବା ଖଟରୁ ଅଧେ ତାଙ୍କ ନିଜର, ବାକି ଅଧିକ ଆଲମାରୀରୁ ସ୍ଥାନଚ୍ୟୁତ୍ ବହି ଗୁଡ଼ିକର । × × × ମୁଁ ଦେଖିଚି, ସେ ଥରେ ଯାହା ପଢ଼ନ୍ତି, ତାଙ୍କ ମନରେ ଗାର କାଟିଲପରି ରହିଯାଏ ।” ନୀଳକଣ୍ଠଙ୍କ ପାଣ୍ଡିତ୍ୟର କି ସୁନ୍ଦର ବିଶ୍ଳେଷଣ !

(ଖ) ପଣ୍ଡିତ ଗୋପବଂଧୁ ନୀଳକଣ୍ଠଙ୍କ ସମ୍ବନ୍ଧରେ କହିଥିଲେ, “ଭାରତରେ ଏପରି ପଣ୍ଡିତ ନାହାନ୍ତି, ଯେ ନୀଳକଣ୍ଠଙ୍କୁ ନ ଜାଣନ୍ତି ।”

(ଗ) ଓଡ଼ିଶାର ବହୁ ଶିକ୍ଷିତ ବ୍ୟକ୍ତି ଜାଣନ୍ତି, କବି ମାୟାଧର ମାନସିଂହ ନୀଳକଣ୍ଠଙ୍କ “କୋଣାର୍କେ”କାବ୍ୟର ଭୂମିକା ଲେଖିବାକୁ ଯାଇ କହିଛନ୍ତି, “ପଣ୍ଡିତ ନୀଳକଣ୍ଠ ପ୍ରକୃତରେ ପଣ୍ଡିତ । ତାଙ୍କ ନିକଟରେ ମୁଁ ଶିଶୁ—ବୟସ ଓ ଜ୍ଞାନରେ । ତାଙ୍କ ପୁସ୍ତକର ବିଶେଷତଃ ‘କୋଣାର୍କେ”ର ଭୂମିକା ଲେଖିବା ମୋ ପକ୍ଷରେ ଏକ ଧୃଷ୍ଟତା ।

ଏତିକି ପଣ୍ଡିତଜୀଙ୍କ ପାଣ୍ଡିତ୍ୟର ପର୍ଯ୍ୟାପ୍ତ କଳନା ନୁହେଁ ।

(ଘ) ଭୂଦାନନେତା ଆଚାର୍ଯ୍ୟ ବିନୋବା ଭାବେ ପଦ ଯାତ୍ରାରେ ଆସି ଯେତେବେଳେ ପୁରୀର ପିପିଲି ନିକଟରେ ଏକ ଶିବିର ପକାଇ ରହିଥିଲେ, ପଣ୍ଡିତ ନୀଳକଣ୍ଠ ଥରେ ତାଙ୍କୁ ସାକ୍ଷାତ କରିବା ଲାଗି ଯାଇଥିଲେ । ଭୂଦାନୀ-ମାନେ ଚିନ୍ତାପ୍ରୀୟ ଓ କର୍ମ-ପ୍ରୀୟ ଥିବା ହେତୁ ସେମାନେ ପ୍ରାୟଶଃ ଅନ୍ୟମାନଙ୍କ ସଙ୍ଗେ ବହୁ ସମୟ ଧରି କଥାବାର୍ତ୍ତା କରନ୍ତି ନାଇ । ମାତ୍ର ବିନୋବା ଓ ପଣ୍ଡିତଜୀଙ୍କ ପ୍ରାୟ ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଆଲୋଚନା ଚାଲିଲା । ଆଶ୍ରମବାସୀଏ ଆଶ୍ଚର୍ଯ୍ୟ ହେଉଥା'ନ୍ତି । ପରିଶେଷରେ ଯେତେବେଳେ ବିନୋବାଜୀ ନୀଳକଣ୍ଠଙ୍କୁ ପାଛୋଟି ଦେବାକୁ ତାଙ୍କ ମଟର ଯାଏ ଆସିଲେ, ଆଶ୍ରମବାସୀଙ୍କ ଉଦ୍ଦେଶ୍ୟରେ କହି ପକାଇଲେ ; “Oh, what a great Pandit ! I have toured the whole of India, but have not yet come across a Pandit like Pandit Nilakantha Das” (ଓଃ, କେତେବଡ଼ ଏ ପଣ୍ଡିତ ! ମୁଁ ସାରା ଭାରତ ବୁଲି ଆସିଛି— ମାତ୍ର ପଣ୍ଡିତ ନୀଳକଣ୍ଠଙ୍କ ପରି ଜଣେ ପଣ୍ଡିତଙ୍କ ସମ୍ପର୍କରେ ମୁଁ ଏଯାଏ ଆସିନାଇ ।)

Digitized by PPRACHIN, SOA

(ଙ) ଏହାର ପ୍ରତ୍ୟକ୍ଷ୍ୟଦର୍ଶୀ ସେତେବେଳେ ଶିବିର ଦାୟିତ୍ୱରେ ଥିବା ସବ୍‌କଲେକ୍‌ଟର ଓ ଏବର ଜ୍ଞାନପୀଠ ପୁରସ୍କାର ବିଜେତା ଡଃ ଗୋପୀନାଥ ମହାନ୍ତି ପୁଣି କହନ୍ତି, "ପଣ୍ଡିତ ନୀଳକଣ୍ଠଙ୍କ ସମ୍ବନ୍ଧରେ ଜଣା ଯେତେ, ଅଜଣା ତା'ଠାରୁ ବହୁତ ବେଶୀ ଏବଂ ଏହି ଜଣାକୁ ଯେତେ ଅନଶୀଳନ କରୁଥିବ ତହିଁରୁ ସେତେ ନୂତନ ନୂତନ ତତ୍ତ୍ୱ ଓ ତଥ୍ୟ ବାହାରୁଥିବ ।"

ଏହା ବାସ୍ତବରେ ପଣ୍ଡିତଜୀଙ୍କ ପାଣ୍ଡିତ୍ୟର ଯଥେଷ୍ଟ ସୂଚନା ଦିଏ । ଏବେ ପୁଣ ବିଜ୍ଞମଣ୍ଡଳୀ କହିବାକୁ ଲାଗିଲେଣି ଯେ ପଣ୍ଡିତ ନୀଳକଣ୍ଠ ପ୍ରାୟ ୫୦ ବର୍ଷ ତଳେ ଯେଉଁ ଯେଉଁ ଥିଓରୀମାନ ବଖାଣି ଥିଲେ, ସେ ସବୁ ଏବେ ଯଥାର୍ଥ ବୋଲି ପ୍ରତିପାଦିତ ହେଉଛି । ସେ ପାଣ୍ଡିତ୍ୟର ଅନୁଶୀଳନ ଏ ପୁରୁଷ ଓ ପର ପୁରୁଷଙ୍କ ହାତରେ :

ପଣ୍ଡିତଜୀଙ୍କ ଜୀବନୀ ଓ କୃତି ସମ୍ବନ୍ଧରେ ଅବହିତ ହେବା ସଙ୍ଗେ ସଙ୍ଗେ ଏ ଦେଶର ଅଗଣିତ ବାଳକ, ବାଳିକା, ତରୁଣ ଓ ତରୁଣୀମାନେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ, ଆମର ଏ ଶ୍ରମ ସାର୍ଥକ ହେଲା ବୋଲି ମନେ କରିବୁ ।

—ଅଳଂମତି ବିସ୍ତରେଣ—

ମଧୁସୂଦନ ଦାଶ
ସାଧାରଣ ସମ୍ପାଦକ

Digitized by PPRACHIN, SOA

# ମୁଖବନ୍ଧ

ପଣ୍ଡିତ ନୀଳକଣ୍ଠ ଦାଶଙ୍କ ମହାନ ଜୀବନକୁ ଭିତ୍ତି କରି ଅଧ୍ୟାପକ ଡଃ ଦିଗରାଜ ବ୍ରହ୍ମା କିଶୋର/କିଶୋରୀଙ୍କ ଉପଯୋଗୀ "ପଣ୍ଡିତ ନୀଳକଣ୍ଠ" ପୁସ୍ତକ ରଚନା କରିଛନ୍ତି । ପୁସ୍ତକଟିର ପ୍ରଥମ ଶୀର୍ଷକ ନାମଟି ମନକୁ ଘେନିଲା । ଓଡ଼ିଶା ମାଆଙ୍କ ପୁଅ ପରି ପୁଅଟିଏ ସେ । ମା' ତାଙ୍କୁ ଗୁହିଁ କହିଲା, "ପୁଅ ଭଳି ପୁଅ ମୁଁ ପାଇଲି ।" ମା' ପାଇଁ ସେ ମଧ୍ୟ ସିମିତି କଲେ । ମା'ର ହଜିଲା ଧନ ସବୁ ଖୋଜି ଆଣିବା ପାଇଁ ସେ ଅଣ୍ଟା ଭିଡ଼ି ଯୁଦ୍ଧ କରିଛନ୍ତି । ସବୁ ଓଡ଼ିଆ ଭଷୀ ଅଞ୍ଚଳ ଏକାଠି ନାହାନ୍ତି । ଥୋକେ ଆନ୍ଧ୍ରରେ ; ଥୋକେ ବଙ୍ଗଳାରେ ; ଆଉ କେତେକ ବିହାରରେ ତ ପୁଣି କେତେ ମଧ୍ୟପ୍ରଦେଶରେ । ମା'ଙ୍କ ଭଙ୍ଗା ହାଡ଼କୁ ଯୋଡ଼ିବା ପାଇଁ ମଧୁବାବୁ, ଆଗରୁ ଡାକରା ଦେଲେ । ସେ ଡାକ ଶୁଣି ପୁଅ ପରି ପୁଅଟିଏ ଆମ ପଣ୍ଡିତ ନୀଳକଣ୍ଠ ହୁଙ୍କାର ଦେଇ ଡେଇଁ ପଡ଼ିଲେ । ମାଆର କାମ କରି ପାରିଲେ ତ ଜନମ ସାର୍ଥକ । ସାର୍ଥକଜନ୍ମା ପଣ୍ଡିତ ନୀଳକଣ୍ଠ ମାତୃଭଷାର ଉନ୍ନତି ଓ ବିଚ୍ଛିନ୍ନାଞ୍ଚଳର ମିଶ୍ରଣ ପାଇଁ ପ୍ରାଣ ଢାଳିଦେଲେ ।

ପଣ୍ଡିତ ନୀଳକଣ୍ଠ ଜୀବନରେ ଯାହା ହୋଇଛନ୍ତି, ତା'ଠୁ ଅଧିକ ହୋଇ ପାରିଥା'ନ୍ତେ । ତଥାପି ସେଥିଲାଗି ଆମର ଭବିବାର ନାହିଁ ।

ପୁଅ ଭଳି ପୁଅଟିଏ ହୋଇ ସେ ଆଖି ବୁଜିଛନ୍ତି ଓ ଏ ଭଳି ହେବା ପାଇଁ ନିଜର ଉତ୍ତରାଧିକାରୀଙ୍କୁ ପ୍ରେରଣା ଦେଇଛନ୍ତି । ଏହାହିଁ ତାଙ୍କ ଜୀବନର ସାର୍ଥକତା । ସେ ସାର୍ଥକ ଜୀବନର ସରସ ଚିତ୍ର ଦିଗରାଜ ବ୍ରହ୍ମା ମହାଶୟ ଦେଇଛନ୍ତି ।

'ଗୋପବନ୍ଧୁଙ୍କ ଗହଣରେ ନର ସେବାର ମନ୍ତ୍ର', 'ସ୍ୱଦେଶୀ ପ୍ରତିଜ୍ଞାପତ୍ରରେ ସ୍ୱାକ୍ଷର', 'ମଣିଷ ଗଢ଼ା କାରଖାନାର ମଣିଗ ନୀଳକଣ୍ଠ',

Digitized by PPRACHIN, SOA

'ଉତ୍କଳ ଗୁରୁ ନୀଳକଣ୍ଠ', 'ବାଚସ୍ପତି ଆସନରେ ପଣ୍ଡିତଜୀ', "ନିଜେ ତ ନିଜର ଭୂଷଣ ; ସେଥିରେ ପୁଣି ପଦ୍ମଭୂଷଣ" ଭଳି ଶୀର୍ଷକ ଦେଇ ଲେଖକ ନୀଳକଣ୍ଠଙ୍କର ସାର୍ଥକ ଆଲୋଚନା କରିଛନ୍ତି ।

ପଣ୍ଡିତଜୀଙ୍କ ସହ ସମ୍ପର୍କ ମୋର ଭଞ୍ଜ ଓ ଭଞ୍ଜଜୟନ୍ତୀ ଜରିଆରେ । ପଣ୍ଡିତଜୀଙ୍କୁ ଭଞ୍ଜଜୟନ୍ତୀର ଉଦ୍‌ଘାଟକ ରୂପେ ବରଣ କରଯାଇ ଥାଏ । ପଣ୍ଡିତଜୀ ଗ୍ହିଲେ ତାଙ୍କ ଭଷଣର ଶ୍ରୁତଲିଖନ ନେବାକୁ ହେବ । ମୁଁ ସେତେବେଳକୁ ଅଧ୍ୟାପକ ହେଲିଣି । ମୁଁ ନିଜେ ସେ ଶ୍ରୁତଲିଖନ ନେବାକୁ ସୌଭଗ୍ୟ ମନେ କରି କାର୍ଯ୍ୟ ସମ୍ପାଦନ କଲି । ବହୁବାର ଭଞ୍ଜ ଜୟନ୍ତୀ ଅବକାଶରେ ଭଞ୍ଜଙ୍କ ଓଡ଼ିଆ ସଂସ୍କୃତି ସମ୍ବନ୍ଧରେ ଆଲୋଚନା ସେ କରିଛନ୍ତି । ତାଙ୍କର ନିଜସ୍ୱ ମନ୍ତବ୍ୟ ମନୋମୁଗ୍‌ଧକର ।

ଗୋଟିଏ କଥାରେ ମୁଁ ତାଙ୍କ ସହ ଏକମତ ନ ହେବା କଥା ସଭମାନଙ୍କରେ କହିଛି, କିନ୍ତୁ ତାଙ୍କ ଆଗରେ କହି ନାହିଁ । ତାହା ହେଲ, ଭଞ୍ଜ କୃଷ୍ଣଙ୍କ କଥା କହି ନାହାନ୍ତି କାରଣ, କୃଷ୍ଣ କଥା ପରକୀୟା ରସାଶ୍ରିତ ଥିବାରୁ ସମାଜକୁ ବିଶୃଙ୍ଖଳିତ କରିଛି । ଏବେ କୁହାଯାଉଛି । ଗୋପର କୃଷ୍ଣ ମହାଭରତର କୃଷ୍ଣ ନୁହନ୍ତି । ତା'ର ଆଲୋଚନାର କ୍ଷେତ୍ର ବର୍ତ୍ତମାନ ନୁହେଁ ।

ଅଟଳ ମହାମେରୁ ପଣ୍ଡିତ ନୀଳକଣ୍ଠ ବଜ୍ର ଗମ୍ଭୀର ସ୍ୱରରେ ତାଙ୍କ ମତ ବ୍ୟକ୍ତ କରି ନିଜସ୍ୱ ସ୍ୱାକ୍ଷର ଦେଇଯାଇଛନ୍ତି । ସେ ଜୀବନର ଆଲେଖ୍ୟ ସଦା ସୁନ୍ଦର ।

ଏହାର ମୁଖବନ୍ଧ ଲେଖିବାରେ ମନରେ ଗର୍ବ ଓ ଗୌରବ ଆସୁଛି ।

୩୦ । ୭ । ୯୧ ରଜତ କୁମାର କର

Digitized by PPRACHIN, SOA

# ପଣ୍ଡିତ ନୀଳକଣ୍ଠଙ୍କୁ ଜାଣିବାକୁ ହେଲେ, ପଢ଼ନ୍ତୁ :

| ବିଷୟ | ସାଧା | ବନ୍ଧେଇ |
|---|---|---|
| ୧ । ନୀଳକଣ୍ଠ ସ୍ମାରକୀ—୧ମ ଖଣ୍ଡ | ଟ ୨୦.୦୦ | ଟ ୨୫.୦୦ |
| ୨ । ନୀଳକଣ୍ଠ ସ୍ମାରକୀ—୨ୟ ଖଣ୍ଡ | ଟ ୩୦.୦୦ | ଟ ୩୬.୦୦ |
| ୩ । ନୀଳକଣ୍ଠ ସ୍ମାରକୀ—୩ୟ ଖଣ୍ଡ (ନୀଳକଣ୍ଠଙ୍କ ଭଷା ବିଗ୍ରହ—ରଷ୍ଟ୍ରୀୟ ବ୍ୟବସ୍ଥାପକ ନୀଳକଣ୍ଠ) | ଟ ୧୪.୦୦ | ଟ ୧୮.୦୦ |
| ୪ । ନୀଳକଣ୍ଠ ସ୍ମାରକୀ—୪ର୍ଥ ଖଣ୍ଡ (ଓଡ଼ିଆ ଶିଶୁ ସାହିତ୍ୟ ଓ ପଣ୍ଡିତ ନୀଳକଣ୍ଠ) | ଟ ୧୮.୦୦ | ଟ ୨୨.୦୦ |
| ୫ । ନୀଳକଣ୍ଠ ସ୍ମାରକୀ—୫ମ ଖଣ୍ଡ (ଦାର୍ଶନିକ ନୀଳକଣ୍ଠ) | ଟ ୧୬.୦୦ | ଟ ୨୦.୦୦ |
| ୬ । ମନୀଷୀ ନୀଳକଣ୍ଠ ଅଧ୍ୟାପକ ଚିନ୍ତାମଣି ଦାଶ ... | ଟ ୩୦.୦୦ | ଟ ୩୬.୦୦ |
| ୭ । ନରସିଂହ ମହାପାତ୍ରଙ୍କ ମନୀଷୀ ନୀଳକଣ୍ଠ ... | | ସାଧାରଣ ସଂସ୍କରଣ—ଟ ୧୦.୦୦<br>ସୁଲଭ ସଂସ୍କରଣ—ଟ ୭.୦୦ |
| ୮ । ପଣ୍ଡିତ ନୀଳକଣ୍ଠ ଜୀବନୀ ଓ କୃତି | | ସୁଲଭ ସଂସ୍କରଣ—ଟ ୨୦.୦୦<br>ଶୋଭନ ସଂସ୍କରଣ—ଟ ୩୦.୦୦ |
| ୯ । Pandit Nilakantha Das<br>Lila Ray | | Delux Edition Rs. 80 00<br>Ordinary Rs. 50.00 |
| ୧୦ । ବକୁଳ ବନର ଗୁରୁ—ଜାତୀୟ କବି ବୀର କିଶୋର | | ଟ ୩.୦୦ |
| ୧୧ । Utkala Guru Pandit Nilakantha<br>Dr K. C. Padhy | | Delux Rs 15.00<br>Ordinary Rs. 12.00 |
| ୧୨ । ପଣ୍ଡିତ ନୀଳକଣ୍ଠଙ୍କ ଅପ୍ରକାଶିତ ରଚନାବଳୀ (ଓଡ଼ିଆ ସାହିତ୍ୟର କ୍ରମ ପରିଣାମ-୩ୟ ଭାଗ) | | ସାଧା ସିଲେଇ—ଟ ୨୦.୦୦<br>ବୋର୍ଡ ବନ୍ଧାଇ-ଟ ୨୫.୦୦ |
| ୧୩ । ନୀଳକଣ୍ଠ ସ୍ମାରକୀ—୬ଷ୍ଠ ଖଣ୍ଡ (ଲୋକ ସଂସ୍କୃତିବିତ୍ ନୀଳକଣ୍ଠ) | | ସାଧା ସିଲେଇ—ଟ ୨୦.୦୦<br>ବୋର୍ଡ ବନ୍ଧାଇ—ଟ ୨୫.୦୦ |

ପ୍ରାପ୍ତିସ୍ଥାନ—ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି

୩୦୩, ଖାରବେଳ ନଗର, ଭୁବନେଶ୍ୱର—୧

Digitized by PPRACHIN, SOA

# ସୂଚୀପତ୍ର


| କ୍ର. ନଂ | ବିଷୟ | | ପୃଷ୍ଠା |
|---|---|---|---|
| ୧ । | ପୁଅ ପରି ପୁଅଟିଏ | ... | ୧ |
| ୨ । | ନୀଳକଣ୍ଠଙ୍କ ଦୟାରୁ ନୀଳକଣ୍ଠ | ... | ୨ |
| ୩ । | ନୀଳକଣ୍ଠଙ୍କ ବାଲ୍ୟ ଶିକ୍ଷା | ... | ୩ |
| ୪ । | ଗୃହାଳୀ ଛାଡ଼ିଲି, ଗୁରୁଙ୍କ ପଠାଅ | ... | ୪ |
| ୫ । | ପୁରୀ ଜିଲ୍ଲା ସ୍କୁଲରେ ନୀଳକଣ୍ଠ | ... | ୫ |
| ୬ । | ଉପାସନା—ପ୍ରତ୍ୟକ୍ଷ ଅନୁଭୂତିରୁ ସିନା ଶିକ୍ଷା | ... | ୫ |
| ୭ । | ଅଣ୍ଡାପାଣି କାହିଁକି, ବେକପାଣି ବି କରିଥା'ନ୍ତି | ... | ୭ |
| ୮ । | ଶିଶୁ ହୃଦୟରେ ଶିଶୁ-ପ୍ରାଣ ଚନ୍ଦ୍ର ମୋହନ | ... | ୭ |
| ୯ । | ଛାତ୍ର ଜୀବନରୁ ରୋଗୀ ସେବା | ... | ୯ |
| ୧୦ । | 'ବୟସ୍କମାନେ ଏହିପରି କହନ୍ତି' | ... | ୯ |
| ୧୧ । | ଗୋପବନ୍ଧୁଙ୍କ ଗହଣରେ ସେବାର ମନ୍ତ୍ର | ... | ୧୧ |
| ୧୨ । | ସ୍ୱଦେଶୀ ପ୍ରତିଜ୍ଞାପତ୍ରରେ ସ୍ୱାକ୍ଷର | ... | ୧୩ |
| ୧୩ । | ଯୌତୁକ ବିହୀନ ବିବାହ | ... | ୧୫ |
| ୧୪ । | ସତ୍ୟର ପୂଜାରୀ ସତ୍ୟବାଦୀରେ | ... | ୧୬ |
| ୧୫ । | ମଣିଷ ଗଢ଼ା କାରଖାନାର ମଣିଷ | ... | ୧୭ |
| ୧୬ । | ସତ୍ୟବାଦୀର ପ୍ରଧାନ ଶିକ୍ଷକ ନୀଳକଣ୍ଠ | | ୧୮ |
| ୧୭ । | ଗୁଳଘର ହେଲ କୋଠାଘର | ... | ୨୦ |
| ୧୮ । | ଅନ୍ୟ ଏକ ନାଳନ୍ଦାର ନାୟକ | ... | ୨୧ |
| ୧୯ । | ବୋମା ପ୍ରସ୍ତୁତକାରୀ ନୀଳକଣ୍ଠ | ... | ୨୩ |


Digitized by PPRACHIN, SOA

୨୦ । ନୀଳକଣ୍ଠ କିପରି ମଣିଷ ଗଢୁଥିଲେ ... ୨୪
୨୧ । କଲିକତା ବିଶ୍ୱବିଦ୍ୟାଳୟର ପ୍ରଫେସର ... ୨୫
୨୨ । ସ୍ୱାଧୀନତା ଆନ୍ଦୋଳନରେ ଯୋଗଦାନ ... ୨୬
୨୩। ରାଜନୈତିକ ଜୀବନ ଆରମ୍ଭ—କଲିକତାରୁ ସମ୍ବଲପୁର ... ୨୭
୨୪ । ଗାନ୍ଧୀଜୀଙ୍କ ସହିତ ନୀଳକଣ୍ଠ ... ୨୯
୨୫ । କେନ୍ଦ୍ର ବ୍ୟବସ୍ଥା ସଭରେ 'ଓଡ଼ିଶାର ସିଂହ' ... ୩୦
୨୬ । କର୍ଣ୍ଣଧାରଙ୍କ ଶେଷ ଶଯ୍ୟାରେ ନୀଳକଣ୍ଠ ... ୩୧
୨୭ । ପୁରୀରେ ପ୍ରସ୍ତାବିତ କଂଗ୍ରେସ ଅଧିବେଶନ ... ୩୨
୨୮ । ଓଡ଼ିଶାର ପ୍ରଥମ ବିଧାନ ସଭ ନିର୍ବାଚନ ... ୩୪
୨୯ । ଜୀବନର ଦୁଇଟି ପାର୍ଶ୍ୱ : ସଫଳତା ଓ ବିଫଳତା ... ୩୫
୩୦ । ଓଡ଼ିଶା ପ୍ରଦେଶର ଯଥାର୍ଥ ଜନକ ... ୩୬
୩୧ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ନୀଳକଣ୍ଠଙ୍କର ବହୁଦିନର ... ୩୬
ସ୍ୱପ୍ନ—ନାନାବିଧ ପ୍ରଚେଷ୍ଟା
୩୨ । କେନ୍ଦ୍ର ବ୍ୟବସ୍ଥା ସଭରେ ଦାବୀ ଉପସ୍ଥାପନା ... ୩୮
୩୩ । କଲିକତା କଂଗ୍ରେସ ଅଧିବେଶନ-ଗାନ୍ଧିଜୀଙ୍କ ମଧ୍ୟସ୍ଥତା... ୩୮
୩୪ । ସରକାରଙ୍କ ତରଫରୁ ସମାଧାନର ଉଦ୍ୟମ ... ୩୯
୩୫ । କେନ୍ଦ୍ର ସଭରେ ନୀଳକଣ୍ଠଙ୍କର ଅନ୍ୟାନ୍ୟ କୃତି ... ୪୦
୩୬ । ନୀଳକଣ୍ଠଙ୍କ ଜେଲ ଜୀବନ ... ୪୧
୩୭ । ବିପ୍ଳବୀ ସୁଭାଷ ଓ ବିପ୍ଳବର ବାର୍ତ୍ତାବହ ନୀଳକଣ୍ଠ ... ୪୪
୩୮ । ସୁଭାଷଙ୍କ ସହ ଘନିଷ୍ଠ ସମ୍ପର୍କ ... ୪୫
୩୯ । ଉତ୍କଳ ଗୁରୁ ନୀଳକଣ୍ଠ ... ୪୭
୪୦ । ପଣ୍ଡିତଜୀ ଓ ଓଡ଼ିଶାରେ ମିଳିତ ମନ୍ତ୍ରୀମଣ୍ଡଳ ... ୪୮
୪୧ । ନେତାଜୀଙ୍କ ସଙ୍ଗେ ପୂର୍ବ ରଣାଙ୍ଗନରେ ସମ୍ପର୍କ
ସ୍ଥାପନର ବିଫଳ ଉଦ୍ୟମ ... ୫୦


Digitized by PPRACHIN, SOA

୪୨ । ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ... ୫୧

୪୩ । ପୂର୍ବ ରଣାଙ୍ଗନରେ ନେତାଜୀଙ୍କର ଆଜାଦ
ହିନ୍ଦ୍ ଫୌଜ (INA) ଗଠନ ... ୫୩

୪୪ । ଆଜାଦ୍ ହିଂନ୍ଦ୍ ଫୌଜ ହିଁ ଭାରତର ସ୍ୱାଧୀନତା
ତ୍ୱରାନ୍ୱିତ କରିଥିଲେ ... ୫୪

୪୫ । ୧୯୫୧ ନିର୍ବାଚନକୁ ନୀଳକଣ୍ଠଙ୍କୁ କଂଗ୍ରେସ ଟିକେଟ୍-
ମିଳିଲା ନାହିଁ ନୀରବ ସାହିତ୍ୟ ସାଧନାରେ ରହିଲେ ... ୫୫

୪୬ । ସ୍ୱାଧୀନ ଜନସଙ୍ଘର ସଭାପତି—'ଓଡ଼ିଶାର ମହାବଳ' ... ୫୫

୪୭ । ପଣ୍ଡିତଜୀଙ୍କର କଂଗ୍ରେସକୁ ପ୍ରତ୍ୟାବର୍ତ୍ତନ ... ୫୭

୪୮ । ୧୯୫୭ ନିର୍ବାଚନରେ ସତ୍ୟବାଦୀରୁ ବିନା
ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହେବା ... ୫୮

୪୯ । ବାଚସ୍ପତି ଆସନରେ ପଣ୍ଡିତଜୀ ... ୫୯

୫୦ । ବିଧାନ ସଭାକୁ ପ୍ରଥମ ଅବଦାନ ... ୫୯

୫୧ । ବାଚସ୍ପତି ପଦ ଓ ତହିଁର ସମ୍ମାନ ... ୬୦

୫୨ । ବିଧାନ ସଭାକୁ ଦ୍ୱିତୀୟ ଅବଦାନ ... ୬୦

୫୩ । ନିଜେ ତ ନିଜର ଭୂଷଣ ତହିଁରେ ପୁଣି 'ପଦ୍ମଭୂଷଣ' ... ୬୧

୫୪ । ସାହିତ୍ୟର ରଥୀ, ସାହିତ୍ୟ ଏକାଡ଼େମୀର ସଭାପତି ... ୬୩

୫୫ । ପଣ୍ଡିତଜୀଙ୍କ ଆତ୍ମଜୀବନୀ—ସାହିତ୍ୟ ପଥର ଏକ
ମାଇଲ ସ୍ତମ୍ଭ ... ୬୪

୫୬ । ଜୀବନର ଶେଷ ପଥେ ... ୬୬

୫୭ । ମହାପୁରୁଷଙ୍କ ମହା ପ୍ରୟାଣ ... ୬୭

୫୮ । ଶେଷ ଶ୍ରଦ୍ଧାଞ୍ଜଳି ... ୬୮


Digitized by PPRACHIN, SOA

# ପୁଅ ପରି ପୁଅଟିଏ

ପୁରୀ ଜିଲ୍ଲାର ସତ୍ୟବାଦୀ ନିକଟରେ ଗାଁଟିଏ– ନାମ ଶ୍ରୀରାମଚନ୍ଦ୍ର ପୁର । ସେହି ଗ୍ରାମର ଏକ ନୈଷ୍ଠିକ ବ୍ରାହ୍ମଣ ପରିବାରରେ ବାସ କରୁଥିଲେ ଜଣେ ଭଦ୍ର ବ୍ୟକ୍ତି । ନାମ ଆନନ୍ଦ ଦାସ । ସେ ଥିଲେ ଜଣେ ଖୁବ୍ ବଡ଼ ପଣ୍ଡିତ ମୁକୁନ୍ଦ ଦାସଂକ ବଂଶଧର ।

ଆନନ୍ଦ ଦାସ ଅଳ୍ପ ବୟସରୁ ପିତୃହୀନ ଥିଲେ । ୨୮ ବର୍ଷ ବୟସରେ ତାଙ୍କ ପିତାଙ୍କର ହଇଜା ରୋଗରେ ଦେହାବସାନ ଘଟିଥିଲା । ପିତାଙ୍କ କରଜ ଶୁଝା ହୋଇ ନ ପାରିବାରୁ ତାଙ୍କର ସମସ୍ତ ସମ୍ପତ୍ତି ନିଲାମ ହୋଇଗଲା । ଦୁଃଖ ଦାରିଦ୍ର୍ୟ ମଧ୍ୟରେ ତାଙ୍କୁ ସମୟ ଅତିବାହିତ କରିବାକୁ ପଡୁଥିଲା ।

ମାତ୍ର ବିପଦରେ ଦବିଯିବାର ଲୋକ ସେ ନ ଥିଲେ । ଜୀବନ ସହିତ ସଂଗ୍ରାମ କରି ଠିଆ ହେବା ଲାଗି ସେ ଲୋକବାକ ଲଗାଇ ଋଷ କାର୍ଯ୍ୟ ଆରମ୍ଭ କଲେ । ସେତେବେଳେ ଋଷ କାର୍ଯ୍ୟ ବ୍ରାହ୍ମଣ ସମାଜରେ ଚଳୁ ନଥିଲା । ତେଣୁ ତାଙ୍କର ଏଇ ଋଷ କାମ ବ୍ରାହ୍ମଣମାନଙ୍କୁ ଅସୁଖ ଲାଗିଲା ।

ଦିନକର ଘଟଣା । ଆନଂଦ ଦାସେ ମୂଲିଆଙ୍କ ହାତରେ ଗୋଟିଏ ଙ୍କଂତ ଧରାଇ ଦାଲୁଅ ପାଟକୁ ଯାଉଥାନ୍ତି । ଗାଁର ଜଣେ ସମ୍ମାନିତ ବୃଦ୍ଧ ବ୍ୟକ୍ତି ତାଙ୍କୁ ଥଟ୍ଟା କରି କହିଲେ, "ହଇ ହେ ଦାସେ, ଏ କ'ଣ ମୁକୁନ୍ଦ ଦାସଙ୍କ ପୁରାଣ ପୋଥି ବାହାରିଲା ?"

ସେତିକିରେ ଦାସେ ସେଇଠାରୁ ଘରକୁ ଫେରିଆସିଲେ । ବହୁତ କାନ୍ଦିଲେ । ପାଠ ପଢିବାକୁ ବେଳ ବଅସ ନଥିଲା । ମହାପ୍ରଭୁଙ୍କୁ ଡାକି

Digitized by PPRACHIN, SOA

କହିଲେ, "ମହାପ୍ରଭୁ, ମୋତେ ପୁଅ ପରି ପୁଅଟିଏ ଦିଅ, ସେ ଯେପରି ପାଠ ପଢି ମୋ ବଂଶର ମର୍ଯ୍ୟାଦା ରଖିବ ।"

ସତକୁ ସତ, ସେହି ପରିବାରରେ ପୁଅ ପରି ପୁଅଟିଏ ଜନ୍ମ ହେଲା, ୧୮୮୪ ମସିହା ଅଗଷ୍ଟ ୫ ତାରିଖ ଗହ୍ମା ପୂର୍ଣ୍ଣିମାର ପୂର୍ବ ଦିନ, ଯିଏକି ପରବର୍ତ୍ତୀକାଳରେ ଖାଲି ନିଜ କୁଳର ମର୍ଯ୍ୟାଦା ରଖିଲେ ନାହିଁ, ଆମ ଓଡ଼ିଆ ଜାତିର ମାନ ମର୍ଯ୍ୟାଦାକୁ କାଳ କାଳ ପାଇଁ ଉଚ୍ଚରେ ଥୋଇଗଲେ ।

ସେହି ପୁଅ ଜଣଙ୍କ ହେଉଛନ୍ତି କଣ୍ଠ–ପଣ୍ଡିତ ନୀଳକଣ୍ଠ ଦାସ । ସମସ୍ତେ ଜାଣନ୍ତି ତାଙ୍କୁ ପଂଡ଼ିତ ନୀଳକଣ୍ଠ ବୋଲି । ଖାଲି ନୀଳକଂଠ କହିଲେ ବି ଓଡ଼ିଶାର ଶତସହସ୍ର ସେହି ନାମଧାରୀ ଲୋକଂକ ମଧ୍ୟରେ ଏଇ ବ୍ୟକ୍ତିଂକୁ ହିଁ ବୁଝାଏ । ସେ ଥିଲେ ପିତା ଆନନ୍ଦ ଦାସ ଓ ମାତା ହୀରା ଦେବୀଙ୍କ ଅଷ୍ଟମ ଗର୍ଭର ସନ୍ତାନ । ଶିଶୁ ମୃତ୍ୟୁର ହାର ସେ କାଳରେ ଅତି ଅଧିକ ଥିବା ହେତୁ ନୀଳକଣ୍ଠଙ୍କ ପୂର୍ବରୁ ୨ଟି ପୁଅ ଓ ୨ଟି ଝିଅ ମରିଯାଇଥିଲେ । ବଞ୍ଚିଥିବା ଝିଅ ତିନିଙ୍କ ନାମ ସେବତୀ, ମାଣିକ ଓ ନିମ ।

## ନୀଳକଣ୍ଠଙ୍କ ଦୟାରୁ ନୀଳକଣ୍ଠ

ପରିଣତ ବୟସରେ ପୁତ୍ର ସନ୍ତାନଟିଏ ପାଇବା ପାଇଁ ପିତାମାତା ଖୁବ୍ ବ୍ୟାକୁଳ ହେଉଥିଲେ । ବହୁ ଦେବଦେବୀଙ୍କୁ ପୂଜା ଓ ଆରାଧନା କରିଥିଲେ । ଶେଷରେ ପାଖ ଗାଁ ନୀଳକଣ୍ଠ ମହାଦେବଙ୍କର ଶରଣାପନ୍ନ ହେଲେ । ପ୍ରତିଦିନ ବର ମାଇପ, ଦୁହେଁ ଗାଁରୁ ୮ କିଲୋମିଟର ବାଟ ଚାଲି ଚାଲି ଯାଇ ନୀଳକଣ୍ଠ ମହାଦେବଙ୍କ ସେବା ପୂଜା କରି ଫେରିଲେ ପାନାହାର କରୁଥିଲେ । ଠାକୁରେ ଆଗରୁ ସପନେଇଥିବା ଅନୁସାରେ ନୀଳକଣ୍ଠଙ୍କ ଦୟାରୁ ପୁଅଟି ପାଇଲେ ବୋଲି ସେମାନେ ବିଶ୍ୱାସ କଲେ ଓ ପୁଅଟିର ନାମ ଦେଲେ ନୀଳକଣ୍ଠ । ମହାଦେବଂକ ପରି ନୀଳକଣ୍ଠ ଯେ କେତେ ଗରଳ ତାଙ୍କ ଜୀବନରେ ପାନ କରିଛନ୍ତି, ପିଲାଏ ବଡ଼ ହେଲେ ଜାଣିପାରିବେ ।

Digitized by PPRACHIN, SOA

# ନୀଳକଣ୍ଠଙ୍କ ବାଲ୍ୟ ଶିକ୍ଷା

ନୀଳକଣ୍ଠଙ୍କ ବାଲ୍ୟ ଶିକ୍ଷା ଗାଁ ଚଟାଶାଳୀରେ ଆରମ୍ଭ ହେଲା । ଅବଧାନଙ୍କ ନିକଟରୁ ଦେଢ଼ବର୍ଷ ପର୍ଯ୍ୟନ୍ତ ସେ ଏଇ ଚଟାଶାଳୀରେ ଶିକ୍ଷାଲାଭ କରିଥିଲେ । ପରେ ନିଜ ଗ୍ରାମର ମଧ୍ୟ ଓଡ଼ିଆ ବା ମିଡ଼ିଲ ଭର୍ଣ୍ଣାକୁଲାର ସ୍କୁଲରେ ସେ ଚାରିବର୍ଷ ପାଇଁ ଅଧ୍ୟୟନ କରିଥିଲେ ।

ଏଇ ସ୍କୁଲରେ ପାଠ ପଢ଼ିଲା ବେଳେ ନୀଳକଣ୍ଠଙ୍କ ବୁଦ୍ଧିମତ୍ତା ଜଣା ପଡ଼ିଥିଲା । ସେ ବିଶେଷ ଭାବରେ ତାଙ୍କ ସମ୍ପର୍କୀୟ କକେଇ ପଣ୍ଡିତ ହରିହର ଦାସଙ୍କଦ୍ୱାରା ପ୍ରଭାବିତ ହୋଇଥିଲେ । ହରିହର ନିଜେ ସଂସ୍କୃତ ପ୍ରେମୀ ଥିଲେ । ଏଇ ହରିହର ହିଁ ପରେ ପୁରୀରେ ସଂସ୍କୃତ କଲେଜ ପ୍ରତିଷ୍ଠା କରିଥିଲେ । ସେ ଲୋକନାଥ ଦାସ ବୋଲି ଜଣେ ବଡ଼ ପଣ୍ଡିତଙ୍କୁ ଏଇ ମଧ୍ୟ ଓଡ଼ିଆ ସ୍କୁଲରେ ରଖାଇଥିଲେ । ଏତେବେଳକୁ ସେ ବୁଢ଼ା ହେଲେ କ'ଣ ହେବ, ସେ ଭାରି ଦୂରଦର୍ଶୀ ଥିଲେ । ସେ ଯାହାକୁ ଯାହା କହୁଥିଲେ, ତାହା ଘଟୁଥିଲା । ସେହିପରି ଏକ ଭବିଷ୍ୟତ ବାଣୀ ନୀଳକଣ୍ଠଙ୍କ ସମ୍ପର୍କରେ ସେ କହିଥିଲେ ।

କଥା ହେଉଛି, ନୀଳକଣ୍ଠ ଥିଲେ ସହପାଠୀଙ୍କ ଭିତରେ ସବା ସାନ । ତେଣୁ ବଡ଼ମାନେ ତାଙ୍କୁ ଅନେକ ସମୟରେ ହଇରାଣ ହରକତ କରୁଥିଲେ । ନୀଳକଣ୍ଠଙ୍କ ପାଖେ ସବୁ ବହି ନ ଥିଲା; ସେମାନଙ୍କର ବହିଥାଇ ନୀଳକଣ୍ଠ ମାଗିଲେ ଦେଉ ନ ଥିଲେ । ପାଠ ପଚାରିଲେ କେହି କିଛି ବି କହି ଦେଉ ନ ଥିଲେ । ବରଂ ନୀଳକଣ୍ଠଙ୍କ ଉପରେ ବିରକ୍ତ ହେଉଥିଲେ ।

ଦିନେ ନୀଳକଣ୍ଠ ପଣ୍ଡିତ ଲୋକନାଥଙ୍କୁ ନିଦରୁ ଉଠାଇ ବଡ଼ପିଲାମାନଙ୍କ ଏପରି ଆଚରଣ ବିରୁଦ୍ଧରେ ଆପତ୍ତି କଲେ । ପଣ୍ଡିତେ ବଡ଼ମାନଙ୍କ ଆଡ଼କୁ ଟିକିଏ ଚାହିଁ କହିଲେ, "ଆରେ, ଆଜି ତମେ ତାକୁ ଏକୁଟିଆ କରୁଚ, ଏବେ କିଛି ବୁଝିପାରୁନ । ପରେ ସବୁ ଜାଣିବ । ତା' ଗାମୁଛା ବୋହିବାକୁ ବି ତମେ ଯୋଗ୍ୟ ହେବ ନାହିଁ ।" ପଣ୍ଡିତେ ତାଙ୍କଠାରେ କ'ଣ ଠଉରାଇ

Digitized by PPRACHIN, SOA

ଥିଲେ ସେ ଜାଣନ୍ତି—ମାତ୍ର ସେ ଦିନର ପଣ୍ଡିତ ମହାଶୟଙ୍କର ଏଇ କେଇପଦ କଥାରୁ ଜଣା ପଡ଼ିଥିଲା ଯେ ବାଳକ ନୀଳକଣ୍ଠ ଦିନେ ନା ଦିନେ ବଡ଼ ମଣିଷ ହେବେ ।

## ଗୃହାଲୀ ଛାଡ଼ିଲି, ଗୃଉଳ ପଠାଅ

ନୀଳକଣ୍ଠଙ୍କୁ ଦଶ ବର୍ଷ ବୟସ ହେଲା ବେଳକୁ ସେ ପ୍ରଥମ ଶ୍ରେଣୀ (ଏବର ମାଇନ୍‌ର୍) ରେ ପଢୁଥିଲେ । ବୃତ୍ତି ପରୀକ୍ଷା ଦେଲେ । ପିଲାଟିକୁ ଗାଁରୁ ବାହାରକୁ ଅଧିକ ପାଠ ପଢ଼ିବା ପାଇଁ ଏତେ ଶୀଘ୍ର ଛାଡ଼ିବାକୁ କେହି ରାଜି ନ ଥିଲେ ।

ବୃତ୍ତି ମିଳିବ କି ନ ମିଳିବ ତା'ର କିଛି ଠିକଣା ନ ଥିଲା । ଘରୁ ପଇସା ଯୋଗାଇ ପିଲାଟିକୁ ପାଠ ପଢ଼ାଇବାକୁ ପିତାଙ୍କ ନିକଟରେ ମଧ୍ୟ ପଇସା ନ ଥିଲା । ମାତ୍ର ପାଠ ପଢ଼ିବାକୁ ବାଳକ ନୀଳକଣ୍ଠଙ୍କ ମନରେ ଅତୀବ ଆଗ୍ରହ ।

ଦିନେ ସେ କାହାକୁ କିଛି ନ କହି ଘରୁ ଲୁଚିକରି ୧୬ କିଲୋ-ମିଟର ବାଟ ଚାଲି ଚାଲି ଯାଇ ପୁରୀରେ ପହଞ୍ଚିଲେ । ବୃତ୍ତି ପରୀକ୍ଷା ଦେବାକୁ ଗଲାବେଳେ ସେ ପୁରୀ ଜିଲ୍ଲା ସ୍କୁଲର ଛାତ୍ରାବାସରେ ରହୁଥିଲେ । ସେଠା ଲୋକଙ୍କ ସହିତ ମଧ୍ୟ ପରିଚିତ ହୋଇଥିଲେ ।

ସେହିପରି ଜଣେ ପରିଚିତ ବ୍ୟକ୍ତି ଥିଲେ ପଣ୍ଡିତ ଜଗନ୍ନାଥ ମିଶ୍ର । ସେ ଥିଲେ ନୀଳକଣ୍ଠଙ୍କ କକେଇଙ୍କ ଜ୍ୱାଇଁ । ସେ ଯାଇ ଛାତ୍ରାବାସରେ ଥିବା ଜଗନ୍ନାଥ ମିଶ୍ରଙ୍କ ନିକଟରେ ପହଞ୍ଚିଲେ । ତାଙ୍କଠାରୁ ପଇସାଟିଏ ଧାର କଲେ । ଖଣ୍ଡିଏ ପୋଷ୍ଟକାର୍ଡ଼ କିଣି ନନାଙ୍କ ନିକଟକୁ ଚିଠିଟିଏ ଲେଖିଲେ । "ମୁଁ ବୃତ୍ତି ପାଏ ନ ପାଏ, ଏଠି ରହି ପଢ଼ିବି । ମୋ ପାଇଁ ଚାଉଳ ଓ ଟଙ୍କା ପଠାଅ ।" ପୁଅଠାରୁ ଚିଠି ପାଇ ପିତା ଆନନ୍ଦ ଦାସଙ୍କ ଚିନ୍ତା ବଢ଼ିଗଲା । ଏତେ ଟଙ୍କା ସେ ପାଇବେ କେଉଁଠୁ ?

Digitized by PPRACHIN, SOA

ଅଳ୍ପଦିନ ଭିତରେ "ଉତ୍କଳ ଦୀପିକା"ରୁ ସେ ଜାଣିବାକୁ ପାଇଲେ ଯେ ପୁତ୍ର ନୀଳକଣ୍ଠ ବୃତ୍ତି ପାଇଛି ଓ ପାଶ୍ କରିଥିବା ପିଲାଙ୍କ ଭିତରେ ସବା ଉପରେ ତାଙ୍କ ପୁଅର ନାମ ଛପା ହୋଇଛି । ଚ୍ଚରିଟଙ୍କା ଲେଖାଏଁ ମାସକୁ ବୃତ୍ତି ପାଇବ ।

ସେଦିନ ପିତା ଆନନ୍ଦ ଦାସଙ୍କ ଆନନ୍ଦ ଦେଖେ କିଏ !

## ପୁରୀ ଜିଲ୍ଲା ସ୍କୁଲରେ ନୀଳକଣ୍ଠ

ବୃତ୍ତି ପାଇ ପୁରୀ ଜିଲ୍ଲା ସ୍କୁଲରେ ଯାଇ ସବା ତଳ ଶ୍ରେଣୀ (୬ଷ୍ଠ)ରେ ପାଠ ପଢ଼ିଲେ ନୀଳକଣ୍ଠ । ତା'ର କାରଣ ହେଲା, ଗାଁ ଭର୍ଗ୍ଗାକୁଲର ସ୍କୁଲରେ ଇଂରେଜୀ ପଢ଼ାଯାଉ ନ ଥିଲା ।

ପରେ କିନ୍ତୁ ଡବଲ୍ ପ୍ରମୋସନ ପାଇ ସେ ଆଜିକାଲିର ଅଷ୍ଟମ ଶ୍ରେଣୀ (ସେବର ଫୋର୍ଥ କ୍ଲାସ)ରେ ପାଠ ପଢ଼ିବାର ସୁଯୋଗ ଲଭ କଲେ ।

ସେତେବେଳେ ସେ ମାଇକେଲ୍ ମଧୁସୂଦନଙ୍କ ଗ୍ରନ୍ଥାବଳୀ ଓ ବଙ୍କିମ ଚଟ୍ଟୋପାଧ୍ୟାୟଙ୍କ ରଚିତ କେତେକ ଉପନ୍ୟାସ ପଢ଼ି ପାରିଥିଲେ । ମାସକ ମଧ୍ୟରେ ବ୍ୟାକରଣ କୌମୁଦୀ ପଢ଼ି ସଂସ୍କୃତ ବ୍ୟାକରଣର ସନ୍ଧି, କୃଦନ୍ତ, ତଦ୍ଧିତ ଆଦି ମଧ୍ୟ ସହଜରେ ଆୟତ୍ତ କରି ପାରିଥିଲେ । ନିମାଇଁ ବଲ୍ଲଭ ବିଦ୍ୟାସାଗରଙ୍କ "ସର୍ବସାର ବ୍ୟାକରଣ" ବି ସେ ବଡ଼ ଖୁସିରେ ପଢ଼ିଥିଲେ ।

## ଉପାସନା, ପ୍ରତ୍ୟକ୍ଷ ଅନୁଭୂତିରୁ ସିନା ଶିକ୍ଷା

ପୁରୀ ଜିଲ୍ଲା ସ୍କୁଲରେ ପଢୁଥିଲାବେଳେ ନୀଳକଣ୍ଠଙ୍କର ପ୍ରଧାନ ଶିକ୍ଷକ ଥିଲେ ସ୍ୱର୍ଗତ ଚନ୍ଦ୍ର ମୋହନ ମହାରଣା । ସେ ଥିଲେ ଜଣେ ଉଦାରଚେତା ଓ ଗୁଣଗ୍ରାହୀ ଲୋକ । ପିଲମାନଙ୍କ ପାଇଁ ତାଙ୍କ ମନରେ ବେଶ୍ ସ୍ନେହ ଥିଲା । ସେମାନଙ୍କ ବିରୁଦ୍ଧରେ କିଏ କେବେ ଅଭିଯୋଗ କଲେ ସେ ମନଯୋଗ ସହକାରେ ସବୁ ବୁଝୁଥିଲେ । ଉପଯୁକ୍ତ ନ୍ୟାୟ ବି ଦେଉଥିଲେ ।

Digitized by PPRACHIN, SOA

ଥରେ ଚନ୍ଦ୍ର ମୋହନ ନୀଳକଣ୍ଠଙ୍କ ଶ୍ରେଣୀରେ ଭିଲେଜ ବ୍ଲାକ ସ୍ମିଥ (Village Black Smith) ବା "ଗାଁ କମାର" ପଦ୍ୟର Here's the Parson pray and preach (ହିଅର୍‌ସ ଦି ପାରସନ୍ ପ୍ରେ ଆଣ୍ଡ୍ ପ୍ରିଚ୍) " ଅଂଶଟି ପଢ଼ାଉଥିଲେ । ପ୍ରସଙ୍ଗକ୍ରମେ ଗୀର୍ଜା କଥା ପଡ଼ିଲା । ଗୀର୍ଜାରେ କିପରି ଖ୍ରୀଷ୍ଟିୟାନମାନେ ପ୍ରାର୍ଥନା କରନ୍ତି, ସେ ସଂପର୍କରେ ଚନ୍ଦ୍ର ମୋହନ ପିଲମାନଙ୍କୁ ବୁଝାଇଥିଲେ ।

ସେତିକିରେ କଥାଟି କିଂତୁ ସରିଲା ନାହିଁ । ଗୀର୍ଜାରେ କିପରି ପ୍ରାର୍ଥନା କରଯାଏ, ତା' ଦେଖିବାକୁ ବାଳକ ନୀଳକଣ୍ଠ ତାଙ୍କର କେତେ ଜଣ ସାଙ୍ଗସାଥିଙ୍କ ସହିତ ରବିବାର ଦିନ ଗ୍ଲଲିଲେ ଗୀର୍ଜାକୁ ।

ଉପାସନା ଦେଖି ସିନା ଫେରିଲେ, ମାତ୍ର ଏଇ ଗୀର୍ଜାକୁ ଯିବା ନେଇ ଏକ ଝଡ ସୃଷ୍ଟି କଲେ, ବିଦ୍ୟାଳୟର ପଣ୍ଡିତ ମହାଶୟ ସଦା ଶିବ ଦାଶ । ସେ ଯାଇ ପ୍ରଧାନ ଶିକ୍ଷକ ମହାରଣା ବାବୁଙ୍କ ନିକଟରେ ଅଭିଯୋଗ କଲେ ଯେ, "ନୀଳକଣ୍ଠ, ତା'ର ସାଙ୍ଗସାଥିଙ୍କ ସହିତ ଗତ ରବିବାର ଦିନ ଗୀର୍ଜାକୁ ଯାଇଥିଲା । ଏଥିରେ ଆମ ହିନ୍ଦୁ ଧର୍ମ ନଷ୍ଟ ହେଲା । ତେଣୁ ଏପରି କାର୍ଯ୍ୟପାଇଁ ଆପଣ ତାଙ୍କୁ ଦଣ୍ଡ ଦିଅନ୍ତୁ ।"

ପଣ୍ଡିତ ମହାଶୟଙ୍କ ଅଭିଯୋଗ ଶୁଣି ପ୍ରଧାନ ଶିକ୍ଷକ ଚନ୍ଦ୍ରମୋହନ ସଙ୍ଗେ ସଙ୍ଗେ ନୀଳକଣ୍ଠଙ୍କୁ ତାଙ୍କ ଅଫିସକୁ ଡ଼କାଇ ପଠାଇଲେ । ନୀଳକଣ୍ଠ ପ୍ରଧାନ ଶିକ୍ଷକଙ୍କ ନିକଟରେ ଯଥା ସମୟରେ ଉପସ୍ଥିତ ହେଲେ । ଚନ୍ଦ୍ରମୋହନ ପଗ୍ଚରିଲେ, "ନୀଳକଣ୍ଠ, ତୁମେ ଗୀର୍ଜାକୁ ରବିବାର ଦିନ ଯାଇଥିଲ ?" ନୀଳକଣ୍ଠ କହିଲେ, "ଆଜ୍ଞା, ହଁ," ନିର୍ଭୀକ ଭବେ ପୁଣି କହିଲେ, "ମୋ ସହିତ କେତେକ ସାଙ୍ଗସାଥି ମଧ୍ୟ ଯାଇଥିଲେ ।" "ଗୀର୍ଜା ତ ଖ୍ରୀଷ୍ଟିଆନମାନଙ୍କର ମନ୍ଦିର, ତୁମେ ହିନ୍ଦୁ ହୋଇ ସେଠାକୁ କାହିଁକି ଯାଇଥିଲ ?" ଧୈର୍ଯ୍ୟର ସହିତ ପ୍ରଧାନ ଶିକ୍ଷକ ପଗ୍ଚରିଲେ ।

ନୀଳକଣ୍ଠ–"ଆପଣ କାଲି ଖ୍ରୀଷ୍ଟିୟାନମାନଙ୍କ ଉପାସନା ସମ୍ପର୍କରେ ଶିକ୍ଷାଦାନ କରିଥିଲେ । ମୁଁ ଭବିଲି ଉପାସନା କଥା ପ୍ରତ୍ୟକ୍ଷ ଅନୁଭୂତିରୁ ଜାଣିବା ପାଇଁ, ଗୀର୍ଜାରେ ସମସ୍ତେ ସବୁ ଦେଖି ଫେରିଲୁ ।"

Digitized by PPRACHIN, SOA

ନୀଳକଣ୍ଠଙ୍କ ସମୀଚୀନ ଉତ୍ତର ପାଉ ଛାତ୍ରବତ୍ସଳ ପ୍ରଧାନ ଶିକ୍ଷକଙ୍କ ଅଧରରେ ଟିକିଏ ହସ ଫୁଟି ଉଠିଲା । ସେ ଖୁସି ହୋଇ କହିଲେ, "ଓଃ, ଏଇଥି ପାଇଁ ଯାଇଥିଲ । ହଉ ଯାଅ ।"

## "ଅଣ୍ଟା ପାଣି କାହିଁକି, ବେକ ପାଣି ବି କରିଥାନ୍ତି"

ପଣ୍ଡିତେ ଭବିଥିଲେ ଯେ ନୀତିବାଦୀ ପ୍ରଧାନ ଶିକ୍ଷକ ନୀଳକଣ୍ଠଙ୍କୁ ଧର୍ମଦ୍ରୋହ ଅପରାଧରେ ବିଦ୍ୟାଳୟରୁ ବିଦା କରିଦେବେ । ପ୍ରଧାନ ଶିକ୍ଷକ କିଛି ଦଣ୍ଡ ଦେଇ ନଥିବା ଜାଣିପାରି ପଣ୍ଡିତେ ନୀଳକଣ୍ଠ ଫେରିଲା ବେଳକୁ ତାଂକୁ ପଚାରିଲେ, "ନୀଳକଣ୍ଠ, ଗୀର୍ଜାରେ ତ ତୁମେ ଖ୍ରୀଷ୍ଟିୟାନମାନଙ୍କୁ ଛୁଇଁଥିବ, ଏଥିରେ ତୁମର କ'ଣ ଜାତି ଗଲା ନାହିଁ ।"

ନିର୍ଭୀକ ନୀଳକଣ୍ଠ ପଣ୍ଡିତ ମହାଶୟଙ୍କୁ ସଙ୍ଗେ ସଙ୍ଗେ ଉତ୍ତର ଦେଲେ, "ଆପଣ ତ ସେ ଦିନ ଗୋରା ରଏଟର ସାହେବଙ୍କ ସହିତ କର ମର୍ଦ୍ଦନ କରିଥିଲେ । ସେତେବେଳେ ଆପଣଙ୍କ ଜାତିଟାକୁ କ'ଣ ଘରେ ରଖି ଆସିଥିଲେ ?"

ପଣ୍ଡିତେ ନୀଳକଣ୍ଠଙ୍କ ଠାରୁ ଏପରି ଏକ ପ୍ରତ୍ୟୁତ୍ତର ପାଇବେ ବୋଲି ଆଶା କରି ନ ଥିଲେ । ସେ ଟିକିଏ ଅପ୍ରତିଭ ହୋଇ ସଙ୍ଗେ ସଙ୍ଗେ କହି ଉଠିଲେ, "ଆମେତ କର ମର୍ଦ୍ଦନ ପରେ ସେଠୁଁ ଯାଇ ଅଣ୍ଟା ପାଣି କରିଥିଲୁ ।"

ପଣ୍ଡିତଙ୍କ କଥା ଶୁଣି ବୁଦ୍ଧିମାନ ନୀଳକଣ୍ଠ ସଙ୍ଗେ ସଙ୍ଗେ ଉତ୍ତର ଦେଲେ, "ଆପଣ ମୋତେ ସେପରି ଜାତି ରକ୍ଷା କରାଯାଏ ବୋଲି କହିଥିଲେ ତ ମୁଁ ଅଣ୍ଟା ପାଣି କିଆଁ, ବେକ ପାଣି ବି କରିଥାନ୍ତି ।"

## ଶିଶୁ ହୃଦୟରେ ଶିଶୁପ୍ରାଣ ଚନ୍ଦ୍ର ମୋହନ

ନୀଳକଣ୍ଠଙ୍କ ହୃଦୟରେ ପ୍ରଧାନ ଶିକ୍ଷକ ଚନ୍ଦ୍ର ମୋହନଙ୍କ ପ୍ରଭାବ ଯଥେଷ୍ଟ ପଡ଼ିଥିଲା । ସେ ତାଙ୍କୁ ଶ୍ରଦ୍ଧା ଓ ଭକ୍ତି ସହିତ ସମ୍ମାନ ଜଣାଉଥିଲେ ।

Digitized by PPRACHIN, SOA

ଛାତ୍ରବତ୍ସଳ ଚନ୍ଦ୍ର ମୋହନ ପିଲମାନଙ୍କ ଶିକ୍ଷାଦୀକ୍ଷା ନିମନ୍ତେ ନିଜର ସମସ୍ତ ସମୟ ନିୟୋଜିତ କରୁଥିଲେ । ରାତି ଏଗାରଟାବେଳେ ମଧ୍ୟ ସେ ଶୋଇବା ସ୍ଥାନରୁ ଉଠିଆସି ପିଲମାନଙ୍କୁ ଦରକାର ପାଠ ବୁଝାଉଥିଲେ ।

ପ୍ରଥମେ ନୀଳକଣ୍ଠଙ୍କ ହସ୍ତାକ୍ଷର ବଡ଼ ଅସୁନ୍ଦର ଓ ଖରାପ ଥିଲା । ଅକ୍ଷରଗୁଡ଼ିକ ମୋଡ଼ା ମୋଡ଼ା ହୋଇ ବଡ଼ ବକ୍ରାକୃତି ହେଉଥାଏ । ଏପରି ଅକ୍ଷରକୁ ନାପସନ୍ଦ କରି ଦିନେ ଚନ୍ଦ୍ର ମୋହନ ନୀଳକଣ୍ଠଙ୍କୁ ଡ଼ାକି କହିଲେ, "ନୀଳକଣ୍ଠ, ତୁମେ ଯାକୁ ବଦଳାଇ ଦିଅ ।"

ପ୍ରଥମେ ପ୍ରଧାନ ଶିକ୍ଷକ କ'ଣ କହୁଛନ୍ତି ବୋଲି ନୀଳକଣ୍ଠ ବୁଝି-ପାରିଲେ ନାହିଁ । ତା'ପରେ ଚନ୍ଦ୍ର ମୋହନ ଆରମ୍ଭ କଲେ, "ମୁହୂର୍ତ୍ତେ ମନ ଠିକ୍ କରି ଦୃଢ ସଂକଳ୍ପ ହେଲେ ଏହା ସହଜରେ ହୋଇଯିବ । ସେଥିପାଇଁ ଦରକାର ମଣିଷର ସଂକଳ୍ପ ବା ଇଚ୍ଛାଶକ୍ତି (Will Power) ।"

ଏହାପରେ ଚନ୍ଦ୍ରମୋହନ ନୀଳକଣ୍ଠଙ୍କୁ ମଣିଷର 'ଇଚ୍ଛାଶକ୍ତି' ବିଷୟରେ ବୁଝାଇଥିଲେ । ସେ କହିଥିଲେ, "ମଣିଷ ତା'ର ବ୍ୟବହାର ଓ ଆଚରଣକୁ ସଂଯତ କରିବା ପାଇଁ ଯେଉଁ ନୀତି ଓ ନିୟମର ଆବଶ୍ୟକତା କରୁଛି, ଠିକ୍ ସେହି ନୀତି ଓ ନିୟମର ଆବଶ୍ୟକତା ମଧ୍ୟ ଅକ୍ଷର ଲିଖନରେ ଦରକାର । ଅକ୍ଷରର ଲଞ୍ଜ ଓ ମୋଡ଼ଗାର ଆଦିର ଦରକାର ନାହିଁ । ଅକ୍ଷର ସ୍ପଷ୍ଟ କରିବା ପାଇଁ ଗାରର ଯେତିକି ପ୍ରକାର ଓ ପରିମାଣ ଲୋଡ଼ା, ସେତିକି ହେଲେ ହେଲା । ଏହାହିଁ ହେଉଛି ଅକ୍ଷରର ବ୍ୟବହାରରେ ମିତବ୍ୟୟିତା । ଅକ୍ଷର ଭଲ କରିବାର ସୂତ୍ର ।"

ତା' ପର ଦିନଠାରୁ ନୀଳକଣ୍ଠ ଅଭ୍ୟାସ କରି ନିଜର ହସ୍ତାକ୍ଷର ଲିଖନ ପ୍ରଣାଳୀକୁ ଉନ୍ନତ ଓ ମାର୍ଜିତ କଲେ । ସପ୍ତାହକ ମଧ୍ୟରେ ତାଙ୍କର ଅକ୍ଷର ବଦଳିଗଲା ।

ପରେ ସତ୍ୟବାଦୀ ବିଦ୍ୟାଳୟରେ ଶିକ୍ଷକତା କଲାବେଳେ ସେ ଚନ୍ଦ୍ର ମୋହନ ବାବୁଙ୍କ ଅକ୍ଷର ଶିକ୍ଷା ତତ୍ତ୍ୱ ଅନୁଯାୟୀ ପିଲମାନଙ୍କୁ ସ୍ପଷ୍ଟ ଓ ସୁନ୍ଦର ଅକ୍ଷର ଲେଖିବା ପାଇଁ ପ୍ରେରଣା ଦେଉଥିଲେ ।

Digitized by PPRACHIN, SOA

## ଛାତ୍ର ଜୀବନରୁ ରୋଗୀ ସେବା

ପୁରୀ ଜିଲ୍ଲା ସ୍କୁଲରେ ପଢୁଥିବା ବେଳେ ନୀଳକଣ୍ଠଙ୍କୁ ମ୍ୟାଲେରିଆ ହେଲା । ସେ ପୁରୀ ଛାଡ଼ି ରେଭେନ୍‌ସା କଲେଜିଏଟ୍ ସ୍କୁଲରେ ନାମ ଲେଖାଇଲେ । ଏତିକିବେଳୁ ସେ ରୋଗୀଙ୍କର ସେବା ଶୁଶ୍ରୂଷା କରିବାକୁ ଏକ ବ୍ରତ ରୂପେ ଗ୍ରହଣ କରିଥିଲେ । ଆବଶ୍ୟକ ପଡ଼ିଲେ ରୋଗୀମାନଙ୍କର ସେବା କରିବାକୁ ହଷ୍ଟେଲର ବାହାରକୁ ମଧ୍ୟ ଯାଉଥିଲେ ।

ସେତେବେଳେ କଟକ ଟ୍ରେନିଂ କଲେଜ ହଷ୍ଟେଲ ଆଗରେ ଲଣ୍ଡା ଦେଉଳ ପାଖରେ ଗୋଟିଏ ବସାରେ କେତେକ ଛାତ୍ର ରହୁଥିଲେ । ନେତ୍ରାନନ୍ଦ ବୋଲି ଜଣେ ଛାତ୍ରର ହଇଜା ହେଲା । ଏହା ଶୁଣି ସଙ୍ଗେ ସଙ୍ଗେ ନୀଳକଣ୍ଠ ଛାତ୍ରାବାସର ସୁପରିଟେଣ୍ଡେଣ୍ଟଙ୍କୁ ନ ଜଣାଇ ହଇଜା ରୋଗୀର ସେବା କରିବା ପାଇଁ ଚାଲିଗଲେ ।

ନୀଳକଣ୍ଠ ହଇଜା ରୋଗୀର ସେବା କରୁଥିବା କଥା ଶୁଣି ହଷ୍ଟେଲ ପରିଚାଳକ ସୁରେଶ ଗୁପ୍ତ ପ୍ରିନ୍‌ସିପାଲଙ୍କ ନିକଟରେ ଅଭିଯୋଗ କଲେ । ସେତେବେଳେ ହଇଜା ଖାଲି ସଂକ୍ରାମକ ରୋଗ ନ ଥିଲା—ମାରାତ୍ମକ ମଧ୍ୟ ଥିଲା । ପ୍ରିନ୍‌ସିପାଲ ନୀଳକଣ୍ଠଙ୍କୁ ଡକାଇ ପଠାଇଲେ ।

ନୀଳକଣ୍ଠଙ୍କ ହାତରେ ପଟାସିୟମ୍ ପରମାଙ୍ଗାନେଟ୍ ପାଣିର ରଙ୍ଗ ଲାଗିଥାଏ । ସେ ସେମିତି ହାତରେ ଯାଇ ପ୍ରିନ୍‌ସିପାଲଙ୍କ ନିକଟରେ ପହଞ୍ଚିଲେ । ଉତ୍କଣ୍ଠାର ସହିତ କହିଲେ "ଆପଣ ମୋତେ ଅନୁଗ୍ରହ କରି ଟିକିଏ ଛାଡ଼ି ଦିଅନ୍ତୁ । ସେ ରୋଗୀ ପାଖେ ଆଉ କେହି ନାହିଁ ।"

ପ୍ରିନ୍‌ସିପାଲ ଶ୍ରୀ ବି. ଭି. ଗୁପ୍ତ ସନ୍ତୁଷ୍ଟ ନୟନରେ ନୀଳକଣ୍ଠଙ୍କୁ ଚାହିଁଲେ । ତା'ପରେ କହିଲେ, "ହଉ ଯାଅ ।"

## ବୟସ୍କମାନେ ଏହାପରି କହନ୍ତି

ଆଉଥରେ ୧୯୦୭ ମସିହାର ଏକ ଘଟଣା । ସେ ବର୍ଷ ଓଡ଼ିଶାରେ ନାହିଁ ନ ଥିବା ବନ୍ୟା ହେଲା । ବ୍ରାହ୍ମଣୀ, ବୈତରଣୀ, ଓ ଖରସ୍ରୁଆଁ

Digitized by PPRACHIN, SOA

ନଦୀରେ ବନ୍ୟା ହୋଇ ଏହି ତିନୋଟି ନଦୀ ଏକାକାର ହୋଇଯାଇଥିଲା । ଯାଜପୁର ଓ କେନ୍ଦ୍ରାପଡ଼ା ଅଞ୍ଚଳର ଲୋକେ ଏହି ବନ୍ୟାରେ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିଲେ । ବନ୍ୟା ଦୁର୍ଗତ ଲୋକମାନଙ୍କୁ ସାହାଯ୍ୟ କରିବା ପାଇଁ ଗୋପବନ୍ଧୁ, ନୀଳକଣ୍ଠ ଆଉ କେତେକଙ୍କୁ ସାଥିରେ ନେଇ ବରୀ, କଳାମାଟିଆ ପ୍ରଭୃତି ଅଞ୍ଚଳକୁ ସାହାଯ୍ୟ ବାଣ୍ଟିବାଲାଗି ଚାଲିଗଲେ ଚୁଡ଼ା, ଚାଉଳ ଆଦି ଘେନି । ସେତେବେଳେ ନୀଳକଣ୍ଠ କଲେଜ ହଷ୍ଟେଲରେ ରହୁଥିଲେ । ତେଣୁ ହଷ୍ଟେଲ ଛାଡ଼ି ଗଲାବେଳକୁ ଅନୁମତି ନେବା କଥା । ନଚେତ୍ ବୃତ୍ତି ମଧ୍ୟ କଟିଯିବ ।

ସେ ସମୟରେ କଟକର କଲେକ୍‌ଟର ଥିଲେ ଗୋରା ଗ୍ୟାରେଟ୍ ସାହେବ । ସେ ବଡ଼ କଡ଼ା ମିଜାଜ୍‌ର ଲୋକ । ବଢ଼ି ସମୟରେ କିଏ ସାହାଯ୍ୟ କରୁ ଏ କଥା ସେ ଚାହୁଁ ନ ଥିଲେ । ତେଣୁ ନୀଳକଂଠଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ସେ ପ୍ରିନ୍‌ସିପାଲ ବି. ଭି. ଗୁପ୍ତଙ୍କୁ କହିଥିଲେ ।

ନୀଳକଂଠ ବନ୍ୟା ଅଞ୍ଚଳରୁ ଫେରି ହଷ୍ଟେଲରେ ପାଦ ଦେଇଛନ୍ତି କି ନାହିଁ, ଦୁଇଜଣ ଚପରାଶି ଆସି ତାଙ୍କୁ ନେଇ ପ୍ରିନ୍‌ସିପାଲଙ୍କ ଆଗରେ ହାଜର କରାଇଲେ । ପ୍ରିନ୍‌ସିପାଲ ରାଗିଯାଇ ନୀଳକଂଠଙ୍କୁ ପଚାରିଲେ, "ତୁମେ କୁଆଡ଼େ ଯାଇଥିଲ ?"

ନୀଳକଂଠ କହିଲେ, "କେନ୍ଦ୍ରାପଡ଼ା ଓ ଯାଜପୁର ଅଞ୍ଚଳରେ ଗଣି ଗଣି ଲୋକେ ବଢ଼ିରେ ଭାସି ମରିଯାଉଥିଲେ । ମୁଁ ତାଙ୍କୁ ଚୁଡ଼ା, ଚାଉଳ ବାଣ୍ଟିବା ପାଇଁ ଗୋପବନ୍ଧୁ ଦାସଙ୍କ ସହିତ ଯାଇଥିଲି ।" ପ୍ରିନ୍‌ସିପାଲ ଗୁପ୍ତ ନୀଳକଣ୍ଠଙ୍କ ଆଡ଼କୁ କଡ଼ା ଆଖିରେ ଚାହିଁଲେ । ପଚାରିଲେ, "ତୁମେ ଏଥିପାଇଁ କାହାର ଅନୁମତି ନେଇଥିଲ ?" ନୀଳକଂଠ କହିଲେ "ଅନୁମତି ନେବା ପାଇଁ ସେତେବେଳେ ବେଳ ନ ଥିଲା– ମୁଁ ଆପଣଙ୍କ ପାଖକୁ କେନ୍ଦ୍ରାପଡ଼ାଠାରୁ ଖଣ୍ଡିଏ ପୋଷ୍ଟକାର୍ଡ ଲେଖି ଏହା ଜଣାଇଥିଲି । ଆପଣ ପାଇଥିବେ ।"

Digitized by PPRACHIN, SOA

ପ୍ରିନ୍‌ସିପାଲ ପୂର୍ବପରି ରୁକ୍ଷ ଗଳାରେ କହିଲେ, "ଏହିପରି କ'ଣ ଜଣାଇବାକୁ ହୁଏ । ତମେ ଜାଣ ତମର ପିତା ଅଛନ୍ତି । ତୁମକୁ ସେ ଏଠାରେ ଆମ ତତ୍ତ୍ୱାବଧାନରେ ରଖାଇଦେଇଛନ୍ତି ; ତମର ପିତା ଯଦି ଆସି ଆମକୁ ପଚାରିଥା'ନ୍ତେ ଆମେ ତାଙ୍କୁ କ'ଣ ଉତ୍ତର ଦେଇଥାନ୍ତୁ ? ତୁମେ ରୁଗ୍‌ଣ ହୋଇ ପଡ଼ିଥା'ନ୍ତ, ଆମେ କ'ଣ କରନ୍ତୁ ?"

ପ୍ରିନ୍‌ସିପାଲଙ୍କ କଥା ଶୁଣି ଯୁବକ ନୀଳକଣ୍ଠ ଟିକିଏ ଦୃଢ଼ ଓ ଗମ୍ଭୀର ଭାବରେ ଠିଆ ହେଲେ । କ'ଣ ଭାବି କହିଲେ, "ଲୋକେ ଗଣି ଗଣି ମରିଯାଉଥିଲେ । ମୁଁ ତ ତାଙ୍କରି ସାହାଯ୍ୟ ପାଇଁ ଗୋପବନ୍ଧୁଙ୍କ ସାଙ୍ଗେ ଯାଇଥିଲି । ଜଣାଇବାକୁ ବି ବେଳ ନ ଥିଲା । ମୋର ଆଉ ଚାରା କ'ଣ ଥିଲା ?"

ସଙ୍ଗେ ସଙ୍ଗେ ଅଧ୍ୟକ୍ଷ ଗୁପ୍ତ ଉତ୍ତର ଦେଲେ, "ତୁମର ଚାରା ଥିଲା କି ନାହିଁ, ସମୟ ଥିଲା କି ନାହିଁ, ଏ କଥା ଆମର ଭାବିବାର ବିଷୟ ନୁହେଁ ।"

ନୀଳକଣ୍ଠ କହିଲେ, "ପ୍ରବୀଣ ବୟସ୍କମାନେ ଏହିପରି କହନ୍ତି । ପିଲାଏ ଏହିପରି କରନ୍ତି । ମୁଁ କିଛି ଅପକର୍ମ କରିବାକୁ ଯାଇ ନ ଥିଲି ।"

ନୀଳକଣ୍ଠଙ୍କ କଥା ଶୁଣି ପ୍ରିନ୍‌ସିପାଲ ଗୁପ୍ତ ଫେଁ କରି ହସି ଦେଲେ । ନୀଳକଣ୍ଠଙ୍କ ଆଡ଼କୁ ଲକ୍ଷ୍ୟ କରି କହିଲେ, "ଦୁଷ୍ଟ ପିଲା, ହଉ ଯାଅ ।"

## ଗୋପବନ୍ଧୁଙ୍କ ଗହଣରେ ସେବାର ମନ୍ତ୍ର

ପିଲାଦିନୁ ନୀଳକଣ୍ଠଙ୍କ ମନରେ ଦେଶସେବା କରିବା ପାଇଁ ଯେଉଁ ଭ୍ରୂଣଟିଏ ଜାଗିଥିଲା, ତାହା ପରବର୍ତ୍ତୀ କାଳରେ ମହାଦ୍ରୁମରେ ପରିଣତ ହୋଇଥିଲା । ଏହା କେବଳ ସମ୍ଭବପର ହୋଇଥିଲା, ଜଣେ ପୁଣ୍ୟାତ୍ମାଙ୍କ ଯୋଗୁଁ । ସେ ହେଉଛନ୍ତି ପଣ୍ଡିତ ଗୋପବନ୍ଧୁ ।

## ଘଟଣାଟି ଏଇପରି

ଖରାଦିନ ଛୁଟି । ଏହି ଛୁଟିରେ ନୀଳକଣ୍ଠଙ୍କୁ ତାଙ୍କ ଦେଢ଼ଶୁରା ପୁଅ ଭାଇନା ହରିହର ଗୋପବନ୍ଧୁଙ୍କୁ ଦେଖିବା ପାଇଁ ତାଙ୍କ ଗ୍ରାମକୁ ଯିବାକୁ ଡାକିଲେ । ସେମାନେ ଗାଁର ଅନନ୍ତ ମିଶ୍ରଙ୍କୁ ଧରି ଗୋପବନ୍ଧୁଙ୍କ ଗ୍ରାମକୁ ବୁଲିଗଲେ ।

Digitized by PPRACHIN, SOA

ପୁରୀ ଜିଲ୍ଲାର ସୁଆଣ୍ଡୋ ଗ୍ରାମ ହେଉଛି ପଣ୍ଡିତ ଗୋପବନ୍ଧୁଙ୍କ ଗ୍ରାମ । ସେହି ଗ୍ରାମ ନିକଟରେ ବହିଯାଇଛି ଭର୍ଗବୀ ନଦୀ । ଭର୍ଗବୀ ନଦୀର ବନ୍ଧକୁ ଲଗି ଦେବୀ ମନ୍ଦିର । ସେହି ଦେବୀ ମନ୍ଦିର ନିକଟରେ ସେମାନେ ଗୋପବନ୍ଧୁଙ୍କୁ ଭଗବତ ପଢ଼ୁଥିବାର ଦେଖିଲେ । ତାଙ୍କ ସହିତ ଯୋଗ ଦେଲେ ।

ଭଗବତ ପଠନ ପରେ ସେମାନେ ପ୍ରସାଦ (ଭାତ ତିଅଣ) ଖାଇଲେ । ସେପରି ପ୍ରସାଦ ଖାଇବା ନୈଷ୍ଠିକ ଶାସନୀ ବ୍ରାହ୍ମଣ ନୀଳକଣ୍ଠଙ୍କୁ ସୁଖ ଲଗୁ ନ ଥାଏ । କିଛି ସମୟ ପରେ ସନ୍ଧ୍ୟା ହେଲା । ଆକାଶରେ ରୂପେଲି ଚାନ୍ଦ ଦେଖାଦେଲା । ମନ୍ଦିର ନିକଟବର୍ତ୍ତୀ ଭର୍ଗବୀ ନଦୀର ବନ୍ଧ ପାଖେ ଥିଲା ଗୋଟିଏ ବରଗଛ । ସେହି ବରଗଛର 'ତିଳ ତଣ୍ଡୁଳିତ ଛାଇରେ' ଗୋପବନ୍ଧୁ ଦାସଙ୍କ ସହ ନୀଳକଣ୍ଠ, ହରିହର ଓ ଅନନ୍ତ ମିଶ୍ର ବସିଲେ ।

ପାଖ ମଶାଣିରେ କୁଢ଼ କୁଢ଼ ଶବ ପୋଡ଼ା ହେଉଥାନ୍ତି– ବହୁତ ମଢ଼ାକୁ ତାଙ୍କ ଲୋକେ ଦରପୋଡ଼ା ଅବସ୍ଥାରେ ଛାଡ଼ି ଚାଲି ଯାଉଥାଆନ୍ତି । କୁକୁର ବିଲୁଆ ସେଗୁଡ଼ିକୁ ଟାଣି ଖାଉଥାନ୍ତି ବିକଟାଳ ଶବ୍ଦ କରି । କି ବିଭତ୍ସ ସେ ଦୃଶ୍ୟ ! ସମସ୍ତଙ୍କ ଆଖିରୁ ଲୁହର ଧାର ବହି ଯାଉଥାଏ ।

ଗୋପବନ୍ଧୁ ନିଜେ ବିକଳ ହେଉଥାନ୍ତି– ଏମାନଙ୍କ ବିକଳ ମଧ୍ୟ ସହ୍ୟ କରି ନପାରି ନାନା ପ୍ରକାର ଗଳ୍ପ କହି ସେମାନଙ୍କ ମନ ଭୁଲାଇବାରେ ଲାଗିଥାନ୍ତି । କ୍ରମଶଃ ଚନ୍ଦ୍ର ବୁଡ଼ି ଗଲେ ।

ରତି ପାହି ସକାଳ ହୋଇ ଆସିଲା । ମାତ୍ର ସେହି ସକାଳ ସେମାନଙ୍କ ପାଇଁ ଥିଲା ସଂପୂର୍ଣ୍ଣ ନୂତନ । ନୂତନ ଜୀବନ ଓ ସ୍ୱାଦର ସକାଳ । ଗୋପବନ୍ଧୁ କହିଲେ, "କେତେ ଦିନ ଆଉ ଦେଶର ଏ ଅବସ୍ଥା ଦେଖି ହେବ ? ଆମେ କ'ଣ କରିବା ?" ସମସ୍ତେ ଠିକ୍ କଲେ, "ଆମେ ପାଠ ପଢି ସରକାରୀ ଚାକିରି କରିବା ନାହିଁ । ଦେଶ ପାଇଁ କିଛି କରିବା । ଜନ୍ମବେଳେ ଦେଶକୁ ଯାହା ଦେଖିଥାଇଁ ତା'ଠାରୁ ଉନ୍ନତ ଦେଖି ମରିବା ।"

Digitized by PPRACHIN, SOA

## ସ୍ୱଦେଶୀ ପ୍ରତିଜ୍ଞାପତ୍ରରେ ସ୍ୱାକ୍ଷର

ଆଜିର ଓଡ଼ିଶା ମାନଚିତ୍ରକୁ ଆମେ ଯେପରି ଦେଖୁଛେ, ପୂର୍ବେ ତାହା ସେପରି ନ ଥିଲା । ଏପରି କି ଓଡ଼ିଶା ମଧ୍ୟ ଏକ ସ୍ୱତନ୍ତ୍ର ପ୍ରଦେଶ ନ ଥିଲା । ଏହାର କିଛି ଅଂଶ ବିହାର, କିଛି ଅଂଶ ମଧ୍ୟପ୍ରଦେଶ ଓ ପଶ୍ଚିମବଙ୍ଗ, କିଛି ଅଂଶ ଆନ୍ଧ୍ରରେ ମିଶି ରହିଥିଲା । ସମ୍ବଲପୁର ଥିଲା ମଧ୍ୟ ପ୍ରଦେଶରେ, ସିଂହଭୂମ ବିହାରରେ,ମେଦିନୀପୁର ବଙ୍ଗ ପ୍ରଦେଶରେ, ଗଞ୍ଜାମ ଓ କୋରାପୁଟ ଅଞ୍ଚଳ ସେହିପରି ମାନ୍ଦ୍ରାଜରେ ଥିଲା ।

ସବୁ ଓଡ଼ିଆଙ୍କୁ ଏକାଠି କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିବା ପାଇଁ ସେ ସମୟରେ ଜଣେ ଯୁଗ ପୁରୁଷଙ୍କର ଆବିର୍ଭାବ ଘଟି ଥିଲା । ସେ ହେଉଚନ୍ତି ମିଷ୍ଟର ଦାସ୍, ବାରିଷ୍ଟର ମଧୁସୂଦନ ଦାସ ।

୧୯୦୨ ମସିହାରେ ସେ ସମସ୍ତ ଓଡ଼ିଆ ଭଷାଭଷୀ ଅଞ୍ଚଳର ଲୋକଙ୍କୁ ନିମନ୍ତ୍ରଣ କରି ଗୋଟିଏ ସମ୍ମିଳନୀ ଡ଼କାଇ ଥିଲେ । ପରେ ୧୯୦୩ ମସିହା ଡ଼ିସେମ୍ବର ମାସରେ କଟକରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନର ଆୟୋଜନ କରିଥିଲେ । ସେ ସଭରେ ନୀଳକଣ୍ଠ ଯୋଗଦାନ କରିଥିଲେ । ସେ ମଧୁବାବୁଙ୍କ ଦେଶପ୍ରୀତି ଦେଖି ଅଭିଭୂତ ହୋଇ ପଡ଼ିଲେ । ପରବର୍ଷ ମଧୁବାବୁ ପୁରୀର ଜଗନ୍ନାଥବଲ୍ଲଭ ମଠରେ ଏକ ସାଧାରଣ ସଭ ଡ଼କାଇଲେ । ସଭର ଉଦ୍ଦେଶ୍ୟ ଥିଲା, ଲୋକେ ସ୍ୱଦେଶୀ ଜିନିଷ ବ୍ୟବହାର କରିବେ । ବିଦେଶୀ ଜିନିଷ ବର୍ଜ୍ଜନ କରିବେ । ସେହି ଭବରେ ନିଜେ ଉଦ୍‌ବୁଧ ହୋଇ ଅନ୍ୟକୁ ମଧ୍ୟ ଉଦ୍‌ବୁଧ କରଇବେ ।

ସେତେବେଳେ ନୀଳକଣ୍ଠ ଥିଲେ ପୁରୀ ଜିଲ୍ଲା ସ୍କୁଲର ଛାତ୍ର । ସେ ତାଙ୍କର ଜଣେ ବଂଗ ଦେଶର ସାଥୀ ନଗେନ୍ଦ୍ର ନାଥଙ୍କୁ ଧରି ସେହି ସଭରେ ଯୋଗ ଦେବାକୁ ଯାଇଥିଲେ । ମଧୁବାବୁ ଏକ ମର୍ମସ୍ପର୍ଶୀ ଭଷଣ ଦେଇଥିଲେ । ସେ କହିଥିଲେ "ଆମେ ସବୁ ଚମଡ଼ାଯାକ ବିକି ଦେଉଛୁ । ସେହି ଚମଡ଼ା ବିଲାତରେ ଯୋତା ତିଆରି ହେଉଚି । ପୁଣି ଆମ ଦେଶକୁ ଆସିଲେ ଆମେ

Digitized by PPRACHIN, SOA

ପଇସା ଦେଇ ଅଧିକ ମୂଲ୍ୟରେ କିଣୁଛୁ । ପଇସା ଆମରି ପିଠିରେ ଅଧିକା ବୋଝ ହୋଇ ପଡୁଛି ।” ସେଇପରି ଆମ ଦେଶର ତିନିପଟେ ସମୁଦ୍ର ଘେରି ରହିଥିବାବେଳେ, ଆମକୁ ସେଥିରୁ ଲୁଣ ମାରିବାକୁ ଦିଆ ନ ଯାଇ, ବିଲାତି ଲୁଣ ଜାହାଜରେ ବିଲାତି ବସ୍ତ୍ର ଓ ଅନ୍ୟାନ୍ୟ ଜିନିଷ ସହିତ ଅଣା ଯାଉଚି । ଆମେ ପଇସା ଦେଇ କିଣୁଛୁ । ମଧୁବାବୁଙ୍କ ଭାଷଣରେ ଥିଲା ଅପୂର୍ବ ମାଦକତା । ଉପସ୍ଥିତ ଜନତା ମନ୍ତ୍ରମୁଗ୍ଧ ହୋଇ ତାଙ୍କ ଭାଷଣ ଶୁଣୁଥିଲେ । ଏପରିକି ନୀଳକଣ୍ଠଙ୍କ ବଗଂଳା ବଂଧୁ ନଗେନ୍ଦ୍ରନାଥ ମଧ୍ୟ ଉକ୍ଣ୍ଠାର ସହିତ ସେ ଭାଷଣ ଶୁଣୁଥିଲେ ।

ଭାଷଣ ସରିଲା ।

ତା' ପରେ... ... ... ... ...

ଏକ ମଲଟ ବନ୍ଧା ଖାତା ବୁଲିଲା ସଭାରେ । ସେ ଖାତା ଉପରେ ଲେଖା ହୋଇଥିଲା 'ସ୍ୱଦେଶୀ ପ୍ରତିଜ୍ଞାପତ୍ର' । ସେ ପ୍ରତିଜ୍ଞାପତ୍ରର ସାରମର୍ମ ଥିଲା, "ମୁଁ ପ୍ରାଣପଣେ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର କରିବି । ସ୍ୱଦେଶୀ ଲୁଗା ଛଡ଼ା ଆଉ କିଛି କେବେ ପିନ୍ଧିବି ନାହିଁ ।”

ଯେଉଁମାନେ ଏହି ପ୍ରତିଜ୍ଞା ନେବେ ସେମାନେ ଏହି ପ୍ରତିଜ୍ଞାପତ୍ରରେ ସ୍ୱାକ୍ଷର କରିବେ । ମାତ୍ର ଖାତା ସଭସାରା ସେମିତି ବୁଲିଲା । କେହି ସ୍ୱାକ୍ଷର କଲେ ନାହିଁ । କାହାର ବା ସାହସ ହେବ, ସଭାରେ ଲାଲ ପଗଡ଼ି ପିନ୍ଧା ପଂଝାଏ ପୁଲିସ ଥାଉ ଥାଉ ଇଂରେଜମାନଙ୍କ ସ୍ୱାର୍ଥ ବିରୋଧୀ ପ୍ରତିଜ୍ଞା-ପତ୍ରରେ କିଏ କିପରି ସ୍ୱାକ୍ଷର ଦେବ ? ଇଂରେଜ ସରକାରଙ୍କ ଶତ୍ରୁ ହେବ ।

ଖାତାଟି ସେମିତି ବୁଲି ବୁଲି ଗ୍ଭଲିଲା । କେହି ଦସ୍ତଖତ କଲେ ନାହିଁ । ମଧୁବାବୁ ଗ୍ଭହିଁ ରହିଥାନ୍ତି । ଶେଷରେ ଏହା ଯାଇ ପଡ଼ିଲା ନଗେନ୍ଦ୍ର ନାଥ ଓ ନୀଳକଣ୍ଠଙ୍କ ପାଖରେ । ସେମାନଙ୍କ ଆଡ଼କୁ ମଧ୍ୟ ମଧୁବାବୁ ସତୃଷ୍ଣ ନୟନରେ ଗ୍ଭହିଁ ରହିଲେ । ସେ ଦୃଷ୍ଟି କିଣି ନେଲା ଦୁଇ ହୃଦୟକୁ ।

Digitized by PPRACHIN, SOA

ପ୍ରଥମେ ସେ ଖାତାରେ ସ୍ୱାକ୍ଷର କଲେ ଦୁଇ ବନ୍ଧୁ । ପରେ ପରେ ଆଉ କେତେକ ଦେଶପ୍ରେମୀ ମଧ୍ୟ ଦସ୍ତଖତ ଦେଇଥିଲେ । ସେହି ଦିନଠାରୁ ନୀଳକଣ୍ଠ ବିଦେଶୀ ଜିନିଷପତ୍ରର ବ୍ୟବହାର କରି ନ ଥିଲେ । ନିଜ ଦେଶରେ ପ୍ରସ୍ତୁତ ଲୁଗାପଟା ବ୍ୟବହାର କରୁଥିଲେ ।

## ଯୌତୁକ ବିହୀନ ବିବାହ

ବିବାହ ଏକ ପବିତ୍ର ବନ୍ଧନ । ଅବଶ୍ୟ ଏହି ପବିତ୍ର ବନ୍ଧନରେ ଯୌତୁକ ପ୍ରଥା କଳଙ୍କର ଦାଗ ଲେପିଦିଏ । ଖାଲି ସେବେ ନୁହେଁ—ଏବେ ବି ଆମେ ବେଶି ଶିକ୍ଷିତ ହୋଇଥିଲେ ମଧ୍ୟ ଏ କଳଙ୍କର ଅବସାନ ହେବା ଦୂରର କଥା—ଏହା ବଢ଼ି ବଢ଼ି ଚାଲିଚି—ପ୍ରାୟ ପ୍ରତିଦିନର କାଗଜରେ କେତେ ଯେ ନିରୀହ ଯୁବତୀ ପ୍ରାଣ ହରାଉ ଥିବାର ପ୍ରକାଶ ପାଉଚି,କହିବା କଷ୍ଟକର । ଏଇ ପ୍ରଥାଟି ସେତେବେଳର (୧୯୦୪) ଏନ୍‌ଟ୍ରାସ (ଆଜି କାଲିର+୨) କ୍ଲାସରେ ପାଠ ପଢୁଥିବା ସଂସ୍କାରବାଦୀ ଯୁବକ ନୀଳକଣ୍ଠଙ୍କୁ ଅଛପା ନ ଥିଲା । ସେ ଭଲ ଭାବରେ ଜାଣି ଥିଲେ ଯେ ଯେଉଁ ପତ୍ନୀକୁ ସାମାଜିକ ସୁରକ୍ଷା ପ୍ରଦାନ କରିବା ପୁରୁଷର କାମ, ସେହି ପତ୍ନୀର ଧନରେ ପ୍ରତିପାଳିତ ହେବା ଅଧମଠାରୁ ଅଧିକ ଅଧମମାନଙ୍କର କାର୍ଯ୍ୟ ।

ଶିକ୍ଷିତ ଜ୍ୱାଇଁଟିଏ ପାଇବା ପାଇଁ ଅନେକ ଧନୀ ଘରର ଲୋକେ ବ୍ୟାକୁଳ ହୋଇଥା'ନ୍ତି । ସେହିପରି ଲୋଭ ଦେଖାଇ ପୁରୀର ଜଣେ ଜମିଦାର ନୀଳକଣ୍ଠଙ୍କୁ ଜ୍ୱାଇଁ କରିବାର ପ୍ରସ୍ତାବ ଦେଇଥିଲେ । କନ୍ୟାକୁ ସୁନା ଅଳଂକାରରେ ଛିଆଇ ଦେବେ—ନଗଦ ଚାରି ହଜାର ଟଙ୍କା ଦେବେ ଓ ଜ୍ୱାଇଁ ଯେତେ ଦୂର ପଢିବାକୁ ଚାହିଁବ; ବିଦେଶରେ ମଧ୍ୟ ପଢ଼ାଇବା ଖର୍ଚ୍ଚ ତୁଲାଇବେ । ପ୍ରସ୍ତାବଟି ନୀଳକଣ୍ଠ ତାଙ୍କ ପିତାଙ୍କଠାରୁ ଶୁଣିବାକୁ ପାଇଲେ । ସେ ସଙ୍ଗେ ସଙ୍ଗେ ତାଙ୍କୁ କହିଲେ, " ନନା, ପତ୍ନୀର ଆଗତ ଅର୍ଥରେ ମୁଁ ମଣିଷ ହେବା କଥା ହେବ ନାହିଁ ।' 'ଭବଭୂତି'ରୁ ଶ୍ଳୋକଟିଏ ଆବୃତ୍ତି କରିଦେଲେ ।

Digitized by PPRACHIN, SOA

ସେ ଶ୍ଳୋକଟି ହେଲା-

"ଉତ୍ତମଂ ସ୍ୱାର୍ଜିତଂ ବିତ୍ତଂ
ମଧ୍ୟମଂ ପିତୁରର୍ଜିତ
ଅଧମଂ ଭ୍ରାତୃ ବିତ୍ତଂ ଚ,
ସ୍ତ୍ରୀ ବିତ୍ତଂ ଅଧମାଧମମ୍ ।"

ଶ୍ଳୋକଟିର ଅର୍ଥ ହେଲା-

ଉତ୍ତମ ଲୋକ ନିଜ ଅର୍ଥରେ, ମଧ୍ୟମ ଲୋକ ପିତାଙ୍କ ଅର୍ଜିତ ଧନରେ, ଅଧମ ଭାଇ ଧନରେ ଓ ସବୁଠାରୁ ଅଧମରୁ ଅଧମ ଲୋକ ସ୍ତ୍ରୀର ଧନରେ ମଣିଷ ହୋଇଥାନ୍ତି ।

ନୀଳକଣ୍ଠଙ୍କ ପିତା ପୁତ୍ର ମନରେ ଥିବା ସଂସ୍କାରବାଦୀ ଚିନ୍ତାଧାରାକୁ ବୁଝିପାରି ନୀରବ ରହିଲେ । ପ୍ରସ୍ତାବଟି ଭାଜିଗଲା, ଏହା ଯେ ନୀଳକଣ୍ଠଙ୍କ ପିତାଙ୍କର କେଡେ ମହତ ପଣିଆ, ଏବେ ହୁଏତ କଳ୍ପନାର ଅତୀତ ।

ନୀଳକଣ୍ଠ ଦେଶ କାମ କରିବା ମାନସରେ ବିବାହ କରିବେ ନାହିଁ ବୋଲି ପିତାଙ୍କୁ କହି ଦେଇଥିଲେ । ପିତାଙ୍କର "କୁଳ କିପରି ରହିବ" ପ୍ରଶ୍ନର ଉତ୍ତରରେ ଗୋଟିଏ ପୋଷ୍ୟ ପୁତ୍ର ଗ୍ରହଣ କରିବାର ପରାମର୍ଶ ମଧ୍ୟ ନୀଳକଣ୍ଠ ଦେଇଥିଲେ । ପରିଶେଷରେ ତାଙ୍କ ନନା ଗୋପବନ୍ଧୁ ବାବୁଙ୍କର ଶରଣାପନ୍ନ ହେଲେ । ଗୋପବନ୍ଧୁଙ୍କ ପରାମର୍ଶ ଅନୁଯାୟୀ ନୀଳକଣ୍ଠଙ୍କ ବିବାହ ଠିକ୍ ହେଲା । ତାଙ୍କ ଗ୍ରାମ ନିକଟ ପୁରୁଷୋତ୍ତମପୁରର ଏକ ମଧ୍ୟବିତ୍ତ ପରିବାରର ବ୍ୟକ୍ତି ସୋମନାଥ ମିଶ୍ରଙ୍କର ଝିଅ ରାଧାମଣିଙ୍କ ସହ ବିନା ଯୌତୁକରେ ୧୯୦୫ ଫେବୃଆରୀ ୧୫ ତାରିଖ ଦିନ, ଏଣ୍ଟ୍ରାନ୍ସ୍ ପରୀକ୍ଷାର ଅବ୍ୟବହିତ ପୂର୍ବରୁ–ବିବାହ ବନ୍ଧନରେ ଆବଦ୍ଧ ହେଲେ ଯୁବକ ନୀଳକଣ୍ଠ ।

## ସତ୍ୟର ପୂଜାରୀ ସତ୍ୟବାଦୀରେ

ଜୀବନରେ ସତ୍ୟର ମୂଲ୍ୟ କ'ଣ ତାହାର ପରୀକ୍ଷା ନିରୀକ୍ଷା କରିବାର ସୁଯୋଗ ପାଇଥିଲେ ନୀଳକଣ୍ଠ ସତ୍ୟବାଦୀଠାରେ । ସେଥିପାଇଁ

Digitized by PPRACHIN, SOA

ସତ୍ୟବାଦୀର ବନ ବିଦ୍ୟାଳୟ ତାଙ୍କୁ ବିଶେଷ ଖୋରାକ ଯୋଗାଇ-ଥିଲା ।

ଏହି ବନ ବିଦ୍ୟାଳୟର ସ୍ଥାପନରେ ସେ ଥିଲେ ଜଣେ ନିର୍ମାତା । ତାଙ୍କ "ଆତ୍ମଜୀବନୀ"ରେ ନୀଳକଣ୍ଠ ଲେଖିଚନ୍ତି "ଆପଣେ (ଗୋପବନ୍ଧୁ ଦାସ) ମୋତେ ସବୁବେଳେ ଲୋଡ଼ନ୍ତି । କିଭଳି କାର୍ଯ୍ୟ କେଉଁଠାରେ କରିବା, ଏ ବିଷୟରେ ବହୁ ଦିନ, ବହୁ ରାତି ବିତିଯାଇଛି । ଶେଷକୁ ଠିକ୍ ହେଲା ଗୋଟିଏ ବିଦ୍ୟାଳୟ କରିବା ।"

ମାତ୍ର ବିଦ୍ୟାଳୟ ପାଇଁ ଉପଯୁକ୍ତ ଜାଗାଟିଏ ପାଇବା ବଡ଼ କଷ୍ଟକର ବ୍ୟାପାର ଥିଲା । ସେଥିପାଇଁ କଳାହାଣ୍ଡିଠାରୁ ନୀଳଗିରି, ମୟୂରଭଞ୍ଜ ଓ ସମ୍ବଲପୁରଠାରୁ ପୁରୀ ଓ ଗଞ୍ଜାମ ପର୍ଯ୍ୟନ୍ତ ଜାଗା ଖୋଜିବାରେ ଉଦ୍ୟକ୍ତାମାନେ ଲାଗି ପଡ଼ିଲେ । କୌଣସି ଜାଗା ମନକୁ ପାଇଲା ନାହିଁ । ଶେଷକୁ ମଧୁସୂଦନ ରାଓ କଥାଭଷା ବେଳେ କହିଲେ, "ସତ୍ୟବାଦୀର ବଉଳ ଛୁରୀଅନା ବନ ପରି ଜାଗା ହିଁ ବିଦ୍ୟାଳୟ ପାଇଁ ଉପଯୁକ୍ତ ଜାଗା ।"

ସେଇଠାରେ ହିଁ ବନ ବିଦ୍ୟାଳୟ ପ୍ରତିଷ୍ଠା ହେବା ପାଇଁ ସବୁ ଠିକ୍ ହୋଇଗଲା । ନୀଳକଣ୍ଠ ଲେଖିଛନ୍ତି, "ଗୋଟିଏ ମାପଫିତା ଓ ଶଗଡ଼େ ଇଟା ଧରି ଦୁହେଁ ଯାଇ ସତ୍ୟବାଦୀ ମନ୍ଦିର ପଛପଟେ ପହଞ୍ଚିଗଲୁ । କ୍ଷୁଦ୍ର କ୍ଷୁଦ୍ର ଛୁରୀଅନା ଗଛର ଘନ ଜଙ୍ଗଲ । ସିଧା କରି ଫିତା ପକାଇବାର ସ୍ଥାନ ନ ଥିଲା । ଇଟା ରଖିବୁ କେଉଁଠି ଜାଣି ହେଲା ନାହିଁ । ମାତ୍ର, ତାହା ହିଁ ଥିଲା ବିଶାଳ ସତ୍ୟବାଦୀ ସ୍କୁଲର ଭୌତିକ ପ୍ରାରମ୍ଭ ।"

## ମଣିଷ ଗଢ଼ା କାରଖାନାର ମଣିଷ ନୀଳକଣ୍ଠ

୧୯୦୯ ମସିହାର କୁମାର ପୂର୍ଣ୍ଣିମା ଦିନ, ଏଇ ସତ୍ୟବାଦୀ ବନ ବିଦ୍ୟାଳୟର ଶୁଭ ଦିଆଗଲା । 'ଶୁଭଦିଆ' ଉତ୍ସବରେ ଯୋଗଦେଇ ନୀଳକଣ୍ଠ ଚାଲିଲେ, ଏମ୍.ଏ. ପଢ଼ିବା ପାଇଁ କଲିକତା ; ଏପରି ଯୋଗ୍ୟତା ହାସଲ କରି ପାରିଲେ ବିଦ୍ୟାଳୟର ଶିକ୍ଷକମାନଙ୍କୁ ଦିଗ୍‌ଦର୍ଶନ ଦେଇ ପାରିବେ ଭାବି । ଯେଉଁମାନଙ୍କ ହାତରେ ମଣିଷ ଗଢ଼ିବାର ଦାୟିତ୍ୱ ପଡ଼ିଲା,

Digitized by PPRACHIN, SOA

ସେମାନଙ୍କ ମଧ୍ୟରେ ପଣ୍ଡିତ ନୀଳକଣ୍ଠ ଥିଲେ ଅଗ୍ରଗଣ୍ୟ । କଲିକତାରୁ ଏମ୍. ଏ. ପରୀକ୍ଷା ଦେଇ ନୀଳକଣ୍ଠ ଆସି ସିଧା ଏଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେବାର ସୁଯୋଗ ପାଇଥିଲେ । ସେ ବିଦ୍ୟାଳୟର ବହୁବିଧ ଉନ୍ନତି ନିମନ୍ତେ ବିଭିନ୍ନ ପ୍ରକାରର ଯୋଜନା ନିଜ ହାତକୁ ନେଇଥିଲେ । ସତ୍ୟବାଦୀକୁ ଏକ ସାଂସ୍କୃତିକ ପୀଠ ରୂପେ ଗଢ଼ି ତୋଳିଥିଲେ । ଏଇ ବନ ବିଦ୍ୟାଳୟ ଥିଲା ଗୋପବନ୍ଧୁଙ୍କ ଭାଷାରେ ଏକ "ମଣିଷ ଗଢ଼ା କାରଖାନା ।"

## ସତ୍ୟବାଦୀର ପ୍ରଧାନ ଶିକ୍ଷକ ନୀଳକଣ୍ଠ

୧୯୧୧ ମସିହା ଅକ୍ଟୋବରଠାରୁ ୧୯୧୮ ମସିହା ସେପ୍ଟେମ୍ବର ୧୭ ତାରିଖ ପର୍ଯ୍ୟନ୍ତ ନୀଳକଣ୍ଠ ଏହାର ପ୍ରଧାନ ଶିକ୍ଷକ ଭାବେ ଉକ୍ତ ଜାତୀୟ ଅନୁଷ୍ଠାନର ଦାୟିତ୍ୱରେ ଥିଲେ । ଏହି ସମୟରେ ବନବିଦ୍ୟାଳୟକୁ ସେ ଏକ ଉଚ୍ଚ ବିଦ୍ୟାଳୟରେ ପରିଣତ କରି ପାରିଥିଲେ । ନୀଳକଣ୍ଠଙ୍କ ଶିକ୍ଷକ ଜୀବନ ଦୈନନ୍ଦିନ ଶିକ୍ଷାଦାନ ମଧ୍ୟରେ ସୀମିତ ନ ଥିଲା । ସେ ଉତ୍ତମ ରୂପେ ଜାଣିଥିଲେ ଯେ ଛାତ୍ରର ଜ୍ଞାନ ପୁସ୍ତକଗତ ବିଦ୍ୟାଠାରୁ ବହୁ ଦୂରକୁ ପ୍ରସାରିତ ହେବା ଆବଶ୍ୟକ । ତେଣୁ ସତ୍ୟବାଦୀ ବନ ବିଦ୍ୟାଳୟରେ କେବଳ ପାଠ୍ୟ ପୁସ୍ତକର ଶିକ୍ଷା ଦିଆଯାଉ ନ ଥିଲା । ଏହା ଏକ ଆବାସିକ ଶିକ୍ଷା କେନ୍ଦ୍ର ଥିଲା—ଶିକ୍ଷକମାନେ ଛାତ୍ରମାନଙ୍କ ସହିତ ଛାତ୍ରାବାସରେ ରହି ପିଲାମାନଙ୍କର ଦୁଃଖ, ସୁଖ, ରୋଗ, କଷ୍ଟ ସବୁ ନିବିଡ଼ ଭାବରେ ବୁଝୁଥିଲେ । ଆଚାର୍ଯ୍ୟ ହରିହର ଛାତ୍ରାବାସର ସୁପରିଟେଣ୍ଡେଣ୍ଟ ଥିଲେ—ତାଙ୍କର କର୍ତ୍ତବ୍ୟରେ ନିଷ୍ଠା, ଛାତ୍ରବତ୍ସଳତା ଭାରତ ପ୍ରସିଦ୍ଧ । ପିଲାମାନେ ଖାଇବାର ସୁବିଧା ଲାଗି ନିଜେ ମେସ୍ କାମ ବୁଝୁଥିଲେ—ବଜାରକୁ ଯାଇ ଗେଷେଇଆ ହାତରେ ନିଜେ ଜିନିଷପତ୍ର ବୋହି ଆଣୁଥିଲେ । ଖାଲି ସେତିକି ନୁହେଁ, ମେସ୍ ଖର୍ଚ୍ଚ ଲାଘବ କରିବା ନିମନ୍ତେ ସ୍କୁଲ ପିଲାମାନଙ୍କ ଦ୍ୱାରା ଫଳ ପରିବା ବଗିଚା କରାଯାଇଥିଲା । ଜଣେ ଉଦ୍ଭିଦ ବିଜ୍ଞାନୀଙ୍କୁ ମଧ୍ୟ ବିଦ୍ୟାଳୟରେ ନିଯୁକ୍ତ କରାଯାଇଥିଲା, ଯାହାଙ୍କ ତତ୍ତ୍ୱାବଧାନରେ ଏହା ଚାଲିଥିଲା ।

ପିଲାମାନଙ୍କୁ ନୀଳକଣ୍ଠ ସୌରଜଗତ ସମ୍ବନ୍ଧରେ ସମ୍ୟକ ଜ୍ଞାନ ଦେବା ନିମନ୍ତେ ନିଶାର୍ଦ୍ଧରେ ମଧ୍ୟ ମୁକ୍ତ ଆକାଶ ତଳେ ତାଙ୍କୁ ଗ୍ରହ

Digitized by PPRACHIN, SOA

ନକ୍ଷତ୍ରମାନଙ୍କର ସ୍ଥିତି ସମ୍ପର୍କରେ ଶିକ୍ଷା ଦେଉଥିଲେ । ନୀଳକଣ୍ଠ ପିଲଙ୍କୁ ବୁଝାଉ ଥିଲେ ସୌରଜଗତ କିପରି ବିଧି ନିର୍ଦ୍ଦିଷ୍ଟ ନିୟମାଧୀନ ରହି ସୁଶୃଙ୍ଖଳ ଭବରେ ଗ୍ଲିଅଛି, ତାହା ଚିନ୍ତା କଲେ ଉଚ୍ଛୃଙ୍ଖଳ ଜୀବନ ନିୟମିତ ହୁଏ । ଗ୍ରିଆଡ଼େ ଏଇ ପ୍ରକାଣ୍ଡ ବିଶ୍ୱ କି ସୁନ୍ଦର, ସୁଶୃଙ୍ଖଳ ଭବେ ଗତି କରୁଚି । ସୂର୍ଯ୍ୟ ପ୍ରତ୍ୟେକ ଦିନ ଉଦିତ ହୋଇ ଅସ୍ତ ଯାଉଅଛି, ଚନ୍ଦ୍ରର ଷୋଳକଳା ନିର୍ଦ୍ଦିଷ୍ଟ ନିୟମାନୁସାରେ ବୃଦ୍ଧି ଓ କ୍ଷୟ ପାଉଅଛି । ଅନ୍ୟାନ୍ୟ ଗ୍ରହନକ୍ଷତ୍ରାଦି ଯାହାର ଯେଉଁ ଦିନ ଯେଉଁ ଭବରେ ଯେତିକି ଦୂରଂ ଗତି କରିବାର ନିୟମ ଅଛି, ସେ ସେଇଦିନ ସେଇ ଭବରେ ସେତିକି ଗତି କରୁଅଛନ୍ତି । ଏହାସବୁ ଚିନ୍ତା କଲେ, ନିର୍ଦ୍ଦିଷ୍ଟ ନିୟମ ଛାଡ଼ି କର୍ଣ୍ଣହୀନ ନୌକାପରି କିଏ ଆପଣା ଜୀବନକୁ ଉଚ୍ଛୃଙ୍ଖଳ କରିବାକୁ ଗ୍ହିଁବ ?

ଏହା ବ୍ୟତୀତ ବିଭିନ୍ନ ଦର୍ଶନୀୟ ସ୍ଥାନ ପରିଭ୍ରମଣ ଓ ତହିଁର ବିଶେଷତ୍ୱ ଅନୁଧ୍ୟାନ କରିବାରେ ଛାତ୍ରମାନଙ୍କର ଜ୍ଞାନ ବର୍ଦ୍ଧିତ ଓ ପରିମାର୍ଜିତ ହୁଏ ବୋଲି ନୀଳକଣ୍ଠ ପ୍ରାୟଶଃ ସେମାନଙ୍କୁ ଓଡ଼ିଶାର ପ୍ରସିଦ୍ଧ ଜାଗାମାନଙ୍କୁ ଘେନି ଯା'ନ୍ତି । ଗ୍ଲି ଗ୍ଲି ବାଟଯାକ ନୀଳକଣ୍ଠ ସେମାନଙ୍କୁ ବିଭିନ୍ନ ଗପ କହି କହି ସେମାନଙ୍କୁ ନେଇ ଦର୍ଶନୀୟ ସ୍ଥାନମାନଙ୍କରେ ପହଞ୍ଚୁ ଥିଲେ । ଖଣ୍ଡପଡ଼ାର ନୀଳମାଧବ ଓ ପୃଥିବୀ ପ୍ରସିଦ୍ଧ କୋଣାର୍କ ଏ ମଧ୍ୟରେ ପ୍ରଧାନ ଥିଲ । ପୂର୍ବରୁ ଓ ପରେ ସେହି ସବୁ ସ୍ଥାନ ସଂପର୍କରେ ଥିବା ଐତିହାସିକ ତଥ୍ୟମାନ କହି ଛାତ୍ରମାନଙ୍କ ଜ୍ଞାନକୁ ବୃଦ୍ଧିମନ୍ତ କରୁଥିଲେ । ପୁଣି କେତେବେଳେ ରତିରେ ପିଲମାନେ ଶୋଇ ପଡ଼ିଲବେଳେ ସେ ନିଜେ ଜଗିରହି ଆଗାମୀ ଓଡ଼ିଶାର ଚିତ୍ରପଟ ଓ ତହିଁରେ ଶିଶୁ-ମାନଙ୍କର ସ୍ଥାନ ସମ୍ପର୍କରେ ଚିନ୍ତା କରୁଥିଲେ ! ଏହାର ପ୍ରମାଣ ମିଳେ, ପଣ୍ଡିତ ନୀଳକଣ୍ଠଙ୍କ "କୋଣାର୍କେ" କାବ୍ୟରୁ, ଯେଉଁଥିରେ ପଣ୍ଡିତଜୀଙ୍କର ପିଲମାନଙ୍କ ପ୍ରତି ଥିବା ସ୍ନେହ ଓ ଶ୍ରଦ୍ଧାର ଅନୁପମ ନିଦର୍ଶନ ସେ ରଖି ଯାଇଚନ୍ତି ।

ବିଦ୍ୟାଳୟର ମୁଖପତ୍ର ବାଳକ ମନର ଚିନ୍ତାଧାରକୁ ପ୍ରକାଶ କରିଥାଏ । ସେଥିପାଇଁ ଆଜିକାଲି ବିଭିନ୍ନ ଶିକ୍ଷାନୁଷ୍ଠାନରୁ ମୁଖପତ୍ରମାନ

Digitized by PPRACHIN, SOA

ପ୍ରକାଶିତ ହେଉଛି । ସେତେବେଳେ ବନବିଦ୍ୟାଳୟରେ ନୀଳକଣ୍ଠ ଏକ ମାସିକ ପତ୍ରିକା ପ୍ରକାଶ କରିଥିଲେ । ଏହାର ନାମ ଥିଲା, 'ସତ୍ୟବାଦୀ' । ନୀଳକଣ୍ଠ ଏହି ପତ୍ରିକାର ସମ୍ପାଦକ ଥିଲେ । ଶିକ୍ଷକମାନଙ୍କ ଲେଖା ସହିତ ସେ ଛାତ୍ରମାନଙ୍କ ଲେଖାକୁ ମଧ୍ୟ ଉକ୍ତ ପତ୍ରିକାରେ ସ୍ଥାନ ଦେଉଥିଲେ ।

ଏତଦ୍‌ବ୍ୟତୀତ ଏବର 'ସମାଜ' ସମ୍ବାଦପତ୍ର ମଧ୍ୟ ଏଠାରୁ ପ୍ରଥମେ ପ୍ରକାଶିତ ହେଉଥିଲା । ଏହାର ସଂପାଦକ ଥିଲେ ଗୋପବନ୍ଧୁ । ଗୋପବନ୍ଧୁଙ୍କ ସମ୍ପାଦନା ସହିତ ନୀଳକଣ୍ଠ ଓ ଗୋଦାବରୀଶଙ୍କଦ୍ୱାରା ଲିଖିତ ଲେଖା ସମୂହରେ 'ସମାଜ' ଓ 'ସତ୍ୟବାଦୀ'ର ପୃଷ୍ଠା ବିମଣ୍ଡିତ ହେଉଥିଲା । ଏହି ସମୟରେ ସ୍ୱର୍ଗତ ଶଶି ଭୂଷଣ ରଥଙ୍କଦ୍ୱାରା ବ୍ରହ୍ମପୁରରୁ 'ଆଶା' ନାମକ ଏକ ସାପ୍ତାହିକ ପତ୍ରିକା ପ୍ରକାଶ ପାଉଥିଲା । ଏଥିରେ ସାପ୍ତାହିକ ଟିପ୍‌ପଣୀ ଅନେକ ସମୟରେ ଲେଖୁଥିଲେ ପଣ୍ଡିତ ଗୋପବନ୍ଧୁ । ନୀଳକଣ୍ଠ ଓ ଗୋଦାବରୀଶଙ୍କ ଲେଖାରେ ମଧ୍ୟ ଏହା ପରିପୂର୍ଣ୍ଣ ହେଉଥିଲା । ଏହି ଲେଖାଗୁଡ଼ିକ ଧରି ଗୋଦାବରୀଶ ବାବୁ ଷ୍ଟେସନ ଯାଇ ରେଳରେ ବ୍ରହ୍ମପୁର ପଠାଉ ଥିଲେ ।

## ସ୍କୁଲଘର ହେଲା କୋଠାଘର

ସତ୍ୟବାଦୀ ଶିକ୍ଷାନୁଷ୍ଠାନରେ ଜ୍ଞାନର ବର୍ତ୍ତିକା ଜଳୁଥିଲାବେଳେ ରକ୍ଷଣଶୀଳ କେତେକ ଖଳ ପ୍ରକୃତିର ଲୋକେ ନୀଳକଣ୍ଠଙ୍କର ସାମାଜିକ ଚିନ୍ତାଧାରର ଆଭିମୁଖ୍ୟକୁ ସହି ନ ପାରି ସେହି ବର୍ତ୍ତିକାକୁ ଲିଭାଇଦେବା ପାଇଁ ଚେଷ୍ଟା କଲେ । ସେମାନେ ଭାବିଲେ "ମୂଳୁ ମାଇଲେ ଯିବ ସରି, ଦେବଙ୍କ ସଙ୍ଗେ କିମ୍ବା କଳି ।" ଦିନେ ସ୍କୁଲ କାର୍ଯ୍ୟ ସାରି ସମସ୍ତେ ଚାଲି ଯାଇଥିବା ବେଳେ ଏମାନେ ଖରବେଳେ ସ୍କୁଲ ଘରେ ନିଆଁ ଲଗାଇ ଦେଲେ । ଗୁହୁଁ, ଗୁହୁଁ ସ୍କୁଲ ଘରଟି ପୋଡ଼ି ନାରଖାର ହୋଇଗଲା । ନୀଳକଣ୍ଠ ଏ ସମ୍ପର୍କରେ ବାରିପଦାରେ ସେତେବେଳେ ରହୁଥିବା ଗୋପବନ୍ଧୁଙ୍କ ନିକଟକୁ ଖବର ପଠାଇଲେ ।

ଗୋପବନ୍ଧୁ ଆସି ବିଦ୍ୟାଳୟରେ ପହଞ୍ଚିଲେ । ସମସ୍ତେ ଭାବିଲେ ଗୋପବନ୍ଧୁ ଏଥିରେ ବଡ଼ ଦୁଃଖିତ ହେବେ । ମାତ୍ର ସାମାନ୍ୟ ବିଚଳିତ

Digitized by PPRACHIN, SOA

ମଧ୍ୟ ନ ହୋଇ ଗୋପବନ୍ଧୁ କହିଲେ, "ଭଗବାନଙ୍କର ଇଚ୍ଛା ବୋଧହୁଏ; ଏ ବିଦ୍ୟାଳୟଟି କୋଠାଘର ହେବ ।" ସମସ୍ତଙ୍କ ମନରେ ଆନନ୍ଦର ଢେଉ ଖେଳିଉଠିଲା । ସେମାନେ ଭବିଥିଲେ ସ୍କୁଲଟି ନିଶ୍ଚିତ ଭବେ କିଛିଦିନ ପାଇଁ ବନ୍ଦ ହୋଇଯିବ । ମାତ୍ର ଯେଉଁଠି ନୀଳକଣ୍ଠଙ୍କ ଭଳି ପ୍ରଧାନ ଶିକ୍ଷକଙ୍କର ଅଦମ୍ୟ କର୍ମପ୍ରେରଣା ଓ ଗୋପବନ୍ଧୁଙ୍କ ଭଳି ସମାଜସେବୀଙ୍କର ଆଶୀର୍ବାଦ ରହିଛି, ସେ ଅନୁଷ୍ଠାନ କ'ଣ ଏତେ ସହଜରେ ବନ୍ଦ ହୋଇଯିବା ସମ୍ଭବ ? ଶିକ୍ଷକ ଓ ପିଲମାନଙ୍କ ଚେଷ୍ଟାରେ ଗତାଗତି ଛାମୁଣ୍ଡିଆଟିଏ ହୋଇଗଲା, ପାଠପଢ଼ା କାର୍ଯ୍ୟ ଯଥାରୀତି ଗ୍ଲିଲା ।

ଗୃହ ନିର୍ମାଣ ଓ ବିଭିନ୍ନ ଉପକରଣ ଲଗି ବଦାନ୍ୟ ବ୍ୟକ୍ତିମାନଙ୍କ-ଠାରୁ ଗ୍ନଦା ସଂଗ୍ରହ କରଗଲ । ପୁରୀର ଏମାର ମଠ ମହନ୍ତ, ରାଧାକାନ୍ତ ମଠ ମଠାଧୀଶ, ଗଞ୍ଜାମର ରଜା ଓ ଜମିଦାର ଏବଂ ଅନ୍ୟାନ୍ୟ ଗଡ଼ଜାତ-ମାନଙ୍କୁ ଉଭୟେ ଧାଁ ଧଉଡ଼ କଲେ । ସତ୍ୟବାଦୀ ସ୍କୁଲ ପ୍ରତି ସମସ୍ତଙ୍କର ସହାନୁଭୂତି ଥିଲ । ସମସ୍ତେ ଇର୍ଷାଳୁଙ୍କ ପ୍ରତି କ୍ରୋଧାନ୍ୱିତ ହେବା ସଙ୍ଗେ ସଙ୍ଗେ ଯଥାଶକ୍ତି ସାହାଯ୍ୟ ଦେଲେ । ଅଳ୍ପଦିନ ମଧ୍ୟରେ ପୋଡ଼ିଯାଇଥିବା ଗ୍ଳଘର ସ୍ଥାନରେ କୋଠାଘରଟିଏ ମୁଣ୍ଡଟେକି ଉଠିଲା । ଗୋପବନ୍ଧୁ ଓ ନୀଳକଣ୍ଠ ଅନ୍ୟାନ୍ୟ ଶିକ୍ଷକମାନଙ୍କ ସହିତ ଆଲେଚନା କରି ସ୍ଥିର କଲେ— ବର୍ଷାଦିନରେ ପଢ଼ାପଢ଼ି କୋଠାଘରେ ହେବ, ଅବଶିଷ୍ଟ ସମୟରେ ଚିର ଶ୍ୟାମଳ, ମଞ୍ଜୁ-ବକୁଳ ଛୁରୀଅନା କୁଞ୍ଜରେ ମୁକ୍ତ ଆକାଶ ତଳେ ତପୋବନ ରୀତିରେ ଅଧ୍ୟାପନା କାର୍ଯ୍ୟ ଗ୍ଲିବ । ତାହା ହିଁ ଗ୍ଲିଲ । ସେବର ସିମେଣ୍ଟ ବେଞ୍ଚ ଚଟାଣ ଓ ଅନ୍ୟାନ୍ୟ ବହୁ କୃତି ମଧ୍ୟ ଏବେ ଦର୍ଶକମାନଙ୍କର ଚିତ୍ତ ହରଣ କରେ—ମାତ୍ର ସେବର ଛୁରୀଅନା ବନ ରକ୍ଷଣାବେକ୍ଷଣର ଅଭବ ହେତୁ ନଷ୍ଟ ହୋଇ ଯାଇଚି ଦେଖି ହତାଶ ହେବାକୁ ହୁଏ ।

## ଅନ୍ୟ ଏକ ନାଳନ୍ଦାର ନାୟକ

ଗ୍ଳହୁଁ ଗ୍ଳହୁଁ ଓଡ଼ଶା ଓ ଭରତର ଗ୍ରିଆଡ଼େ ବନବିଦ୍ୟାଳୟର ଖ୍ୟାତି ବ୍ୟାପିଗଲ । ବହୁ ଶିକ୍ଷାବିତ୍ ଓ ବଡ଼ ବଡ଼ ଲେକ ଏହି ଅନୁଷ୍ଠାନରେ

Digitized by PPRACHIN, SOA

ଆସି ପାଦ ଦେଲେ । ସେମାନଙ୍କ ଭିତରେ କୁଳବୃଦ୍ଧ ମଧୁସୂଦନ, କଲିକତା ବିଶ୍ୱବିଦ୍ୟାଳୟର କୁଳପତି ସାର୍ ଆଶୁତୋଷ ମୁଖାର୍ଜୀ ଓ ଏଡ଼ଓ୍ୱାର୍ଡ୍ ଗେଟ୍ ପ୍ରମୁଖଙ୍କ ନାମ ଉଲ୍ଲେଖଯୋଗ୍ୟ ।

ସାର୍ ଆଶୁତୋଷ ମୁଖାର୍ଜୀ ବନ ବିଦ୍ୟାଳୟ ପରିଦର୍ଶନ କରି ଲେଖିଲେ :—

"ମୁଁ ଆଗ୍ରହର ସହିତ ସତ୍ୟବାଦୀ ବିଦ୍ୟାଳୟ ପରିଦର୍ଶନ କଲି । ବିଦ୍ୟାଳୟଟିରେ ବହୁତ ପ୍ରଣିଧାନ ଯୋଗ୍ୟ ବିଷୟବସ୍ତୁ ରହିଚି । ଏହି ବିଦ୍ୟାଳୟଟି ଦଳେ ସୁଶିକ୍ଷିତ, ନିଃସ୍ୱାର୍ଥପର ଓଡ଼ିଆମାନଙ୍କ ଦ୍ୱାରା ପରିଚାଳିତ । ସେହି ଯୁବକମାନେ ଉତ୍ସର୍ଗୀକୃତ ମନୋଭବ ନେଇ ଶିକ୍ଷାର ବିକାଶ ପାଇଁ ନିଷ୍ଠାର ସହିତ ଏଠାରେ କାମ କରୁଛନ୍ତି । ସେମାନେ ପୁନଶ୍ଚ ଅନୁଭବ କରିପାରିଛନ୍ତି ଯେ ପ୍ରକୃତ ଶିକ୍ଷା ପ୍ରଭୂତ ଅର୍ଥ ଓ ବହୁମୂଲ୍ୟ ସାମଗ୍ରୀ ବ୍ୟତୀତ ସମ୍ଭବପର" ।

ସେହିପରି ତତ୍କାଳୀନ ବିହାର ଏବଂ ଓଡ଼ିଶାର ଲେଫ୍‌ଟନାଣ୍ଟ ଗଭର୍ଣ୍ଣର ଏଡ଼ଓ୍ୱାର୍ଡ୍ ଗେଟ୍ ବିଦ୍ୟାଳୟ ପରିଦର୍ଶନ କରି ଲେଖିଥିଲେ— "ମୁଁ ବେଶୀ ପିଲାଥିବା ଶ୍ରେଣୀ କକ୍ଷର ଶିକ୍ଷାଦାନ ପରିବର୍ତ୍ତେ ମୁକ୍ତାକାଶ ତଳେ ପ୍ରଦତ୍ତ ଶିକ୍ଷାଦାନ ପ୍ରଣାଳୀ ଦେଖି ଅତ୍ୟନ୍ତ ଆନନ୍ଦିତ ହୋଇଛି ।"

ଏ ମଧ୍ୟରେ ଥରେ କୁଳବୃଦ୍ଧ ମଧୁସୂଦନ ବନବିଦ୍ୟାଳୟ ବୁଲି ଆସିଥିଲେ । ସେ ସେଠାକାର ଶିକ୍ଷାଦାନ ପ୍ରଣାଳୀ ଦେଖି ଅଭିଭୂତ ହୋଇ ପଡ଼ିଲେ । ଶିକ୍ଷକମାନଙ୍କ କାର୍ଯ୍ୟ ଓ ପିଲାମାନଙ୍କ ଚରିତ୍ରଗଠନ ପାଇଁ ପ୍ରଚେଷ୍ଟା ଦେଖି ତାଙ୍କର ଅତୀତର ନାଳନ୍ଦା ବିଶ୍ୱବିଦ୍ୟାଳୟ କଥା ମନେ ପଡ଼ିଗଲା ।

ସେ ହଠାତ୍ ଗୋପବନ୍ଧୁଙ୍କୁ କହି ପକାଇଲେ, "ଗୋପବନ୍ଧୁ ତୁ ଓଡ଼ିଶାରେ ନାଳନ୍ଦାଟିଏ ଗଢି ଦେଲୁ ।" କୁଳବୃଦ୍ଧଙ୍କ ପାଟିରୁ କଥା ନ ସରୁଣୁ ଗୋପବନ୍ଧୁ କହିଲେ "ମୁଁ ନୁହେଁ, ନୀଳକଣ୍ଠ ।"

Digitized by PPRACHIN, SOA

ଏଥିରୁ ଗୋପବନ୍ଧୁଙ୍କ ମହାନତା ସହିତ ନୀଳକଣ୍ଠଙ୍କ ପ୍ରଗାଢ଼ନୁଭବତା ଉଦ୍ୟମର ପ୍ରମାଣ ସ୍ପଷ୍ଟ ।

## ବୋମା ପ୍ରସ୍ତୁତକାରୀ ନୀଳକଣ୍ଠ

ଯଦି କେଉଁଠି କେହି ବୋମା ପ୍ରସ୍ତୁତ କରୁଚି ବୋଲି ଆମେ ଶୁଣୁ ସେ ଲୋକ ପ୍ରତି ଆମ ମନରେ ଭୟ ଓ ମଂଦ ଧାରଣା ଆସିବା ସ୍ୱାଭବିକ । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜାପାନର 'ନାଗାସାକୀ' ଓ 'ହିରୋସୀମା' ଉପରେ ପଡ଼ିଥିବା ବୋମାର ବିଭୀଷିକା ଆଜି ମଧ୍ୟ ଆମ ମନରେ ଭୟର ସଂଗ୍ରର କରେ । ଇତିହାସ ମଧ୍ୟ ଏହା ଲିପିବଦ୍ଧ କରିଚି ।

ମାତ୍ର ବନବିଦ୍ୟାଳୟରେ ବୋମା ପ୍ରସ୍ତୁତ ହେଉଚି ବୋଲି ଯେତେବେଳେ ବିଲତ ସରକାରଙ୍କ ପାଖେ ଖବର ପହଞ୍ଚିଲ, ସରକାର ବିବ୍ରତ ହୋଇପଡ଼ିଲେ । ବିଦ୍ୟାଳୟର ଉଚ୍ଚକୋଟୀର ଶିକ୍ଷାଦାନ, ପରୀକ୍ଷାର ଫଳାଫଳ ଓ ଅନନ୍ୟ ସାଧାରଣ ଶୃଙ୍ଖଳା ସତ୍ତ୍ୱେ ଏହି ଅନୁଷ୍ଠାନଟି ସରକାରଙ୍କ ସନ୍ଦେହରୁ ମୁକ୍ତ ନ ଥିଲ । ହେଲେହେଁ ଅଭିଯୋଗର ସତ୍ୟାସତ୍ୟ ଜାଣିବା-ପାଇଁ ଜିଲ୍ଲାପାଳଙ୍କୁ ଏକ ତଦନ୍ତ କରି ରିପୋର୍ଟ ଦେବାପାଇଁ ସରକାର ଗୁପ୍ତ ଆଦେଶ ଦେଲେ । ଜିଲ୍ଲାପାଳ ସରଜମିନ୍ ତଦନ୍ତକୁ ଆସିଲେ । ସେ ପ୍ରଧାନ ଶିକ୍ଷକ ନୀଳକଣ୍ଠଙ୍କୁ ପଗ୍ରରିଲେ, "ଆପଣ ଏଠାରେ ବମ୍ ପ୍ରସ୍ତୁତ କରୁଛନ୍ତି ?" ନୀଳକଣ୍ଠ ଟିକିଏ ଅପ୍ରତିଭ ହୋଇ କହିଲେ, "ହଁ, ଆମେ ଏଠାରୁ ବମ୍ ପ୍ରସ୍ତୁତ କରୁଛୁ ।" ଜିଲ୍ଲାପାଳ ଟିକିଏ ନୀରବ ରହିଲେ । ପୁଣି ନୀଳକଣ୍ଠ ଆରମ୍ଭ କଲେ, "ମାତ୍ର ସେହି ସବୁ ବମ୍ ସାଧାରଣ ବମ୍ ନୁହେଁ । ତାହା ହେଉଚି ଜୀବନ୍ତ ବୋମା-Life Bombs ସମୟକ୍ରମେ ଫୁଟିବ ।"

ବାସ୍ତବିକ ପଣ୍ଡିତ ନୀଳକଣ୍ଠଙ୍କ ଉକ୍ତିର ସତ୍ୟତା ବ୍ରିଟିଶ୍ ସରକାରଙ୍କ ପ୍ରତି ଏକ କଠୋର ମନ୍ତବ୍ୟ ଥିଲ ।

ମଣିଷ ତିଆରି କରୁଥିବା ବୋମାଠାରୁ ମଣିଷକୁ ମଣିଷ ପରି ଗଢି ତାକୁ ଅନ୍ୟାୟ ଓ ଅତ୍ୟାଗ୍ରର ବିରୁଦ୍ଧରେ ବୋମା ପରି ବ୍ୟବହାର କରିବାକୁ ଇଚ୍ଛା କରୁଥିବା ମଣିଷଟିଏ ଯେ ଅନ୍ୟ ଏକ ବୋମାର ପ୍ରସ୍ତୁତକାରୀଠାରୁ କେତେ ପ୍ରଭେଦ ତାହା ହୁଏତ ବୁଝିବାକୁ ଜିଲ୍ଲାପାଳଙ୍କୁ ଡେ଼ରି ହୋଇ ନ ଥିଲ ।

Digitized by PPRACHIN, SOA

## ସେ କିପରି ମଣିଷ ଗଢୁଥିଲେ

ପଣ୍ଡିତ ନୀଳକଣ୍ଠଙ୍କର ହାତର ପରଶରେ ଜୀବନର ଲକ୍ଷ୍ୟ ହରାଇଥିବା ଅନେକ ପିଲା ଜୀବନର ସଂଧାନ ପାଇପାରୁଥିଲେ । ମଣିଷର ଜୀବନ କ'ଣ, ଜୀବନରେ କିପରି ସଫଳତା ହାସଲ କରାଯାଏ, ତାହା ଜାଣିପାରୁଥିଲେ । ସେହିପରି ଜଣେ ଲକ୍ଷ୍ୟହୀନ ପିଲା ଥିଲେ ବାଳକ ରାମକୃଷ୍ଣ ।

୧୯୨୨ ମସିହାର ଘଟଣା । ବାଳକ ରାମକୃଷ୍ଣ ଜଗତସିଂହପୁରର ଅଳକାଶ୍ରମରେ ରହି ସୂତାକଟା ଓ ଲୁଗାବୁଣା ଆଦି କାମ ଶିଖୁଥିଲେ । ଇଂରେଜ ସରକାରଙ୍କ ଦମନନୀତି ଯୋଗୁ ସେତେବେଳେ ବିଦ୍ୟାଳୟ ଛାଡ଼ି ଆନ୍ଦୋଳନରେ ଯୋଗ ଦେଇଥିବା ପିଲାଙ୍କ ମନ ଭାଙ୍ଗିପଡ଼ିଲା, ଯେହେତୁ ସେମାନଙ୍କର ନେତାମାନେ କାରାଗାରରେ ରହିଲେ ।

ସେହି ସମୟର ଘଟଣାକୁ ବର୍ଣ୍ଣନା କରିବାକୁ ଯାଇ ରାମକୃଷ୍ଣ ଲେଖିଚନ୍ତି, "ପାଠପଢ଼ା ଛାଡ଼ିଛୁ । ଘର ଓ ବାପ ମାଆ ଛାଡ଼ିଛୁ । ପ୍ରଥମ ଉଦ୍ଦୀପନା ଶୀତଳ ପଡ଼ିଯିବାରୁ ଉଡ଼ା ମୁକୁଳା ମନ ସ୍ଥିର ନ ରହି ଏଣେତେଣେ ବୁଲିଲା । ମୁଁ ଆଉ ଦୁଇ ତିନିଜଣ ସାଥୀ ମିଶି ସ୍ଥିର କଲୁ ଦେଶ ଛାଡ଼ି ପଳାଇଯିବୁ । କୁଆଡ଼େ ଯିବୁ କିଛି ନିର୍ଦ୍ଦିଷ୍ଟ ନ ଥିଲା, କିନ୍ତୁ ପଳାଇ ଯିବା ସ୍ଥିର ହେଲା ଏବଂ ସେଥିପାଇଁ ଆମେ ଯଥେଷ୍ଟ ମନୋବଳ ସଞ୍ଚୟ କରିଥିଲୁ ।"

ପଳାଇ ଯିବା ପୂର୍ବରୁ ବାଳକ ରାମକୃଷ୍ଣ ଓ ଅନ୍ୟାନ୍ୟ ସାଥୀଗଣ କଟକର ନୟାସଡ଼କସ୍ଥିତ ଡାକ୍ତର ଅଟଳ ବିହାରୀ ଆଚାର୍ଯ୍ୟଙ୍କ 'ସ୍ୱରାଜ୍ୟ' ଔଷଧାଳୟରେ ସମବେତ ହେବାର ଯୋଜନା ଆଗରୁ କରିଥିଲେ । ନିର୍ଦ୍ଦିଷ୍ଟ ଦିନ ରାମକୃଷ୍ଣ ଜଗତ୍‌ସିଂହପୁରରୁ ଆସି ଆଚାର୍ଯ୍ୟଙ୍କ କଟକସ୍ଥିତ ଦୋକାନର ବାରଣ୍ଡାରେ ପଡ଼ିଥିବା ବେଞ୍ଚ ଉପରେ ବସି ପଡ଼ିଲେ । ବନ୍ଧୁମାନଙ୍କୁ ଅପେକ୍ଷା କଲେ ।

ଏତିକିବେଳେ ଗୋଟିଏ ଘୋଡ଼ା ଗାଡ଼ି ଆସି ସେଠାରେ ପହଞ୍ଚିଲା । ସେଥିରୁ ବାହାରି ପଡ଼ିଲେ ପଣ୍ଡିତ ନୀଳକଣ୍ଠ । ସେ କିଛି ସମୟ ଅଟଳ ବାବୁଙ୍କ ସହ କଥାବାର୍ତ୍ତା ହେଲେ । ଗଲାବେଳେ ଅଟଳବାବୁ ରାମକୃଷ୍ଣଙ୍କୁ

Digitized by PPRACHIN, SOA

ଦେଖାଇ କହିଲେ, "ଏ ପିଲାଙ୍କୁ ଆପଣଙ୍କ ଜାତୀୟ ବିଦ୍ୟାଳୟକୁ ନେଇଗଲେ ଭଲ ହୁଅନ୍ତା ନାହିଁ ? ପାଠପଢ଼ା ଛାଡ଼ି ଆଶ୍ରମରେ ରହିଚି, ମାତ୍ର ଏତେ ଅଳ୍ପ ବୟସରୁ ସେ କରିବ କ'ଣ ?" ସେତେବେଳକୁ ପଣ୍ଡିତ ମହାଶୟ ଦୋକାନର ଦ୍ୱାରବନ୍ଧ ଡ଼େଇଁ ରାମକୃଷ୍ଣଙ୍କ ପାଖରେ ପହଞ୍ଚି ଯାଇଥିଲେ । ସେ ରାମକୃଷ୍ଣଙ୍କୁ ଚାହିଁ କହିଲେ, "ଯିବ ଯଦି ଆସ, ମୁଁ ଏଇ ଯାଉଛି ସତ୍ୟବାଦୀ ।"

ବାଳକ ରାମକୃଷ୍ଣଙ୍କ ଭାଷାରେ "ପଣ୍ଡିତଜୀଙ୍କ ସେ ଆହ୍ୱାନ ଏଡ଼ି ଦେବାର ସାହସ ମୋର ନ ଥିଲା । ପଣ୍ଡିତ ନୀଳକଣ୍ଠଙ୍କ ବିରାଟ ବ୍ୟକ୍ତିତ୍ୱର ଗ୍ରହରେ ମୁଁ ପୋଷା ବିରାଡ଼ି ପରି ତାଙ୍କ ପଛେ ପଛେ ଯାଇ ଗାଡ଼ିରେ ବସିଲି ।"

"କିନ୍ତୁ ସେ ଦିନର ଘଟଣା ମୋ ସ୍ମୃତିପଟରୁ ଲିଭି ନାହିଁ, କି ଲିଭିବ ନାହିଁ । ମୋ ଜୀବନର ସେହି ବାଟଭଙ୍ଗା ମୁହୂର୍ତ୍ତଟି ମୁଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେକରେ ; କାରଣ ସେ ଦିନ ପଣ୍ଡିତ ନୀଳକଣ୍ଠ ମୋତେ ସାଥିରେ ଧରି ସତ୍ୟବାଦୀ ନେଇ ଯାଇ ନ ଥିଲେ ମୋ ଜୀବନ କେଉଁ ପଥରେ ଗତି କରିଥା'ନ୍ତା କିଏ କହିବ ?" ସେ ଦିନର ସେହି ବାଳକ ଜଣଙ୍କ ଆଉ କେହି ନୁହନ୍ତି, ସେ ହେଉଚନ୍ତି ଓଡ଼ିଶାର ଯଶସ୍ୱୀ ନାମଧନ୍ୟ ଶିଶୁ ସାହିତ୍ୟିକ ରାମକୃଷ୍ଣ ନନ୍ଦ, ଯାହାଙ୍କ "ଆହେ ଦୟାମୟ ବିଶ୍ୱ ବିହାରୀ" ପ୍ରାର୍ଥନାରେ ଓଡ଼ିଶାର ଅଧିକାଂଶ ବିଦ୍ୟାଳୟର କାର୍ଯ୍ୟ ଆରମ୍ଭ ହୁଏ ।

## କଲିକତା ବିଶ୍ୱବିଦ୍ୟାଳୟର ପ୍ରଫେସର ନୀଳକଣ୍ଠ

୧୯୧୭ ମସିହା ଜୁନ୍ ମାସରେ କଲିକତା ବିଶ୍ୱବିଦ୍ୟାଳୟର କୁଳପତି ସାର୍ ଆଶୁତୋଷ ମୁଖାର୍ଜୀ ବନବିଦ୍ୟାଳୟ ବୁଲି ଆସିଥିଲେ । ସେ ନୀଳକଣ୍ଠଙ୍କର ଜ୍ଞାନ ଓ ବିଦ୍ୟାଳୟ ପରିଚାଳନାର ଶକ୍ତି ଦେଖି ଅତ୍ୟନ୍ତ ଆନନ୍ଦିତ ହେଲେ, କହିଥିଲେ, "ନୀଳକଣ୍ଠ, ମୁଁ ତୁମକୁ ମୋ ବିଶ୍ୱବିଦ୍ୟାଳୟକୁ ନେଇଯିବି ।"

Digitized by PPRACHIN, SOA

ଏହାପରେ ପୁରୀ ଜିଲାର ଉତ୍ତର ଅଞ୍ଚଳରେ ଘୋର ଦୁର୍ଭିକ୍ଷ ପଡ଼ିଲା–ଗୋପବନ୍ଧୁ ଓ ନୀଳକଣ୍ଠ ଦୁର୍ଭିକ୍ଷ ପ୍ରପୀଡ଼ିତଙ୍କ ସେବାରେ ଲାଗି ପଡ଼ିଲେ । ବିହାର ଓଡ଼ିଶା ଲାଟ ସହେବଙ୍କୁ ସେ ଅଞ୍ଚଳ ବୁଲାଇ ଦେଖାଇଲେ । ଲାଟ ସାହେବ କହିଲେ, "ସରକାରଙ୍କ ତରଫରୁ ଯାହା ହବାର କଥା ହୋଇନାଇ ।"

ଏହାର ତିନିବର୍ଷ ପରେ ନୀଳକଣ୍ଠ ପୁରୀର ଏହି ଦୁର୍ଭିକ୍ଷ ସମ୍ପର୍କୀୟ ରିପୋର୍ଟ ପ୍ରକାଶ କରିବା ପାଇଁ କଲିକତା ଯାଇଥିଲେ । ସେହି ସମୟରେ ସାର୍‌ ଆଶୁତୋଷ ତାଙ୍କୁ ଓଡ଼ିଆ ଓ ତୁଳନାତ୍ମକ ଭଷାତତ୍ତ୍ୱ (Oriya-cum-Comparative Philology) ବିଷୟରେ ପ୍ରଫେସର ରୂପେ ଯୋଗ ଦେବାକୁ ଅନୁରୋଧ କଲେ । ନୀଳକଣ୍ଠ କରିବେ କ'ଣ ? ଦେଶରେ ସୁ-ନାଗରିକ ଗଢିବା ପାଇଁ ସେ ସତ୍ୟବାଦୀ ସ୍କୁଲ ଗଢିଛନ୍ତି । ଏଣେ ଏତେ ବଡ଼ ଜଣେ ଶିକ୍ଷାବିତ୍‌ଙ୍କର ଓଡ଼ିଆ ସାହିତ୍ୟ ଶିକ୍ଷା ଦେବା ପାଇଁ ଅନୁରୋଧ । ଏଥିପାଇଁ ସେ ସତ୍ୟବାଦୀ ଫେରି ପଣ୍ଡିତ ଗୋପବନ୍ଧୁଙ୍କ ପରାମର୍ଶ ଲୋଡ଼ିଲେ । ସେଠାରେ ଦୁଇବର୍ଷ ଲାଗି କାମ କରିବା ପାଇଁ ଗୋପବନ୍ଧୁ ତାଙ୍କୁ ପରାମର୍ଶ ଦେଲେ । ପରେ ଆସି ସେ ସତ୍ୟବାଦୀ ଲାଗି କାମ କରିବା ପାଇଁ କଥା ରହିଲା । ଏ ଭିତରେ ସେଠାରେ ଜଣେ ଓଡ଼ିଆ ଛାତ୍ରକୁ ଉପଯୁକ୍ତ କରାଇବା ଲାଗି ସାଥିରେ ଜଣଙ୍କୁ ନେଇଗଲେ । ଏହିପରି ବୁଝାମଣା ମଧ୍ୟରେ ନୀଳକଣ୍ଠ ୧୯୨୦ ମସିହା ସେପ୍ଟେମ୍ବର ମାସ ୨୦ ତାରିଖରେ ସତ୍ୟବାଦୀ ଛାଡ଼ିଲେ । ପରଦିନ କଲିକତା ବିଶ୍ୱବିଦ୍ୟାଳୟରେ ପ୍ରଫେସର ରୂପେ ଯୋଗଦେଲେ ।

## ସ୍ୱାଧୀନତା ଆନ୍ଦୋଳନରେ ଯୋଗଦାନ

ରହୁଁ ରହୁଁ ମାତ୍ର ୩ ମାସ ଭିତରେ ନୀଳକଣ୍ଠ କଲିକତା ବିଶ୍ୱବିଦ୍ୟାଳୟ ପରିସର ମଧ୍ୟରେ ସମସ୍ତଙ୍କର ଆପଣାର ହୋଇ ଗଲେ । ଜଣେ ଲେଖକ ହିସାବରେ ତାଙ୍କର ଖ୍ୟାତି ଚାରିଆଡେ ବ୍ୟାପ୍ତ ହୋଇଗଲା । ଜଣେ ପ୍ରଫେସର ହିସାବରେ ତାଙ୍କର ଜ୍ଞାନର ପରିସୀମା ବିଶ୍ୱବିଦ୍ୟାଳୟର

Digitized by PPRACHIN, SOA

ଭୌଗୋଳିକ ପରିସର ଭିତରୁ ବାହାରକୁ ଗ୍ଲିଲା । ତାଙ୍କୁ ଦେଶ ଭିତରେ ଜଣେ ବିଶିଷ୍ଟ ଶିକ୍ଷାବିତ୍ ହିସାବରେ ଲୋକେ ଜାଣି ପାରିଲେ ବିଶ୍ୱବିଦ୍ୟାଳୟର ପରିବେଶ ତାଙ୍କ ଜ୍ଞାନଦୀପ୍ତ ପ୍ରତିଭାରେ ପ୍ରଜ୍ୱଳିତ ହେଲାବେଳେ କେହି ଦିନେ ବିଶ୍ୱାସ କରି ନ ଥିଲେ ଯେ ମାତ୍ର ସାଢ଼େ ତିନିମାସ ମଧ୍ୟରେ ସେ ବିଶ୍ୱବିଦ୍ୟାଳୟ ଛାଡ଼ି ଗ୍ଲିଯିବେ । ଏତେବଡ଼ ଗୌରବମୟ ଓ ଲୋଭନୀୟ ପଦ ଛାଡ଼ି ସେ ଗ୍ଲିଲେ ଏକ ବିରାଟ କର୍ତ୍ତବ୍ୟର ଆହ୍ୱାନରେ ।

ସେତେବେଳେ ଗାନ୍ଧିଜୀ ଦେଶରେ ଅସହଯୋଗ ଆନ୍ଦୋଳନର ଡାକରା ଦେଲେ । ଅଧ୍ୟାପକ ନୀଳକଣ୍ଠଙ୍କ ପ୍ରାଣ ଉଦ୍‌ବେଳିତ ହେଲା । ସେ ଆନ୍ଦୋଳନରେ ଯୋଗଦେବା ପାଇଁ ବାହାରି ପଡ଼ିଲେ । ତାର ଯୋଗେ ସତ୍ୟବାଦୀରୁ ଗୋପବନ୍ଧୁଙ୍କୁ ଡକାଇଲେ । ୧୯୨୧ ମସିହା ଜାନୁଆରୀ ମାସ ୬ ତାରିଖରେ ଗୋପବନ୍ଧୁଙ୍କ ସହିତ ସତ୍ୟାଗ୍ରହ ଆରମ୍ଭ କରିବାକୁ ସମ୍ବଲପୁର ଅଭିମୁଖେ ବାହାରି ପଡ଼ିଲେ । ସେହି ସମୟରେ ତାଙ୍କର ଜଣେ ସହକର୍ମୀ ଡକ୍‌ଟର ରମେଶଚନ୍ଦ୍ର ମଜୁମ୍‌ଦାର ନୀଳକଣ୍ଠ ବିଶ୍ୱବିଦ୍ୟାଳୟ ଛାଡ଼ି ଗଲାବେଳକୁ ପିଲାଙ୍କ ଭଳି କାନ୍ଦିବାକୁ ଲାଗିଲେ । ଆଖିରୁ ଟପ୍ ଟପ୍ ଲୁହ ଗଡ଼ାଇ ସେ କହିଲେ, "ନୀଳକଣ୍ଠ, ତୁମେ ଏଡ଼େ ବଡ଼ ଅନୁଷ୍ଠାନର ମୋହ ତୁଟାଇ ଓ ଆମମାନଙ୍କୁ ଛାଡ଼ି ଗ୍ଲି ଯାଉଚ ?"

## ରାଜନୀତି ଜୀବନର ଆରମ୍ଭ, କଲିକତାରୁ ସମ୍ବଲପୁର

ନୀଳକଣ୍ଠଙ୍କ ସାଥିରେ ଥିଲେ ସମ୍ବଲପୁରର ଆଇନ ଛାତ୍ର ଭଗିରଥି ମିଶ୍ର । ସମ୍ବଲପୁର ଷ୍ଟେସନରେ ଗୋପବନ୍ଧୁ, ନୀଳକଣ୍ଠ ଓ ଭଗିରଥି ମିଶ୍ରଙ୍କୁ ଦେଖି ଉପସ୍ଥିତ ଜନତାଙ୍କ ମଧ୍ୟରେ ନୂତନ ଉତ୍ସାହ ଖେଳିଗଲା । ସେମାନଙ୍କ ଶଙ୍ଖନାଦ ଓ ହୁଳହୁଳିରେ ଗଗନ ପବନ ପ୍ରକମ୍ପିତ ହେବାକୁ ଲାଗିଲା । ସମ୍ବଲପୁରବାସୀ ମଟର ଯୋଗେ ତାଙ୍କୁ ନେଇ ବିରାଟ ଶୋଭାଯାତ୍ରା ସହର ସାରା ବୁଲାଇଲେ । ଲୋକେ ଦ୍ୱାରେ ଦ୍ୱାରେ ଅଭ୍ୟର୍ଥନା କରୁଥା'ନ୍ତି— ମୁଣ୍ଡରେ ଚନ୍ଦନ, ନଡ଼ିଆ ଲଗାଇ ଗ୍ଉଳ ପକାଉଥା'ନ୍ତି; ଯୁବତୀମାନେ ଆସି ମୁଣ୍ଡରେ ଚନ୍ଦନ, ସିନ୍ଦୁର ଲଗାଉଥା'ନ୍ତି !

Digitized by PPRACHIN, SOA

ଜାଲିଆନାଓ୍ୱାଲବାଗ ହତ୍ୟାକାଣ୍ଡ ସପ୍ତାହରେ ମଝିରେ ମଝିରେ ନୀଳକଣ୍ଠଙ୍କ ନେତୃତ୍ୱରେ ସହରରେ ବିରଟ ଶୋଭଯାତ୍ରାମାନ ବାହାରୁଥିଲ । ଏହି ଶୋଭଯାତ୍ରାରେ ଯୋଗଦେବା ପାଇଁ ଶିକ୍ଷକ, ଛାତ୍ର ଓ କର୍ମଗ୍ୱରୀମାନେ ନିଜ ନିଜର କର୍ମକ୍ଷେତ୍ର ଛାଡ଼ି ବାହାରି ଆସୁଥିଲେ । ନୀଳକଣ୍ଠଙ୍କର ହିନ୍ଦି ମିଶା ଓଡ଼ିଆ ଉଦ୍‌ବୋଧନୀ ଗୀତ ଲେକଙ୍କ ମନରେ ଅପୂର୍ବ ଉନ୍ମାଦନା ସୃଷ୍ଟି କରୁଥିଲ । ନୀଳକଣ୍ଠ ଶୋଭଯାତ୍ରା ଆଗରେ ରହି ଗୀତ ବୋଲି ବୋଲି ଗ୍ୱଲିଥା'ନ୍ତି ।

"ସ୍ୱରଜ୍ୟ ଭୟା ଅଲବତ୍ ହୋଗା
ଛୋଡ୍‌କେ ଆଓ ଗୋଲମୀ,
ଭରତ ଲଡ୍‌କା ଗୋଲମ ହୋକେ
କାହେ କର ବଦ୍‌ନାମୀ ।"

ଏହି ସମୟରେ ସମ୍ବଲପୁରଠାରେ ଉତ୍କଳ କଂଗ୍ରେସ କାର୍ଯ୍ୟକାରୀ କମିଟି ସଭ୍ୟ ରୂପେ ନୀଳକଣ୍ଠ ସମ୍ବଲପୁର ପାଇଁ କଂଗ୍ରେସ କାର୍ଯ୍ୟର ଦାୟିତ୍ୱ ନିଜ ହାତକୁ ନେଇଥିଲେ । 'ସେବା' ନାମକ ଏକ ସାପ୍ତାହିକ ପତ୍ରିକା ପ୍ରକାଶ କରି–କଂଗ୍ରେସର ଆଭିମୁଖ୍ୟ ପ୍ରଗ୍ୱର କରୁଥିଲେ । ଏତଦ୍‌ବ୍ୟତୀତ ସେ ମଧ୍ୟ ସେଠାରେ ଏକ ଜାତୀୟ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ବନବିଦ୍ୟାଳୟର ଅନୁରୂପ କାର୍ଯ୍ୟମାନ ଏହି ଜାତୀୟ ବିଦ୍ୟାଳୟରେ କରଯାଉଥିଲ ।

ଅସହଯୋଗ ଆନ୍ଦୋଳନ ଯୋଗୁଁ ଅନେକ ଛାତ୍ର କଲେଜ ଶିକ୍ଷା ଛାଡ଼ି ଆସିଥିଲେ । ନୀଳକଣ୍ଠ ସେମାନଙ୍କ ସାହାଯ୍ୟରେ ହଇଜା ଓ ବସନ୍ତ ରେଗର ଚିକିତ୍ସାରେ ଲଗିଗଲେ । ସତ୍ୟବାଦୀ ଅଞ୍ଚଳ ପରି ଏଠାରେ ମଧ୍ୟ ହଇଜା ଏକ ମାରତ୍ମକ ରେଗ ରୂପେ ଦେଖା ଦେଇଥିଲ । ହଇଜା ହେଲେ ରେଗୀ ନିଶ୍ଚୟ ମରିଯିବ ବୋଲି ଧରି ନେଇ ଘରଲେ଼କେ ରେଗୀକୁ ଗୋଟିଏ ଗୋରୁ ସହିତ ଦଉଡ଼ିରେ ବାନ୍ଧି ଛାଡ଼ି ଦେଉଥିଲେ–ଘରୁ ବାହାରକୁ ଯିବା ପରେ ଗୋରୁଟି ରେଗୀକୁ ଟାଣି ଟାଣି ବିଲକୁ ନେଇ ଯାଉଥିଲ ଓ ବାଟରେ ରେଗୀଟିର ମୃତ୍ୟୁ ହେଉଥିଲ ।

Digitized by PPRACHIN, SOA

ଏଠାରେ ୯ ମାସ ରହିବା ପରେ ନୀଳକଣ୍ଠଙ୍କୁ ପୁରୀ ଅଞ୍ଚଳରେ କଂଗ୍ରେସ କାର୍ଯ୍ୟ କରିବା ଲାଗି ଗୋପବନ୍ଧୁ ନିର୍ଦ୍ଦେଶ ଦେଲେ । ସେଥିପାଇଁ ସେ ସମ୍ବଲପୁର ଛାଡ଼ି ପୁଣି ଆସି ସତ୍ୟବାଦୀରେ ପହଞ୍ଚିଲେ ।

## ଗାନ୍ଧିଜୀଙ୍କ ସହିତ ନୀଳକଣ୍ଠ

ମହାତ୍ମାଗାନ୍ଧୀ ଏଇ ସମୟରେ କଂଗ୍ରେସର ପ୍ରଚାର କାର୍ଯ୍ୟରେ ସତ୍ୟବାଦୀ ଅନୁଷ୍ଠାନକୁ ପରିଭ୍ରମଣରେ ଆସିଥିଲେ । ଏହିଠାରେ ମହାତ୍ମାଜୀଙ୍କର ଦେଶରେ ସ୍ଵାଧୀନତା ଆନ୍ଦୋଳନ ପାଇଁ ଗ୍ରହଣ କରଯାଉଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ ପଣ୍ଡିତ ନୀଳକଣ୍ଠଙ୍କ ସହିତ ଆଲୋଚନା ହେଲା ।

ସୂତାକଟା ପ୍ରସଙ୍ଗରେ ନୀଳକଣ୍ଠ ଗାନ୍ଧିଜୀଙ୍କୁ ବୁଝାଇ ଥିଲେ ଯେ ସୂତାକଟା କାର୍ଯ୍ୟକ୍ରମ ସାହାଯ୍ୟରେ ସ୍ଵରାଜ୍ୟ ପାଇପାରିବା ନାହିଁ । ଅବଶ୍ୟ ଏହା ସାହାଯ୍ୟରେ ଆମେ ଲୋକଙ୍କ ମଧ୍ୟରେ ଏକତା ଆଣି ପାରିବା—ଆମେ କଂଗ୍ରେସର ଶୃଙ୍ଖଳିତ ସଦସ୍ୟ ହିସାବରେ ମଧ୍ୟ ସୂତା କାଟିବୁ, ତେବେ କେବଳ ତା' ଦ୍ଵାରା ସ୍ଵରାଜ୍ୟ ମିଳି ପାରିବ ନାହିଁ ।

ଗାନ୍ଧିଜୀ ନୀଳକଣ୍ଠଙ୍କ ମତାମତକୁ ସାଦରେ ଗ୍ରହଣ କରିଥିଲେ । ସେ ସତ୍ୟବାଦୀ ବିଦ୍ୟାଳୟ ସଂପର୍କରେ ନିଜର ମତାମତ ଦେବାକୁ ଯାଇ ଲେଖିଥିଲେ,—

"ଏହା ମୁକ୍ତ ଆକାଶତଳେ ଶିକ୍ଷାଦାନ ଦେବାର ଏକ ଅଭିନବ ପ୍ରଚେଷ୍ଟା । ଏହି ଅନୁଷ୍ଠାନଟି ମଧ୍ୟ ସମସ୍ତଙ୍କ ପକ୍ଷରେ ଏକ ଭ୍ରମଣଯୋଗ୍ୟ ସ୍ଥାନ । ମୁଁ ଦୃଢ଼ନିଶ୍ଚିତ ଯେ ଗୋପବନ୍ଧୁ ଓ ତାଙ୍କର ସହଯୋଗୀ ବନ୍ଧୁଗଣଙ୍କ ସାହାଯ୍ୟରେ ଦେଶ ଯଦି ବର୍ଷକ ମଧ୍ୟରେ ସ୍ଵରାଜ୍ୟ ଲାଭ କରିବ, ତେବେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ।"

ନୀଳକଣ୍ଠ କଂଗ୍ରେସର ଅସହଯୋଗ ଆନ୍ଦୋଳନ ସହିତ ଏଇ ଜାତୀୟ କଲେଜରେ ଓଡ଼ିଆ ବିଭାଗର ଅଧ୍ୟାପକ ରୂପେ କାର୍ଯ୍ୟ କରିଥିଲେ । ପରିଶେଷରେ ୧୯୨୩ ମସିହାରେ ତାଙ୍କୁ ଅସହଯୋଗ ଆନ୍ଦୋଳନ ପାଇଁ ସାଢ଼େ ଚାରିମାସ ପାଇଁ କାରାବରଣ କରିବାକୁ ପଡ଼ିଥିଲା ।

Digitized by PPRACHIN, SOA

## କେନ୍ଦ୍ର ବ୍ୟବସ୍ଥାସଭାରେ 'ଓଡ଼ିଶା ସିଂହ'

ନୀଳକଣ୍ଠ ଜେଲରେ ଥିଲାବେଳେ କଂଗ୍ରେସ ଦଳ ମଧ୍ୟରେ ମତପାର୍ଥକ୍ୟ ଦେଖାଦେଲା । କେତେକ ମତଦେଲେ ଯେ କେନ୍ଦ୍ର ଆସେମ୍ବ୍ଲିରେ ଯୋଗଦେବା, ସ୍ୱରାଜ ଲାଭର ଚେଷ୍ଟା ଶ୍ରେୟସ୍କର ହେବ ।

ପଣ୍ଡିତ ମୋତିଲାଲ ନେହେରୁ ଓ ଦେଶବନ୍ଧୁ ଚିତ୍ତରଞ୍ଜନଙ୍କ ନେତୃତ୍ୱରେ ସ୍ୱରାଜ ଦଳ ପ୍ରତିଷ୍ଠା କରାଗଲା । ଏହି ଦଳର ପୃଷ୍ଠପୋଷକମାନଙ୍କୁ ପରିବର୍ତ୍ତନବାଦୀ (Pro-changer) କୁହାଗଲା । ଅନ୍ୟମାନେ ଅପରିବର୍ତ୍ତନବାଦୀ (No-changers) ରହିଲେ । ପଣ୍ଡିତ ନୀଳକଣ୍ଠ ଜେଲରେ ଥିବାବେଳେ ଏଥି ନେଇ ପଣ୍ଡିତ ଗୋପବନ୍ଧୁଙ୍କ ସହ ପରାମର୍ଶ କଲେ ଓ ତାଙ୍କ ଅନୁମତି ନେଇ ନୂତନ ପ୍ରତିଷ୍ଠିତ 'ସ୍ୱରାଜ' ଦଳରେ ଯୋଗ ଦେଲେ । ଏହି ଦଳ ତରଫରୁ ସେ ଓଡ଼ିଶାରୁ କେନ୍ଦ୍ର ବ୍ୟବସ୍ଥା ସଭାକୁ ଜଣେ ଅଣମୁସଲମାନ ସଭ୍ୟ ଭାବରେ ୧୯୨୪ ମସିହାରେ ନିର୍ବାଚିତ ହେଲେ ।

ସେତେବେଳେ କେନ୍ଦ୍ର ସଭାକୁ ନିର୍ବାଚିତ ସଭ୍ୟମାନଙ୍କ ମଧ୍ୟରୁ ଦୁଇଜଣ ମାତ୍ର ପ୍ରଫେସର ଥିଲେ । ଜଣେ ପଣ୍ଡିତ ମଦନ ମୋହନ ମାଳବ୍ୟ ଓ ଆଉ ଜଣେ ହେଉଛନ୍ତି ପଣ୍ଡିତ ନୀଳକଣ୍ଠ । ନୀଳକଣ୍ଠ ସ୍ୱରାଜ ପାର୍ଟିର ସିନିଅର ସେକ୍ରେଟାରୀ (ବରିଷ୍ଠ ସଂପାଦକ) ଭାବେ ନିର୍ବାଚିତ ହୋଇ ତାଙ୍କ ସଭ୍ୟ ଥିବା କାଳ ଶେଷ ପର୍ଯ୍ୟନ୍ତ ଅର୍ଥାତ୍ ଜେଲ୍ ଜୀବନ ବ୍ୟତୀତ, ୧୯୪୫ ଯାଏ ଦାୟିତ୍ୱ ତୁଲାଇଲେ । ଏହି ଦଳର ସଭାପତି ଥିଲେ ପ୍ରଥମେ ପଣ୍ଡିତ ମୋତିଲାଲ ନେହେରୁ ଓ ପରେ ଶ୍ରୀ ବୁଲାଭାଇ ଦେଶାଇ ।

କଥାରେ ଅଛି ଉଦ୍‌ଯୋଗୀ ପୁରୁଷ ଯେଉଁ କାର୍ଯ୍ୟରେ ହାତ ଦିଏ, ସେ କାର୍ଯ୍ୟ ଅସଫଳ ହୋଇ ରହେ ନାହିଁ । ଗୁହୁଁ ଗୁହୁଁ ଦିନ କେଇଟାରେ ନୀଳକଣ୍ଠ ଜଣେ ଉଚ୍ଚକୋଟୀର ସଭ୍ୟ ରୂପେ କେନ୍ଦ୍ର ବ୍ୟବସ୍ଥା ସଭାରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରି ପାରିଥିଲେ । ତା'ର ଦୃଷ୍ଟାନ୍ତ ଦେବାକୁ ଯାଇ ଓଡ଼ିଶାର ପୂର୍ବତନ ରାଜ୍ୟପାଳ ବି.ଏନ୍. ପାଣ୍ଡେ ୧୯୮୮ ମସିହା ମାର୍ଚ୍ଚ ମାସ ୩୦ ତାରିଖରେ ତାଙ୍କ ଜନ୍ମପୀଠରେ ପଣ୍ଡିତ ନୀଳକଣ୍ଠଙ୍କ ମୂର୍ତ୍ତି ଉନ୍ମୋଚନ ଅବସରରେ ଯାହା କହିଥିଲେ ତାହା ପ୍ରଣିଧାନଯୋଗ୍ୟ ।

Digitized by PPRACHIN, SOA

ସେ କହିଥିଲେ ।

"ଥରେ ମୁଁ କେନ୍ଦ୍ର ସଭର ଦର୍ଶକ ଗ୍ୟାଲେରୀରେ ବସିଥିଲି । ସେହି ସମୟରେ ପଣ୍ଡିତଜୀ ତାଙ୍କ ସ୍ୱଭବ ସୁଲଭ ରୀତିରେ ବକ୍ତୃତା ଦେଉଥିଲେ । ମୋ ନିକଟରେ ବସିଥିବା ଜଣେ ଦର୍ଶକ ତାଙ୍କ ପାଖରେ ବସିଥିବା ଦର୍ଶକଙ୍କୁ ପଗ୍ଚରିଲେ, "ଏପରି ବଳିଷ୍ଠ ଯୁକ୍ତି ସହିତ ଜୋରଦେଇ ଅନର୍ଗଳ ଭବରେ ନିଜର ମତ ଉପସ୍ଥାପନ କରୁଥିବା ଏଇ ବକ୍ତା ଜଣଙ୍କ କିଏ ?" ବନ୍ଧୁଜଣଙ୍କ ଉତ୍ତର ଦେଲେ, "ତୁମେ କ'ଣ ତାଙ୍କୁ ଜାଣ ନାହିଁ । ସେ ପଗ ପଣ୍ଡିତ ନୀଳକଣ୍ଠ ଦାସ । ଓଡ଼ିଶାର ସିଂହ । ସେହି ଓଡ଼ିଶାର ସିଂହ ଜଣଙ୍କ ଏବେ ଗର୍ଜ୍ଜନ କରୁଚନ୍ତି ।"

ସେ କେନ୍ଦ୍ରସଭର ସଭ୍ୟଭବେ ବ୍ରିଟିଶ୍ ଶାସନର ଅସଫଳତା ସଂପର୍କରେ ସୂଚନା ଦେଇ କିପରି ବ୍ୟବସ୍ଥା ସଭ ହାତକୁ ବିଶେଷ କ୍ଷମତା ଆସିବ ସେହି ଲକ୍ଷ୍ୟରେ କାମ କରୁଥିଲେ । ବ୍ୟବସ୍ଥା ସଭରେ ତାଙ୍କର କୃତିତ୍ୱ ସମ୍ବନ୍ଧରେ ପରେ ବିଶେଷ ଭବେ ଉଲ୍ଲେଖ କରଯିବ । ଯାହାହେଉ ଦେଶ ଓ ଜାତିପାଇଁ ନୀଳକଣ୍ଠଙ୍କ ଦରଦ ଦେଖି ତାଙ୍କୁ ପୁଣିଥରେ ୧୯୨୬ ମସିହାରେ ବ୍ୟବସ୍ଥା ସଭକୁ ସଭ୍ୟ ରୂପେ ନିର୍ବାଚିତ କରଗଲ । ଏତେବେଳେ ଗୋପବନ୍ଧୁ ଜୀବିତ ।

## କର୍ଣ୍ଣଧାରଙ୍କ ଶେଷ ଶଯ୍ୟାରେ ନୀଳକଣ୍ଠ

ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତି ନୀଳକଣ୍ଠଙ୍କ ହୃଦୟରେ ଅକଳନ ଶ୍ରଦ୍ଧା ଓ ଭକ୍ତି ଥିଲ । ଏହାର ନିଦର୍ଶନ ସ୍ୱରୂପ ଗୋପବନ୍ଧୁଙ୍କ ମୃତ୍ୟୁରେ ତାଙ୍କର ନିଜର ଉକ୍ତି ଉଲ୍ଲେଖନୀୟ—ତାଙ୍କ ଦରଦୀ ଭଷାରେ ସେ ଲେଖିଚନ୍ତି "ଓଡ଼ିଶାର ଜଣେ ଭଗ୍ୟବାନ ମହାପୁରୁଷ ଗ୍ଚଲିଗଲେ—ଆମ ସମସ୍ତଙ୍କୁ ଅନ୍ଧାରରେ ଅଣ୍ଡାଳି ହେଲ ପରି ଲଗୁଥାଏ । ଆମରି ବନ୍ଧୁ, ସଖା ପୁଣି କର୍ଣ୍ଣଧାର ଆମକୁ ଚଲବାଟର ଅସରନ୍ତି ରସ୍ତାରେ ଛାଡ଼ି ସବୁଦିନ ପାଇଁ ଗ୍ଚଲିଗଲେ ।" ଗୋପବନ୍ଧୁ ୧୯୨୮ ମସିହାରେ ଟାଇଫଏଡ୍ ରେଗରେ ଆକ୍ରାନ୍ତ ହେଲେ । ରେଗ ସାମାନ୍ୟ ଭଲ ହେବା ପରେ କଲିକତାର ଓଡ଼ିଆ ଶ୍ରମିକମାନଙ୍କ ଡାକରରେ ସେଠାକୁ ଯିବାରେ ଟାଇଫଏଡ୍ ପୁଣି ଲେଉଟିଲ । ମୃତ୍ୟୁ ଆସନ୍ନ ଜାଣି ସେ ନୀଳକଣ୍ଠଙ୍କୁ ଡକାଇ କହିଲେ, "ନୀଳକଣ୍ଠ, ତୁମେ ବରବର ମୋ ପାଖରେ ଥିବ ।"

Digitized by PPRACHIN, SOA

ଗୋପବନ୍ଧୁଙ୍କ ପାଖରେ ରହି ନୀଳକଣ୍ଠ ତାଙ୍କର ସେବା କରିବାର ସୁଯୋଗ ପାଇଥିଲେ । ସମସ୍ତଙ୍କର ସେବା ଓ ଆପ୍ରାଣ ଚେଷ୍ଟା ସତ୍ତ୍ୱେ ଗୋପବନ୍ଧୁଙ୍କ ପ୍ରାଣପକ୍ଷୀ ଉଡ଼ି ଚାଲିଲା ଆର ପୁରକୁ, ଯେଉଁ ପୁରକୁ ଗଲେ ଆଉଥରେ ଫେରି ଆସେ ନାଇ ।

ସେ ଦିନ ଗୁଣ୍ଡିଚାର ଆଗଦିନ, ଜଗନ୍ନାଥଙ୍କ ନବଯୌବନ ଦର୍ଶନ–ଜୁନ୍ ମାସ ୧୭ ତାରିଖ, ସଂଧ୍ୟା ୭ଟା ୧୫ ମିନିଟ୍‌ରେ ଗୋପବନ୍ଧୁଙ୍କର ଦେହାବସାନ ହୋଇଗଲା । ତହିଁ ଆରଦିନ ନୀଳକଣ୍ଠଙ୍କ ତତ୍ତ୍ୱାବଧାନରେ ସକାଳୁ ସକାଳୁ ଗୋପବନ୍ଧୁଙ୍କ ଶବ ଶୋଭାଯାତ୍ରା ବାହାରିଲା । ଦ୍ୱାରେଦ୍ୱାରେ ଶୋଭାଯାତ୍ରା ବୁଲିଲାପରେ ସତ୍ୟବାଦୀ ସ୍କୁଲ ପାଖ ଶ୍ମଶାନରେ ଶବଦାହ କ୍ରିୟା ସମାପନ କରାଯାଇଥିଲା । ପରେ କୃପାସିନ୍ଧୁ, ଗୋଦାବରୀଶ, ନୀଳକଣ୍ଠ ଓ ଆଚାର୍ଯ୍ୟ ହରିହରଙ୍କ ଶବ ମଧ୍ୟ ଏଇଠି ଦାହ କରାଯାଇ-ଥିଲା । ଏହାକୁ ଏବେ ପଞ୍ଚସଖା ପୀଠ କୁହାଯାଉଚି ।

ଗୋପବନ୍ଧୁଙ୍କ ମୃତ୍ୟୁ ଖବର ନୀଳକଣ୍ଠ ଗାନ୍ଧିଜୀଙ୍କୁ ଟେଲିଗ୍ରାମ୍‌ରେ ଜଣାଇଲେ–ସେତେବେଳେ ଏବପରି ଦୂରସଞ୍ଚାଳନ ମାଧ୍ୟମ ତ ନ ଥାଏ । ଗାନ୍ଧିଜୀ 'ୟଙ୍ଗ୍ ଇଣ୍ଡିଆ'ରେ ଲେଖିଲେ "ନୀଳକଣ୍ଠ ବାବୁଙ୍କ ଟେଲିଗ୍ରାମରୁ ଜାଣିଲି ଗୋପବନ୍ଧୁ ଆଉ ନାହାନ୍ତି । ଜଣେ ପୁଣ୍ୟାତ୍ମା ଚାଲିଗଲେ ।"

## ପୁରୀରେ ପ୍ରସ୍ତାବିତ କଂଗ୍ରେସ ଅଧିବେଶନ

ଗୋପବନ୍ଧୁଙ୍କ ତିରୋଧାନ ପରେ ନୀଳକଣ୍ଠ ଥିଲେ ଏକମାତ୍ର ବ୍ୟକ୍ତି ଯାହାଙ୍କ ହାତରେ ଓଡ଼ିଶାରେ କଂଗ୍ରେସର ସାଙ୍ଗଠନିକ କାର୍ଯ୍ୟର ସମସ୍ତ ଭାର ପଡ଼ିଥିଲା । ଏହାପରେ ୧୯୩୨ରେ ନିଖିଳ ଭାରତ କଂଗ୍ରେସର ଅଧିବେଶନ ପୁରୀଠାରେ ଅନୁଷ୍ଠିତ କରାଇବା ପାଇଁ କଂଗ୍ରେସର ହାଇକମାଣ୍ଡଙ୍କୁ ଅନୁରୋଧ ଜଣାନ୍ତେ ସେମାନେ ଏଥିପାଇଁ ଅନୁମତି ଦେଲେ । କଂଗ୍ରେସ କମିଟିର ବୈଠକରେ ସ୍ଥିର ହେଲା, ଯେଉଁ ଜିଲ୍ଲାରୁ ଅଭ୍ୟର୍ଥନା ସମିତି ଲାଗି ଅଧିକ ସଭ୍ୟ ମିଳିବେ, ସେହି ଜିଲ୍ଲାରୁ ଅଭ୍ୟର୍ଥନା ସମିତିର ସଭାପତି କରାଯିବ । ନୀଳକଣ୍ଠ ଏହା ଏକ କୁଚକ୍ର ଜାଣିପାରି କହିଥିଲେ, "କଟକର ଲୋକ ସଂଖ୍ୟା ୨୨ ଲକ୍ଷ ହେବାବେଳେ ପୁରୀର ଲୋକ ସଂଖ୍ୟା

Digitized by PPRACHIN, SOA

ଦଶ ଲକ୍ଷ—ତେଣୁ କଟକରୁ ସଭପତି ସହଜରେ ହୋଇ ପାରିବେ । ତଥାପି ସେ ଏ ପ୍ରସ୍ତାବରେ ରାଜି ହେଲେ ଓ ସଭ୍ୟ ସଂଗ୍ରହ କାର୍ଯ୍ୟ ଚାଲିଲା ।

ନୀଳକଣ୍ଠ ପଣ୍ଡାମାନଙ୍କୁ ବୁଝାଇ କହିଲେ, "ତୁମ ପରଂପରା ହେଉଚି ଅତିଥି ସେବା । ଜଗନ୍ନାଥଙ୍କ ଦର୍ଶନ ପାଇଁ ଭାରତରୁ ନାନା ସ୍ଥାନରୁ ଯାତ୍ରୀ ଆସି ତୁମ୍ଭମାନଙ୍କ ଆତିଥ୍ୟରେ ପୁରୁଷୋତ୍ତମ ମହାତୀର୍ଥରେ ନାନା ଧର୍ମାନୁଷ୍ଠାନ କରି ସୁଖରେ ଫେରି ଯାଆନ୍ତି । ତୁମ୍ଭେମାନେ କୌଣସି ପ୍ରକାର ଲାଭ ଆଶା ନରଖି, ହାତରୁ ପଇସା ଖର୍ଚ୍ଚ କରି ସେମାନଙ୍କ ସେବା କରି ଆସୁଛ । ଏବେ ପୁରୀରେ କଂଗ୍ରେସ ସଭା ବସିବ । ଭାରତର ନାନା ସ୍ଥାନରୁ ପୁରୀ ଧାମକୁ ବହୁ ବିଶିଷ୍ଟ ଲୋକ ଅତିଥି ହୋଇ ଆସିବେ । ସେଇ ଅତିଥି ସେବା ତୁମ୍ଭେମାନେ କରିବ ତ ? ତୁମରି ପୂର୍ବପୁରୁଷ ଯେଉଁ ଉଜ୍ଜ୍ୱଳ ପରଂପରା ରଖି ଯାଇଛନ୍ତି, ତା'ର ଟେକ ରଖିବ ତ ?"

ନୀଳକଣ୍ଠଙ୍କ କଥା ଶୁଣି ଜଗନ୍ନାଥ ସଂସ୍କୃତିର ପୁରୋଧା ପଣ୍ଡାମାନଙ୍କ ହୃଦୟରେ ଚମକ ଖେଳିଗଲା । ସେମାନେ ନୀଳକଣ୍ଠଙ୍କୁ ହସି ହସି କହିଲେ, "ଆମର ତ ଖଦଡ଼ ନାହିଁ, ଆମେ କ'ଣ ପିନ୍ଧି ସଭାକୁ ଯିବୁ ?"

ସଙ୍ଗେ ସଙ୍ଗେ ନୀଳକଣ୍ଠ ଉତ୍ତର ଦେଲେ, "ତୁମମାନଙ୍କର ତ ବ୍ରହ୍ମପୁରୀ ପାଟ ଥିବ, ତାକୁଇ ପିନ୍ଧି ଯିବ । ପାଟ ସୂତା ତ ଏ ଦେଶରେ ତିଆରି ସୂତା ।" ପଣ୍ଡାମାନେ ନୀଳକଣ୍ଠଙ୍କ ଉତ୍ତର ଶୁଣି ଖୁସି ହେଲେ ଓ ସାଙ୍ଗେ ସାଙ୍ଗେ ସେଇଠି ସଭ୍ୟ ଚାନ୍ଦା ଟ ୨୫-୦୦ କରି ଦେଇ ୧୬୬ ଜଣ ସଭ୍ୟ ହେବା ଲାଗି ସ୍ୱାକ୍ଷର କଲେ ।

ଏଠି ଏତିକି ଉଲ୍ଲେଖ କରିବା ଆବଶ୍ୟକ ଯେ ସଭ୍ୟ ସଂଗ୍ରହ କାର୍ଯ୍ୟରେ ଅନ୍ୟ ୨ଜଣ ନେତା ଶ୍ରୀଯୁକ୍ତ ଗୋପବନ୍ଧୁ ଚୌଧୁରୀ ଓ ଆଚାର୍ଯ୍ୟ ହରିହର ଦାସ ପୁରୀ ପଣ୍ଡାଙ୍କ ଭିତରୁ ଅନ୍ତତଃ ଜଣକୁ ଅଭ୍ୟର୍ଥନା ସମିତିର ସଭ୍ୟ କରି ପାରିବା ଆବଶ୍ୟକ ବୋଲି କୁହାକୋହି ହେଉଥିବା ନୀଳକଣ୍ଠଙ୍କ କାନରେ ପଡ଼ିଲା । ସେ ଲେଖିଚନ୍ତି, "ମୋର ମନେ ହେଲା, ଏମାନଙ୍କ ଦେହି କିଛି ହେବ ନାହିଁ ।" ସେମାନଙ୍କୁ କହିଲି "ଆପଣମାନେ ପଣ୍ଡାଙ୍କ ପାଖକୁ ଯାଆନ୍ତୁ ନାଇ । ମୁଁ କ'ଣ କରୁଚି ଦେଖନ୍ତୁ ।" ଶେଷରେ ଦେଖା

Digitized by PPRACHIN, SOA

ଗଲ କଟକ ଜିଲ୍ଲାର ସଭ୍ୟ ସଂଖ୍ୟା ୨୩୦ ହେବା ବେଳକୁ ପୁରୀ ଜିଲ୍ଲାର ସଭ୍ୟ ସଖ୍ୟା ହେଲ ୨୯୭ । ନୀଳକଣ୍ଠ ଅଭ୍ୟର୍ଥନା ସମିତିର ସଭାପତି ହେଲେ । ମାତ୍ର ଏଣେ କଂଗ୍ରେସ ଅଧିବେଶନ ପାଇଁ ଆୟୋଜନ ଚାଲିଥିଲା-ବେଳେ ଦେଶରେ ଲବଣ ସତ୍ୟାଗ୍ରହ ଆନ୍ଦୋଳନ ତେଜି ଉଠିଲା । ସେଥିପାଇଁ ନାନା ପଦକ୍ଷେପ ନେବା ଭିତରେ ଏକ ଅର୍ଡିନାନ୍ସ ଜାରି କରି ସରକାର ପୁରୀର ଅଧିବେଶନକୁ ବନ୍ଦ କରି ଦେଲେ ।

କଂଗ୍ରେସ ଅଧିବେଶନକୁ ସିନା ବନ୍ଦ କରି ଦିଆଗଲା ମାତ୍ର ପଣ୍ଡିତ ନୀଳକଣ୍ଠଙ୍କ ସାଙ୍ଗଠନିକ ଉଦ୍ୟମ ପରବର୍ତ୍ତୀ ସମୟରେ କର୍ମୀମାନଙ୍କୁ ନୂଆ ନୂଆ କାର୍ଯ୍ୟକ୍ରମମାନ ହାତକୁ ନେବାକୁ ପ୍ରେରଣା ଯୋଗାଇଲା ।

## ଓଡ଼ିଶାର ପ୍ରଥମ ବିଧାନ ସଭା ନିର୍ବାଚନ

୧୯୩୭ ମସିହାରେ ଓଡ଼ିଶାର ବିଧାନ ସଭାର ପ୍ରଥମ ନିର୍ବାଚନ ହୋଇଥିଲା । ସେତେବେଳେ ପଣ୍ଡିତ ନୀଳକଣ୍ଠ ପ୍ରାଦେଶିକ କଂଗ୍ରେସ କମିଟିର ସଭାପତି । ତେଣୁ ପ୍ରଦେଶର ନିର୍ବାଚନର ରୂପରେଖ କ'ଣ ହେବ, କିପରି କଂଗ୍ରେସରୁ ବେଶି ପ୍ରାର୍ଥୀ ଜୟଲାଭ କରି ପାରିବେ, ଏସବୁ ବିଷୟ ପ୍ରତି ଦୃଷ୍ଟି ରଖି ପ୍ରାର୍ଥୀ ଠିଆ କରାଇବାର ବିରାଟ ଦାୟିତ୍ୱ ତାଙ୍କ ଉପରେ ରହିଥିଲା ।

ସେତେବେଳକୁ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହୋଇ ସାରିଥାଏ । ତଥାପି ଇଂରେଜମାନଙ୍କ ଚକ୍ଷୁଶୀଳ ହୋଇ ନିର୍ବାଚନରେ ଠିଆ ହେବାକୁ କଂଗ୍ରେସ ତରଫରୁ ବେଶୀ ଲୋକ ଆଗ୍ରହ ପ୍ରକାଶ କରୁ ନଥିଲେ ।

ନୀଳକଣ୍ଠ ବହୁ ବିଚାର ଓ ଆଲୋଚନା ପରେ ବିଧାନ ସଭାର ୬୦ଟି ସ୍ଥାନ ମଧ୍ୟରୁ ୩୭ଟି ସ୍ଥାନ ପାଇଁ କଂଗ୍ରେସ ଦଳ ତରଫରୁ ପ୍ରାର୍ଥୀ ଠିଆ କରାଇ ଥିଲେ ଏବଂ ତାଙ୍କର ପ୍ରଗାଢ଼ ଉଦ୍ୟମ ଫଳରେ କେବଳ ଗୋଟିଏ ସ୍ଥାନ ବ୍ୟତୀତ ଅନ୍ୟ ୩୬ଟି ସ୍ଥାନରେ କଂଗ୍ରେସ ପ୍ରାର୍ଥୀମାନେ ଜୟଯୁକ୍ତ ହୋଇଥିଲେ । ଯେଉଁ ଜଣକ ହାରି ଯାଇଥିଲେ, ତାଙ୍କର ମହାତ୍ମାଜୀଙ୍କ ଆଶ୍ରମରେ ଥିବା ବେଳର ଦୁର୍ନାମ ଏବେ ଜଣା ପଡ଼ିଯିବାର ଫଳ ତାଙ୍କ ପରାଜୟର କାରଣ ହେଲା ।

Digitized by PPRACHIN, SOA

କଂଗ୍ରେସର ସଫଳତା ଲାଗି କଂଗ୍ରେସ ଉଚ୍ଚ କର୍ତ୍ତୃପକ୍ଷ ସର୍ଦ୍ଦାର ପଟେଲ "ସାବାସ ଓଡ଼ିଶା" ବୋଲି ନୀଳକଣ୍ଠଙ୍କୁ ଟେଲିଗ୍ରାମ କରିଥିଲେ ।

## ଜୀବନର ଦୁଇଟି ପାର୍ଶ୍ୱ : ସଫଳତା ଓ ବିଫଳତା

ରାଜା ଓ ଜମିଦାରମାନଙ୍କ ବିରୁଦ୍ଧ ଚରଣ ସତ୍ତ୍ୱେ ପଣ୍ଡିତ ନୀଳକଣ୍ଠ ପ୍ରଥମ ପ୍ରାଦେଶିକ ନିର୍ବାଚନରେ କଂଗ୍ରେସ ପ୍ରତି ବିପୁଳ ସମ୍ମାନ ଆଣିଥିବାରୁ ଓ ପଣ୍ଡିତଜୀଙ୍କ ନିର୍ବାଚନ ପ୍ରଚାର ଦେଖି ଥିବାରୁ ପଣ୍ଡିତ ଜବାହାରଲାଲ ନେହେରୁ ତାଙ୍କ ଉପରେ ଅତ୍ୟନ୍ତ ପ୍ରୀତ ହୋଇଥିଲେ ଏବଂ ତାଙ୍କ ନିଜ ରାଜ୍ୟ ଉତ୍ତରପ୍ରଦେଶର ନିର୍ବାଚନରେ ତାଙ୍କୁ ସାହାଯ୍ୟ କରିବା ପାଇଁ ଅନୁରୋଧ କରିଥିଲେ । ସମସ୍ତେ ମନେ କରିଥିଲେ ଯେ ନିର୍ବାଚନ ପରେ ପଣ୍ଡିତଜୀଙ୍କ ଉପରେ ଓଡ଼ିଶାର ପ୍ରଧାନମନ୍ତ୍ରୀ ହେବାର ଦାୟିତ୍ୱ ପଡ଼ିବ । ମାତ୍ର କେତେକ ଲୋକଙ୍କ କୁଚକ୍ର ଓ ପ୍ରବଞ୍ଚନା ଯୋଗୁ ପଣ୍ଡିତଜୀ ଓଡ଼ିଶାର ପ୍ରଧାନମନ୍ତ୍ରୀ ପଦରୁ ବଞ୍ଚିତ ହୋଇଥିଲେ ।

ପଣ୍ଡିତଜୀଙ୍କ ଜୀବନର ଏହି ଅସଫଳ ଦିଗଟି ଉପରେ ପୂର୍ବତନ ଏମ୍. ପି. ପ୍ରଫେସର ଏନ୍. ଜି: ରଙ୍ଗାଙ୍କ ମତାମତ ଆମର ପ୍ରଣିଧାନ ଯୋଗ୍ୟ । ପ୍ରଫେସର ରଙ୍ଗା କହିଚନ୍ତି– "ପଣ୍ଡିତ ନୀଳକଣ୍ଠ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପୂର୍ବରୁ ଓ ପରେ ଓଡ଼ିଶାର ସବୁଠାରୁ ଶକ୍ତିଶାଳୀ କଂଗ୍ରେସ ନେତା ଥିଲେ, ଯେ କି ୧୯୩୬–୩୭ ନିର୍ବାଚନରେ କଂଗ୍ରେସ ପାଇଁ ଅଭୂତପୂର୍ବ ସଫଳତା ଆଣି ପାରିଥିଲେ । ତଥାପି ସେ କଂଗ୍ରେସ ପାର୍ଟି ତରଫରୁ ବିଧାନ ସଭାର ନେତା ହୋଇ ପାରିଲେ ନାହିଁ । ଏହାର କାରଣ ହେଲା, ପଣ୍ଡିତ ନୀଳକଣ୍ଠ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ଦାବୀ କରି ବହୁ ଜାତୀୟ ସ୍ତରର ନେତାଙ୍କ ଉପରେ ଖଣ୍ଡା ଚଳାଇ ଥିଲେ ।"

( ଏଠି ପରେ କୁହା ଯାଉଥିବା ନୀଳକଣ୍ଠଙ୍କର ଭାରତୀୟ କଂଗ୍ରେସର କଲିକତା ଅଧିବେଶନକୁ ବର୍ଜନ ବିଷୟ ଦର୍ଶନୀୟ । )

ଏତଦ୍‌ବ୍ୟତୀତ ପ୍ରଫେସର ରଙ୍ଗା ନୀଳକଣ୍ଠଙ୍କର ଉପଯୁକ୍ତ ମୂଲ୍ୟାୟନ କରିବାକୁ ଯାଇ କହିଛନ୍ତି; "ବହୁ ଓଡ଼ିଆନେତା ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଓ

Digitized by PPRACHIN, SOA

କେନ୍ଦ୍ର କ୍ୟାବିନେଟ୍‌ରେ ସ୍ଥାନପାଇବାର ସୌଭଗ୍ୟ ଅର୍ଜ୍ଜନ କରିଛନ୍ତି । କିନ୍ତୁ ନୀଳକଣ୍ଠଙ୍କ ଦେଶପ୍ରେମ, ପାଣ୍ଡିତ୍ୟ ଓ ରାଜନୈତିକ ଦୃଷ୍ଟିକୋଣ ବିଗ୍ଚର କଲେ ସେ ସମସ୍ତଙ୍କ ମଧ୍ୟରେ ନୀଳକଣ୍ଠ ପ୍ରଥମ ସ୍ଥାନ ଅଧିକାର କରିଅଛନ୍ତି ।''

## ଓଡ଼ିଶା ପ୍ରଦେଶର ଯଥାର୍ଥ ଜନକ

ଉପରୋକ୍ତ ମନ୍ତବ୍ୟ ଦେବା ସଙ୍ଗେ ସଙ୍ଗେ ଆନ୍ଧ୍ରର ଏଇ ୯୦ ବର୍ଷ ବୟସ୍କ ନେତା, ଯେ ନୀଳକଣ୍ଠ ଯୋଗଦେବାର ୧୦ ବର୍ଷ ପରେ କେନ୍ଦ୍ର ବ୍ୟବସ୍ଥା ସଭରେ ଯୋଗ ଦେଇଥିଲେ, ଆହୁରି କହିଛନ୍ତି, "ଲକ୍ଷ୍ୟ କରିବାର କଥା, ଆନ୍ଧ୍ରର କଂଗ୍ରେସ ନେତାମାନେ ନୀଳକଣ୍ଠଙ୍କ କୌଶଳ ପ୍ରୟୋଗ କରି ନ ପାରି କେନ୍ଦ୍ର ନେତୃବର୍ଗଙ୍କ ବଶ୍ୟତା ସ୍ୱୀକାର କରିବାରେ ସ୍ୱତନ୍ତ୍ର ଆନ୍ଧ୍ରପ୍ରଦେଶ ପାଇବାରେ ଅକୃତକାର୍ଯ୍ୟ ହୋଇଥିବାବେଳେ, ନୀଳକଣ୍ଠ ତା'ର ଏକ ଦଶନ୍ଧି ପୂର୍ବରୁ ଓଡ଼ିଶା ପ୍ରଦେଶ ଗଠନ କରାଇ ପାରିଥିଲେ ।'' ଏ ଦିଗରେ ନୀଳକଣ୍ଠଙ୍କର ବହୁବିଧ ଉଦ୍ୟମର ଉଲ୍ଲେଖ କରି ପ୍ରଫେସର ରଙ୍ଗା କହିଛନ୍ତି, ''ଏଇ ଭବରେ ପଣ୍ଡିତ ନୀଳକଣ୍ଠ ହିଁ ଓଡ଼ିଶା ପ୍ରଦେଶର ଯଥାର୍ଥ ଜନକ ହୋଇ ପାରିଛନ୍ତି ।''

## ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ନୀଳକଣ୍ଠଙ୍କର ବହୁ ଦିନର ସ୍ୱପ୍ନ-ନାନାବିଧ ପ୍ରଚେଷ୍ଟା

ନୀଳକଣ୍ଠଙ୍କର ଓଡ଼ିଶାକୁ ଏହି ମହାନ୍ ଅବଦାନ ବିଷୟରେ ଆହୁରି ଟିକିଏ ବିଶେଷ ଆଲୋଚନା ଲୋଡ଼ା ହେଲେ ହେଁ, ଏଠି ତାର ଅନ୍ତତଃ ସାମାନ୍ୟ ବିବରଣୀ ପ୍ରଦାନ କରିବା ଆବଶ୍ୟକ ମନେକରୁ । ଓଡ଼ିଆ ଭଷାଭଷୀ ଅଞ୍ଚଳକୁ ଘେନି ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ପଣ୍ଡିତ ନୀଳକଣ୍ଠଙ୍କର ବହୁକାଳର ସ୍ୱପ୍ନ ଥିଲା । ସେଥିପାଇଁ ସେ–

୧। ୧୯୨୩ ମସିହା କାକିନାଡ଼ା କଂଗ୍ରେସବେଳେ ମହାତ୍ମାଜୀଙ୍କୁ କହିଥିଲେ "ଆପଣ ଆମର ଆନ୍ଧ୍ର-ଓଡ଼ିଶାର ସୀମାବିବାଦ ମେଣ୍ଟାଇ ଦିଅନ୍ତୁ ।'' ଗାନ୍ଧିଜୀ ଏଥି ଲାଗି ଗୋଟିଏ କମିଟି ଗଠନ କରିଦେଲେ ।

Digitized by PPRACHIN, SOA

ଶ୍ରୀଯୁକ୍ତ ରଙ୍ଗଗୋପାଳାଚାରୀ ଏଥିରେ ଅଧ୍ୟକ୍ଷ ରହିଲେ । ଅନ୍ୟମାନଙ୍କ ମଧ୍ୟରେ ପଣ୍ଡିତ ନୀଳକଣ୍ଠ ଏଥିରେ ଜଣେ ସଭ୍ୟ ରହିଲେ । ମାତ୍ର ଏ କମିଟି କୌଣସି ଅଗ୍ରଗତି କରିପାରିଲା ନାହିଁ । ଶ୍ରୀଯୁକ୍ତ ରଙ୍ଗଗୋପାଳାଚାରୀ ଇସ୍ତଫା ଦିଅନ୍ତେ, ଡ଼ଃ ରାଜେନ୍ଦ୍ର ପ୍ରସାଦଙ୍କୁ ଏଥିରେ ଅଧ୍ୟକ୍ଷ ନିଯୁକ୍ତ କରାଗଲା । ସେଥିରେ ମଧ୍ୟ କିଛି ଫଳ ହେଲା ନାହିଁ । ଶେଷକୁ ଆଶ୍ଚର୍ଯ୍ୟ ମନେହେଲେ ବି ସତ୍ୟ ଯେ ଏହାର ସମାଧାନ ନିଜେ ନୀଳକଣ୍ଠ ହିଁ ମୁଖଲିଙ୍ଗମ୍ ସମ୍ମିଳନୀରେ କରିପାରିଥିଲେ ।

୨। ୧୯୨୭ ମସିହା ଜୁନ୍ ୧୬/୧୭ ତାରିଖ ଦୁଇଦିନ ଧରି ଆନ୍ଧ୍ରନେତାମାନଙ୍କ ଦ୍ୱାରା "ଆନ୍ଧ୍ର ପ୍ରାଚ୍ୟ ବିଦ୍ୟା ଗବେଷଣା ସମିତି" ତରଫରୁ ଏକ ସମ୍ମିଳନୀ ପାରଳାଖେମୁଣ୍ଡି ନିକଟସ୍ଥ ମୁଖଲିଙ୍ଗମ୍‌ଠାରେ ଆହୁତ ହେଲା—ବୁଝିବାର ଅଛି, ପାରଳାଖେମୁଣ୍ଡି ସେତେବେଳେ ଆନ୍ଧ୍ରପ୍ରଦେଶରେ ଥିଲା । ତା' ସହିତ ସମସ୍ତ କୋରାପୁଟ ଓ ଗଞ୍ଜାମ ଅଞ୍ଚଳ, ଅର୍ଥାତ୍ ଜୟପୁରଠାରୁ ପୁରୀର ଚିଲିକା ଯାଏ ଆନ୍ଧ୍ରମାନେ ତାଙ୍କ ପ୍ରଦେଶର ଅନ୍ତର୍ଭୁକ୍ତ ବୋଲି ଦାବୀ କରୁଥିଲେ । ଉକ୍ତ ଗବେଷଣା ସମିତି ଜରିଆରେ ଆନ୍ଧ୍ର ସରକାରଙ୍କ ସାହାଯ୍ୟରେ ସେମାନେ ବହୁଦିନ ଧରି ଏଥିପାଇଁ ସବୁ କିଛି ତଥ୍ୟ ସଂଗ୍ରହରେ ଲାଗିଥିଲେ । ତେଣୁ ଏ ସମ୍ମିଳନୀର ଯଥେଷ୍ଟ ଗୁରୁତ୍ୱ ରହିଥିଲା । ଓଡ଼ିଆମାନେ ତଥା ଓଡ଼ିଶା ସରକାର ସାଧାରଣତଃ ଏପରି କାର୍ଯ୍ୟରେ ବଡ଼ ଶିଥିଳ । ଏହା ଉପଲବ୍ଧି କରି 'ଦୈନିକ ଆଶା'ର ସଂପାଦକ ଶ୍ରୀ ଶଶୀ ଭୂଷଣ ରଥ ବଡ଼ ମ୍ରିୟମାଣ ହୋଇ ପଡ଼ିଲେ । ଶେଷରେ ପଣ୍ଡିତ ନୀଳକଣ୍ଠଙ୍କୁ ଏଥିରେ ଯୋଗଦେବା ନିମନ୍ତେ ଅନୁରୋଧ ଜଣାଇଲେ । ପାରଳାଖେମୁଣ୍ଡିର ଡ଼ଃ ସତ୍ୟନାରାୟଣ ରାଜଗୁରୁ କିପରି ଅଳ୍ପ ସମୟ ମଧ୍ୟରେ ପ୍ରସ୍ତୁତ ହୋଇ ପଣ୍ଡିତ ନୀଳକଣ୍ଠ ଏଥିରେ ଯୋଗଦେଇଥିଲେ ଓ ସେଠାରେ ଅକାଟ୍ୟ ଯୁକ୍ତି-ବଳରେ ଏ ସମସ୍ତ ଅଞ୍ଚଳ ଓଡ଼ିଶାର ବୋଲି ନୀଳକଣ୍ଠ କିପରି ପ୍ରତିପାଦିତ କରି ପାରିଥିଲେ, ତାହା ଦେଖିଥିବା ବିଶଦ ଭାବରେ ଉଲ୍ଲେଖ କରିଛନ୍ତି । ନୀଳକଣ୍ଠ କହିଥିଲେ, "କଳିଙ୍ଗର କେନ୍ଦ୍ର ଦନ୍ତପୁର, ଯେଉଁଠି ଗୌତମ ବୁଦ୍ଧଙ୍କର ପବିତ୍ର ଦନ୍ତ ପୂଜିତ ହେଉଥିଲା, ତାହା ନୀଳାଚଳ

Digitized by PPRACHIN, SOA

ଧାମ ବ୍ୟତୀତ ଅନ୍ୟ କେଉଁ ସ୍ଥାନ ହୋଇ ନ ପାରେ'' ×× ଏହା ଆନ୍ଧ୍ର ପଣ୍ଡିତମାନଙ୍କୁ ଏକାବେଳକେ ବିସ୍ମିତ ଓ ନିରୁତ୍ତର କରି ଦେଇଥିଲା । ସମ୍ମିଳନୀରେ ଉପସ୍ଥିତ ଥିବା ଜୟପୁରର ମହାରାଜା ବିକ୍ରମଦେବ ବର୍ମା ଓ ପାରଳାର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନୀଳକଣ୍ଠଙ୍କୁ ଆଲିଙ୍ଗନ କଲେ ଓ ଆମେ ଯୁବକ ଗବେଷକମାନେ ସେଇ ସମ୍ମିଳନୀ ମଧ୍ୟରେ ତାଙ୍କ ପାଦତଳେ ପଡ଼ି ପ୍ରଣତି ଜଣାଇଲୁ ।"

୩। ପ୍ରଦେଶ ଗୁଡ଼ିକର ସୀମାରେଖା ଠିକ୍ କରିବା ଲାଗି ସରକାର 'ସାଇମନ୍' କମିଟି ନାମରେ ଗୋଟିଏ କମିଟି ଗଠନ କଲେ—ଏ କମିଟି (ନେହେରୁ-କମିଟି ନାମରେ ଖ୍ୟାତ) ରିପୋର୍ଟ ଦେଲେ ଯେ ଓଡ଼ିଶାର ଆର୍ଥିକ ଅବସ୍ଥା ଅନୁକୂଳ ବୋଲି ଦେଖାଦେଲେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ କରଯାଇ ପାରେ ।

## ୪। କେନ୍ଦ୍ର ବ୍ୟବସ୍ଥା ସଭାରେ ଦାବୀ ଉପସ୍ଥାପନା

୧୯୨୭ ଫେବୃୟାରୀ ୮ ତାରିଖରେ ନୀଳକଣ୍ଠ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ଗଠନର ଏକ ଦୃଢ଼ ଦାବୀ କେନ୍ଦ୍ର ବ୍ୟବସ୍ଥା ସଭାରେ ଗୋଟିଏ Resolution ଜରିଆରେ ଉପସ୍ଥାପନ କଲେ ଏବଂ ଭାଷା ଭିତ୍ତିରେ ପ୍ରଦେଶମାନ ଗଠନ ହେବା ଦରକାର ବୋଲି ଯୁକ୍ତି ଦର୍ଶାଇ ଭାରତର ପ୍ରଧାନ ପ୍ରଧାନ ପତ୍ରିକାମାନଙ୍କରେ ଲେଖାମାନ ପ୍ରକାଶ କଲେ । ଏହାର ଯୁକ୍ତି ଯୁକ୍ତତା ସଂପର୍କରେ ଇଂରାଜୀ Statesman ପତ୍ରିକା ଏକ ଅଗ୍ରଲେଖା ମଧ୍ୟ ପ୍ରକାଶ କଲା । (ଏଥିପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରଫେସର ନୁରୁଲ୍ ହାସାନ୍ ନୀଳକଣ୍ଠଙ୍କ ସ୍ଥାନ Makers of Morden India ଭିତରେ ନିରୂପଣ କରିଛନ୍ତି । ଯେହେତୁ ଏହାପରେ ମଧ୍ୟ ପ୍ରଦେଶଗୁଡ଼ିକ ଭାଷା ଭିତ୍ତିରେ ହିଁ ଗଠିତ ହୋଇଥିଲା) ।

## ୫। କଲିକତା କଂଗ୍ରେସ ଅଧିବେଶନ—ଗାନ୍ଧିଜୀଙ୍କ ମଧ୍ୟସ୍ଥତା

ଉପରୋକ୍ତ ନେହେରୁ ରିପୋର୍ଟର ଅଯୌକ୍ତିକତା ଦର୍ଶାଇ ନୀଳକଣ୍ଠ ୧୯୨୮ ମସିହାରେ କଲିକତା ନିଖିଳ ଭାରତ କଂଗ୍ରେସ ଅଧିବେଶନରେ

Digitized by PPRACHIN, SOA

ଏକ ସଂଶୋଧନ ପ୍ରସ୍ତାବ ଆଗତ କଲେ । ତାଙ୍କର ଯୁକ୍ତି ଥିଲା, ବନ୍ୟ ସମ୍ପଦ ଓ ଖଣିଜ ସମ୍ପଦ ଭରା ଓଡ଼ିଆ ଅଞ୍ଚଳ ଗୁଡ଼ିକ ଓଡ଼ିଶା ପ୍ରଦେଶ ବାହାରେ ରଖି ନୂତନ ପ୍ରଦେଶ ଗଠନ ପାଇଁ ଆମର ଆର୍ଥିକ ପରିସ୍ଥିତି ଅନୁକୂଳ ନୁହେଁ ବୋଲି କହିବା ନିର୍ବୋଧତା ମାତ୍ର । କିନ୍ତୁ ସଭାପତି ମୋତିଲାଲ ନେହେରୁ ଏ ପ୍ରସ୍ତାବ ଆଗତ ଲାଗି ଅନୁମତି ଦେଲେ ନାଇ । ନୀଳକଣ୍ଠ ଓଡ଼ିଶାର ସମସ୍ତ ସଭ୍ୟଙ୍କୁ ଘେନି ଅଧିବେଶନରୁ ଉଠି ଆସିଲେ ଓ ପରଦିନ କଲିକତା ଗଡ଼ଦାଣ୍ଡରେ ଏକ ବିରାଟ ବିକ୍ଷୋଭ ଶୋଭଯାତ୍ରା ବାହାର କଲେ । ମହାତ୍ମାଜୀ ଏଥିର ସମାଧାନ ଲାଗି ନୀଳକଣ୍ଠଙ୍କୁ କହିଲେ, "ଭାଷା ଭିତ୍ତିରେ ପ୍ରଦେଶ ଗଠନ ନୀତି କଂଗ୍ରେସ ଗ୍ରହଣ କରିଚି ଓ ମୁଁ ଦେଖିବି ସେପରି ପ୍ରଦେଶମାନ, ଗଠନ ବେଳେ ଓଡ଼ିଶା ହିଁ ପ୍ରଥମ ପ୍ରଦେଶ ହେବ ।"

## ୬। ସରକାରଙ୍କ ତରଫରୁ ସମାଧାନର ଉଦ୍ୟମ–

ଏ ମଧ୍ୟରେ ନୀଳକଣ୍ଠଙ୍କ କେନ୍ଦ୍ର ବ୍ୟବସ୍ଥା ସଭା ପ୍ରସ୍ତାବର ଏକ ସମାଧାନ ଲାଗି ସରକାର, ଅର୍ଥ ସଚିବ Mudiman ଙ୍କ ଜରିଆରେ ଓଡ଼ିଶାକୁ ଏକ ଉପ-ପ୍ରଦେଶ ( Sub-province ) ଗଠନରେ ନୀଳକଣ୍ଠଙ୍କୁ ରାଜି କରାଇବାର ଉଦ୍ୟମ କଲେ । ନୀଳକଣ୍ଠ କହିଲେ, "ଉପ-ପ୍ରଦେଶ କଣ ମୁଁ ବୁଝେନାଇଁ–ମୋର ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଘେନି ଓଡ଼ିଶା ଲାଗି ଗୋଟିଏ ବିଶ୍ୱ ବିଦ୍ୟାଳୟ ଓ ଗୋଟିଏ ହାଇକୋର୍ଟ ଦରକାର ।" ଏଥିଲାଗି Mudiman ସାହେବ ଅର୍ଥର ଅଭାବ ଦର୍ଶାଇଲେ । ପରେ ପରେ ସରକାର Hudson ସାହେବଙ୍କୁ ନୀଳକଣ୍ଠଙ୍କ ପାଖକୁ ତାଙ୍କ ବସାକୁ ପଠାଇଲେ । ସରକାରଙ୍କ ଉପରୋକ୍ତ ପ୍ରସ୍ତାବରେ ରାଜି ହେଲେ ନୀଳକଣ୍ଠଙ୍କୁ ବ୍ରିଟିଶ ସରକାର Knight Hood ବା 'Sir' ଉପାଧିରେ ଭୂଷିତ କରାଇବାକୁ ସ୍ଥିର କରିଛନ୍ତି ବୋଲି ସେ କହନ୍ତେ, ନୀଳକଣ୍ଠ ତାଙ୍କୁ ଏକା ପଦକେ "You have come to a wrong door" ( ତୁମେ ଭୁଲ ଜାଗାକୁ ଚାଲି ଆସିଚ ) କହି ବିଦା କରିଦେଲେ; ବିଚରା ସାହେବ ସଙ୍ଗେ ସଙ୍ଗେ ଘର ଛାଡ଼ି ଚାଲି ଯିବାକୁ ବାଟ ପାଇଲେ ନାହିଁ ।

Digitized by PPRACHIN, SOA

ପରେ ବଡ଼ଲାଟଙ୍କ ସଙ୍ଗେ ନୀଳକଣ୍ଠଙ୍କର ସାକ୍ଷାତ ହେଲା । ପର ଅବସ୍ଥାରେ ଅନ୍ୟାନ୍ୟ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନ ଓଡ଼ିଶା ପ୍ରଦେଶରେ ମିଶିପାରିବ ବୋଲି ସେ କହିବାରେ ନୀଳକଣ୍ଠ ଗଡ଼ଜାତ ଅଞ୍ଚଳଗୁଡ଼ିକୁ ବାଦ୍‌ନେଇ ଏବର ସମସ୍ତ ଅଞ୍ଚଳକୁ ଘେନି ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନରେ ସମ୍ମତି ଜଣାଇଲେ । ୧୯୩୬ ଅପ୍ରେଲ ପହିଲା ଦିନ ଏଇ ନୂତନ ଓଡ଼ିଶା ପ୍ରଦେଶ ଗଠିତ ହେଲା ।”

ପ୍ରଦେଶର ସୀମାରେଖା ସମ୍ବନ୍ଧରେ ଗବେଷକ ଡଃ ସତ୍ୟନାରାୟଣ ରାଜଗୁରୁ କହିଛନ୍ତି, “ସଂଭବତଃ ପଣ୍ଡିତ ନୀଳକଣ୍ଠଙ୍କର ଓଡନେଲ କମିଟିରେ ସାକ୍ଷ୍ୟ ଦେଇ ନ ପାରିବା ହେତୁ ମେଦିନୀପୁର ଓ ସିଂହଭୂମି ଚିରକାଳ ପାଇଁ ଓଡ଼ିଶାରୁ ବିଚ୍ଛିନ୍ନ ହୋଇ ରହିଗଲା ।

## କେନ୍ଦ୍ର ସଭାରେ ନୀଳକଣ୍ଠଙ୍କର ଅନ୍ୟାନ୍ୟ କୃତି

(କ) କେନ୍ଦ୍ର ବ୍ୟବସ୍ଥା ସଭାରେ ଯୋଗଦେବାର ଅଳ୍ପଦିନ ଭିତରେ ନୀଳକଣ୍ଠ ପଣ୍ଡିତ ମଦନ ମୋହନ ମାଳବ୍ୟ, ପଣ୍ଡିତ ମୋତିଲାଲ ନେହେରୁ ତଥା ଅନ୍ୟାନ୍ୟ ବିଶିଷ୍ଟ ସଭ୍ୟମାନଙ୍କ ସହିତ ଜଣେ ହୋଇଗଲେ । ପ୍ରଥମେ ବ୍ୟବସ୍ଥା ସଭାରେ ଯୋଗ ଦେଉ ଦେଉ ବନ୍ଦୀମାନଙ୍କର ବିଶେଷତଃ ରାଜନୈତିକ ବନ୍ଦୀମାନଙ୍କ ଚଳିବା ନେଇ ସରକାର ଗତ ତିନିବର୍ଷ ମଧ୍ୟରେ କି କି ସୁବିଧା ସୁଯୋଗ ଦେବାର ପନ୍ଥା ଗ୍ରହଣ କରିଛନ୍ତି ବୋଲି ପ୍ରଶ୍ନ ଉଠାଇଲେ, ତା’ପରେ ପାଳିଲା, ଲୁଣ ମାରିବାର ଅଧିକାର ନେଇ । ପ୍ରଥମେ ୧୯୨୪ ରେ ଓଡ଼ିଶା ଉପକୂଳରେ ଘର ବ୍ୟବହାର ଲାଗି ଲୋକଙ୍କୁ ଲୁଣ ମାରିବାର ଅଧିକାର ଦେବାପାଇଁ ତାଙ୍କର ଦାବୀ । ଏହା ବୁଝିବାକୁ ହେବ ଗାନ୍ଧିଜୀଙ୍କ ଲବଣ ସତ୍ୟାଗ୍ରହର ୬ ବର୍ଷ ଆଗର କଥା । ଶେଷରେ ପଣ୍ଡିତଜୀ ଜିନ୍ନାଙ୍କ ସମର୍ଥନ ନ ପାଇଲେ ମଧ୍ୟ ୧୯୩୬ ମାର୍ଚ୍ଚ ୨୦ ତାରିଖରେ ସେ ବିଷୟ ବାରମ୍ବାର ଉତ୍‌ଥାପନ କରି ସରକାରଙ୍କୁ ମହା ଅଡୁଆରେ ପକାଇଥିଲେ ।

ଖ) ଭାରତରକ୍ଷା ଆଇନର ସଂଶୋଧନ ଆଣାଇ ସରକାରଙ୍କର କମ୍ୟୁନିଷ୍ଟବାଦ ଭାରତରେ ପ୍ରବେଶ କରି ନ ପାରିବାର ଉଦ୍ୟମକୁ ଜୋର-

Digitized by PPRACHIN, SOA

ଗଳାରେ ବିରୋଧ କରି କହିଲେ, "ମୁଁ କହେ, କମ୍ୟୁନିଜିମ୍ ଭାରତକୁ ଅବଶ୍ୟ ଆସିବ । ପୃଥିବୀରେ ଅନ୍ୟତ୍ର ଏହା ପ୍ରସାର ଲାଭ କରି ଥିବାବେଳେ ତୁମେ (ସରକାର) ଭାରତକୁ ଗୋଟିଏ ମୁସଲମାନମାନଙ୍କ ମହିଳା ମହଲ (Harem) କରି ରଖି ପାରିବ ନାହିଁ ।"

ଗ) ରେଲ୍‌ୱେ ବଜେଟ୍ ଉପରେ ସଂଶୋଧନ ପ୍ରସ୍ତାବ ଜରିଆରେ ବିଲାତରୁ ଅଣା ଯାଉଥିବା Railway Slipper ଭାରତୀୟ କମ୍ପାନୀଙ୍କ ଦ୍ୱାରା ପ୍ରସ୍ତୁତ ହୋଇ ସରକାରଙ୍କୁ ଯୋଗାଇବାର ବ୍ୟବସ୍ଥା କରାଇଲେ ।

ଘ) ଭାରତ ସରକାରଙ୍କ ମନମୁଖୀ କାର୍ଯ୍ୟର ପ୍ରତିବାଦ ଜଣାଇ ଆବିସିନିଆକୁ ଭାରତୀୟ ସୈନ୍ୟ ପଠାଇବାର ଘୋର ବିରୋଧ କରିଥିଲେ ।

ପଣ୍ଡିତ ନୀଳକଣ୍ଠଙ୍କ ବ୍ୟବସ୍ଥା ସଭା ଆଲୋଚନାରେ ଯୌକ୍ତିକତା ଓ ପାରଦର୍ଶିତା ଦେଖି ସରକାର ତାଙ୍କୁ କେନ୍ଦ୍ର ସଭାର ସମ୍ମାନଜନକ Public Accounts Committee ର ମେମ୍ବର ପଦବୀ ଦେଇଥିଲେ ଓ ରେଲ୍‌ୱେ Purchase କମିଟିରେ ରଖିଥିଲେ । ନୀଳକଣ୍ଠ ଏ କମିଟିରେ ଏପରି ପାରଦର୍ଶିତା ଦେଖାଇଥିଲେ ଯେ କମିଟିର ଚେୟାରମ୍ୟାନ୍ କହୁଥିଲେ "ନୀଳକଣ୍ଠ ଦାସ ନଥିଲେ ରେଲୱେ ଖରିଦ କମିଟିରେ କିଛି କାର୍ଯ୍ୟ ହୋଇ ନ ପାରେ ।"

ବ୍ୟବସ୍ଥା ସଭାରେ ନୀଳକଣ୍ଠଙ୍କ କଂଗ୍ରେସ (ସ୍ୱରାଜ) ଦଳ ସଂଖ୍ୟାଲଘୁ ଥିଲେ ହେଁ ସେ ଅନ୍ୟ ସଭ୍ୟମାନଙ୍କୁ ନିଜ ପ୍ରସ୍ତାବ ସପକ୍ଷରେ ଯୁକ୍ତି ଦର୍ଶାଇ ଆଣି କିପରି ସରକାରଙ୍କୁ ପରାସ୍ତ କରିପାରୁଥିଲେ ପ୍ରସଙ୍ଗକ୍ରମେ ତାହା ବର୍ଣ୍ଣନା କରାଯିବ ।

## ନୀଳକଣ୍ଠଙ୍କ ଜେଲ୍ ଜୀବନ

ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇ ନୀଳକଣ୍ଠଙ୍କୁ ଏକାଧିକବାର ଜେଲ ବରଣ କରିବାକୁ ପଡ଼ିଥିଲା । ୧୯୨୩ ମସିହା ଫେବୃୟାରୀରେ ସେ ଚାରିମାସ ପାଇଁ ବିହାରର ହଜାରିବାଗ ଜେଲରେ ବନ୍ଦୀ ଜୀବନ ବିତାଇବେ ବୋଲି କୋର୍ଟ ତରଫରୁ ରାୟ ଦିଆଯାଇଥିଲା ।

Digitized by PPRACHIN, SOA

ପୁରୀ ଜେଲ୍‌ରେ ଅଟକଥିବାବେଳେ ଯଥା ସମୟରେ ତାଙ୍କୁ ହଜାରିବାଗ ନେବା ପାଇଁ ଜଣେ କନେଷ୍ଟବଲ ଆସି ପହଞ୍ଚିଲେ । ହାତରେ ତାଙ୍କର ହ୍ୟାଣ୍ଡକଫ୍ ଓ ଚେନ୍ । ସେତେବେଳେ ରାଜନୈତିକ ବନ୍ଦୀମାନଙ୍କୁ ହାତକଡ଼ି ପକାଇ ରାସ୍ତାରେ ଚଲେଇ ଚଲେଇ ଜେଲ୍‌କୁ ନିଆଯାଉଥିଲା । ବାଲେଶ୍ୱରଠାରେ ମଧ୍ୟ ପଣ୍ଡିତ ଗୋପବନ୍ଧୁଙ୍କୁ ଅନୁରୂପ ବ୍ୟବହାର ମିଳିଥିଲା । ମାତ୍ର ନୀଳକଣ୍ଠ ଏଠି କନେଷ୍ଟବଲ ହାତରେ ହାତକଡା ଓ ଚେନ୍ ଦେଖି ଭୀଷଣ ରାଗିଗଲେ । କହିଲେ, "ତୁମେ କ'ଣ କରିବାକୁ ଚାହୁଁଚ ? ମୁଁ ଚୋର ନୁହେଁ, ଜଣେ ଭଦ୍ରଲୋକ । ଭଦ୍ରଲୋକଙ୍କୁ ଯେପରି ବ୍ୟବହାର ଦେଖାଇବା କଥା, ମୋତେ ସେହିପରି ବ୍ୟବହାର ଦେଖାଅ । ହାତକଡ଼ି ଦେବା ପାଇଁ ହାତ ଦେଖାଅ କହିଲେ ମୁଁ ହାତ ଦେଖାଇବି ନାଇ । ରାସ୍ତାରେ ଚାଲ ବୋଲି କହିଲେ ଚାଲିବି ନାଇ, ମୋତେ ଘୋସାରି ଘୋସାରି ନେଇପାର ।"

ପଣ୍ଡିତଜୀଙ୍କ କଥା ଶୁଣି ସେଠାରେ ଉପସ୍ଥିତ ଥିବା ପୁଲିସ୍ ସବ୍–ଇନିସ୍‌ପେକ୍‌ଟରଙ୍କ ଆଖିରେ ଲୁହ ପୂରିଗଲା । ସେ ଯାଇ ଏସ୍. ପି.ଙ୍କୁ ଏହି ବିଷୟ ଜଣାଇଲେ । ସେ ଦିନ ଏସ୍. ପି.ଙ୍କ ପରାମର୍ଶ କ୍ରମେ ପୁଲିସ୍ ବିଭାଗ ନିଜର କାର୍ଯ୍ୟକ୍ରମ ପରିବର୍ତ୍ତନ କଲେ । ପରଦିନ ଗୋଟିଏ ଘୋଡ଼ାଗାଡ଼ିରେ ବସାଇ ତାଙ୍କୁ ଷ୍ଟେସନକୁ ନିଆଯାଇଥିଲା । ତାଙ୍କ ସାଥିରେ ଜଣେ ସବ୍–ଇନ୍‌ସପେକ୍‌ଟର ଓ ୨ ଜଣ କନେଷ୍ଟବଲଙ୍କୁ ପଠାଯାଇଥିଲା । କଲିକତାଠାରେ ନୀଳକଣ୍ଠ ବହୁ ବନ୍ଧୁଙ୍କୁ ସାକ୍ଷାତ କରି ପୁଷ୍ପମାଲ୍ୟ ବିଭୂଷିତ ହୋଇଥିଲେ । କାହିଁ ହାତକଡ଼ି ଓ ଚେନ୍, କାହିଁ ବନ୍ଧୁ ସଂଖୋଳା ଓ ସଂବର୍ଦ୍ଧନା !

ପଣ୍ଡିତ୍‌ଜୀଙ୍କୁ ହଜାରିବାଗ୍ ଜେଲ୍‌ରେ ପ୍ରାୟ ୫ ମାସ ବିତାଇବାକୁ ପଡ଼ିଥିଲା । ସେଠାରେ ନୀଳକଣ୍ଠ 'ରଘୁବଂଶ'ର ଓଡ଼ିଆ ଅନୁବାଦ କରୁଥିଲେ ଏବଂ ସାଧାରଣ ଘରେଇ ଭାଷାରେ "ଦାସନାଏକ" କାବ୍ୟ ରଚନା କରିଥିଲେ । ଡଃ ରାଜେନ୍ଦ୍ର ପ୍ରସାଦ ତାଙ୍କର ସହବନ୍ଦୀ ଥିଲେ ।

ମଝିରେ ୧୯୩୧ ମସିହାରେ ନୀଳକଣ୍ଠ ପୁରୀ ଜେଲରେ ୨ ମାସ କଟାଇ ଥିଲେ । ଏହାପରେ ପୁରୀ ଜିଲ୍ଲା ଅସ୍ତରଙ୍ଗଠାରେ ଲବଣ ସତ୍ୟାଗ୍ରହ ଆନ୍ଦୋଳନ ଯୋଗୁଁ ତାଙ୍କୁ ୧୯୩୦ ମସିହାରେ ଗିରଫ କରାଗଲା । ଜୁନ୍‌ମାସ

Digitized by PPRACHIN, SOA

୧୦ ତାରିଖ ଦିନ ମାଜିଷ୍ଟ୍ରେଟ୍ ବିଗ୍ଭର କରି କହିଲେ ଯେ ଅନ୍ୟ ଗୋଟିଏ ତାରିଖରେ ବିଗ୍ଭର ଲାଗି ନୀଳକଣ୍ଠଙ୍କୁ ହାଜର ହେବାକୁ ପଡ଼ିବ ଓ ସେଥିଲାଗି ପଗ୍ଭଶଟଙ୍କା ଅମାନତ ଦେବାକୁ ପଡ଼ିବ । ମାଜିଷ୍ଟ୍ରେଟ୍‌ଙ୍କ ଏପରି ମନ୍ତବ୍ୟ ଶୁଣି ସ୍ୱାଭିମାନୀ ନୀଳକଣ୍ଠ କହିଲେ, "ଯଦି ମାଜିଷ୍ଟ୍ରେଟ୍‌ଙ୍କର ମୋ ଉପରେ ବିଶ୍ୱାସ ନାହିଁ, ତେବେ ମତେ ହାଜତରୁ ମୁକ୍ତ କରିବା ଦରକାର ନାଇ ।" ନୀଳକଣ୍ଠଙ୍କର ଏ କଥା ଶୁଣି ମାଜିଷ୍ଟ୍ରେଟ୍ ନିଜ ସର୍ତ୍ତରୁ ଓହରି ଯାଇଥିଲେ ।

ଏଥରକ ନୀଳକଣ୍ଠଙ୍କୁ ସାଢ଼େ ସାତ ମାସ ପାଇଁ ଜେଲ୍ ଯିବାକୁ ପଡ଼ିଥିଲା । ଏହି ସମୟ ଭିତରେ ସେ ଭଞ୍ଜକବିଙ୍କ 'ଲାବଣ୍ୟବତୀ'ର ଟିକା ଓ ବ୍ୟାଖ୍ୟା ରଚନା କରିଥିଲେ । ଶ୍ରୀ ହରେକୃଷ୍ଣ ମହତାବ ଏତେବେଳେ ତାଙ୍କର ସହବନ୍ଦୀ ଥିଲେ । ମହତାବ ନୀଳକଣ୍ଠଙ୍କୁ ସେ ଏପରି ଏକ ଆଦି ରସାତ୍ମକ କାବ୍ୟର ଟୀକା କରିବାକୁ କିପରି ମନସ୍ଥ କଲେ ବୋଲି ପଗ୍ଭରିଲେ । ନୀଳକଣ୍ଠ ଉତ୍ତରରେ କହିଲେ, "ତୁମେ ଜାଣ, ମୁଁ କେନ୍ଦ୍ର ବ୍ୟବସ୍ଥା ସଭରେ ଓଡ଼ିଆ ଭଷାଭଷୀ ଅଞ୍ଚଳକୁ ଘେନି ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ଗଢିବାକୁ ଯେତେବେଳେ ଦାବୀ ଉପସ୍ଥାପିତ କଲି, ବଂଗାଳୀଏ କହିବାରେ ଲାଗିଲେ,ଓଡ଼ିଆ ତ ବଂଗଳାର ଗୋଟିଏ Dialect (ବୋଲି)– ଏଥିପାଇଁ ପ୍ରଦେଶ ସୃଷ୍ଟିର ଆବଶ୍ୟକତା କ'ଣ ? ମୁଁ ସେ ଚଣ୍ଡାଳମାନଙ୍କୁ ଜଣାଇବାକୁ ଗ୍ଭହେଁ ଯେ 'ଲାବଣ୍ୟବତୀ' ପରି ପୁଷ୍ଟକ ସାହିତ୍ୟ ଓଡ଼ିଆରେ ୧୭ଶ ଶତାବ୍ଦୀରେ ମଧ୍ୟ ରହିଥିଲା । ଆଦିରସ କଥା ଯାହା କହିଲ, ଏ କାବ୍ୟର ଆଦର୍ଶ ହେଉଚି ଏକପତି ବ୍ରତ ଓ ଏକପତ୍ନୀ ବ୍ରତ । ବହୁପତ୍ନୀ ବ୍ରତ ହିଁ ଗଜବଂଶର ପ୍ରଥା । ତେଣୁ ଉପେନ୍ଦ୍ର ଭଞ୍ଜଙ୍କର ଗଜବଂଶୀୟ ହୋଇ ମଧ୍ୟ ସମାଜକୁ ଏପରି ଆଦର୍ଶରେ ଅନୁପ୍ରାଣିତ କରିବାର ପ୍ରଚେଷ୍ଟା ସର୍ବଥା ସ୍ପୃହଣୀୟ– ଏହାହିଁ ଏ କାବ୍ୟ ପ୍ରତି ମୋର ଅନୁରାଗ ବଢ଼ାଇଥିଲା ।" ଗାଂଧି-ଇର୍‌ଉଯନ ଚୁକ୍ତି ଫଳରେ ଲବଣ ଆନ୍ଦୋଳନର ବନ୍ଦୀମାନେ ନୀଳକଣ୍ଠଙ୍କ ସହ ଏକ ସଙ୍ଗେ ସେଇ ବର୍ଷ ଡ଼ିସେମ୍ବର ମାସରେ ମୁକ୍ତିଲାଭ କରିଥିଲେ ।

ପୁନଶ୍ଚ ୧୯୩୨ ମସିହା ଜାନୁଆରୀ ୧୭ରୁ ନୀଳକଣ୍ଠଙ୍କୁ ପୁରୀ କଂଗ୍ରେସ ଅଧିବେଶନର ଅବ୍ୟବହିତ ପୂର୍ବରୁ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିଥିଲା, ଯେହେତୁ ଏଇ ଅଧିବେଶନକୁ ସରକାର ବେଆଇନ୍ ଘୋଷଣା

Digitized by PPRACHIN, SOA

କରିଥିଲେ ଓ ନୀଳକଣ୍ଠ ଏହାର ଅଭ୍ୟର୍ଥନା ସମିତିର Chairman ଥିଲେ । ଏଥରକ ମଧ୍ୟ ତାଙ୍କୁ ପୂର୍ବ ପରି 'କ' ଶ୍ରେଣୀୟ ବନ୍ଦୀ ଜୀବନ ବିହାରର ହଜାରିବାଗ ଜେଲ୍‌ରେ ତା ୩୧ । ୫ । ୩୩ ଯାଏ କଟେଇବାକୁ ପଡ଼ିଥିଲା । ଏଥର ନୀଳକଣ୍ଠ ତାଙ୍କ ପାଣ୍ଡିତ୍ୟପୂର୍ଣ୍ଣ 'ଗୀତାର ଭାଷ୍ୟ' ରଚନା କରିଥିଲେ ।

ଜେଲ୍‌ର ପରିବେଶ ନୀଳକଣ୍ଠଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଇଲା । ସେ ରୋଗାକ୍ରାନ୍ତ ହେଲେ । ତାଙ୍କୁ ପାଟନାକୁ ଚିକିତ୍ସା ପାଇଁ ପଠାଗଲା । ତଥାପି ସେ ରୋଗମୁକ୍ତ ହୋଇପାରିଲେ ନାହିଁ । ବନ୍ଦୀ ଜୀବନରୁ ମୁକ୍ତି ମିଳନ୍ତେ ସେହି ଅବସ୍ଥାରେ ସେ ହାଜାରିବାଗ୍‌ରୁ ସିଧା ଗ୍ଲିଲେ ବନାରସ । ସେଠାରେ ଅନୁଷ୍ଠିତ ହେଉଥିବା All Asia Educational Conference ରେ ନିଜର ପାଣ୍ଡିତ୍ୟପୂର୍ଣ୍ଣ "Out look and Ideals of Education" ଶୀର୍ଷକ ସଂଦର୍ଭ ଉପସ୍ଥାପନ କରିଥିଲେ । ଏହିପରି ପଣ୍ଡିତ ନୀଳକଣ୍ଠଙ୍କୁ ସର୍ବମୋଟ ପ୍ରାୟ ୩ ବର୍ଷ ଲାଗି ଜେଲ୍ ଜୀବନ କଟାଇବାକୁ ପଡ଼ିଥିଲା ।

## ବିପ୍ଲବୀ ସୁଭାଷ ଓ ବିପ୍ଲବର ବାର୍ତ୍ତାବହ ନୀଳକଣ୍ଠ

ଭାରତର ସ୍ୱାଧୀନତା ସଂଗ୍ରାମର ଜଣେ ଅଦ୍ୱିତୀୟ ନେତା ଥିଲେ ସୁଭାଷ ଚନ୍ଦ୍ର ବୋଷ । ବିପ୍ଳବ ମାଧ୍ୟମରେ ଦେଶର ସ୍ୱାଧୀନତା ସମ୍ଭବପର ହେବ ବୋଲି ତାଙ୍କର ମତ ଥିଲା । ସେଥିପାଇଁ ତାଙ୍କୁ ଚରମପନ୍ଥୀ କୁହାଯାଉଥିଲା । ଯେଉଁମାନେ ଅହିଂସା ଆନ୍ଦୋଳନ ବଳରେ ଦେଶର ସ୍ୱାଧୀନତା ସମ୍ଭବପର ହେବ ବୋଲି ଚେଷ୍ଟା କରୁଥିଲେ, ସେମାନଙ୍କୁ ନରମପନ୍ଥୀ କୁହାଯାଉଥିଲା ।

ପଣ୍ଡିତ ନୀଳକଣ୍ଠଙ୍କ ସହ ଏହି ବିପ୍ଲବୀ ନେତା ସୁଭାଷଙ୍କ ସମ୍ପର୍କ ଅତି ଘନିଷ୍ଠ ଥିଲା । ସେ ମଝିରେ ମଝିରେ ପଣ୍ଡିତଜୀଙ୍କ ମତାମତ ଓ ପରାମର୍ଶ ମଧ୍ୟ ନେଉଥିଲେ । ତାଙ୍କୁ ତାଙ୍କ ଛାତ୍ର ଜୀବନରୁ ନୀଳକଣ୍ଠ ଜାଣିଥିଲେ । ସୁଭାଷ ଯେତେବେଳେ କଟକରେ ଅଧ୍ୟୟନ କରୁଥିଲେ, ପଣ୍ଡିତଜୀଙ୍କ ସହକର୍ମୀ ଗୋଦାବରୀଶ ମିଶ୍ର ସୁଭାଷଙ୍କ ଗୃହ ଶିକ୍ଷକ

Digitized by PPRACHIN, SOA

ଥିଲେ ଓ ପଣ୍ଡିତଜୀଙ୍କ ପ୍ରତି ଅନୁରକ୍ତ ଥିଲେ । ଏହା ବ୍ୟତୀତ ସତ୍ୟବାଦୀ ସ୍କୁଲର ପରିଚାଳନାରେ ସୁଭାଷଙ୍କ ପିତା ଜାନକୀ ନାଥ ବୋଷ ମଧ୍ୟ ଘନିଷ୍ଠ ଭାବେ ସଂପୃକ୍ତ ଥିଲେ ଓ ନୀଳକଣ୍ଠଙ୍କ ଜ୍ଞାନ ଓ ପାରଦର୍ଶିତା କଥା ସେ ସୁଭାଷଙ୍କୁ କହୁଥିଲେ ।

ସୁଭାଷଙ୍କର ହୃଦୟରେ ଓଡ଼ିଶା ପ୍ରତି ଯେ କେତେ ଅସରନ୍ତି ମାୟା, ମମତା ଥିଲା, ତାହା ସେ ପଣ୍ଡିତଜୀଙ୍କ ପାଖକୁ ୧୯୩୪ରେ ଭିଏନାରୁ ଲେଖିଥିବା ଚିଠିରୁ ଜଣାପଡେ । ସେ ଚିଠିରେ କଟକ ସମ୍ପର୍କରେ ସେ ଲେଖିଥିଲେ "ପୃଥିବୀରେ କଟକ ହେଉଚି ଏପରି ଏକ ସହର, ଯେଉଁଠାରେ କି କିଶୋରମାନେ ଏକ ସୁନ୍ଦର ଜୀବନ ଲାଭ କରିପାରନ୍ତି ।" ସେ ଚିଠିରେ ପୁଣି ଲେଖାଥିଲା, "ମୁଁ ଓଡ଼ିଶା ମାଟିରେ ଜନ୍ମଲାଭ କରିଛି ଓ ପ୍ରତିପାଳିତ ହୋଇଛି । ସେହି ମାଟି ପ୍ରତି ମୋ ମନରେ ଆବେଗର ସହିତ ଭକ୍ତି ରହିଛି ।"

## ସୁଭାଷଙ୍କ ସହ ଘନିଷ୍ଠ ସଂପର୍କ–

୧ । ଜାମସେଦ୍‌ପୁର ନିକଟବର୍ତ୍ତୀ ଗୋଲ୍‌ମୁରୀ Tin plate କାରଖାନାରେ ସୁଭାଷଚନ୍ଦ୍ର ଗୋଟିଏ ଧର୍ମଘଟର ନେତୃତ୍ୱ ନେଇଥିଲେ–ସେଠି ଏକା କାମ କରୁଥିବା ଭାରତୀୟ ଶ୍ରମିକମାନଙ୍କୁ ମାସିକ ଟ ୮୮ ଦିଆଯାଉଥିବା ବେଳେ ଇଉରୋପୀୟ ଶ୍ରମିକମାନଙ୍କୁ ଟ ୧୩୦୦ ଦିଆଯାଉଥିଲା । ନୀଳକଣ୍ଠ ତାଙ୍କ ଦଳ ପକ୍ଷରୁ ଏଥିପାଇଁ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଥିଲେ । କେନ୍ଦ୍ର ବ୍ୟବସ୍ଥା ସଭାରେ ୧୯୨୭ ମସିହାରେ ଏହା ବିରୁଦ୍ଧରେ ଏକ ଦାବି ମାଧ୍ୟମରେ ନୀଳକଣ୍ଠ ସରକାରଙ୍କୁ ୫୧-୪୨ ଭୋଟ୍‌ରେ ପରାସ୍ତ କରି ଉଭୟଙ୍କ ବେତନ ସମୀକରଣ କରାଇ ପାରିଥିଲେ ।

୨ । ୧୯୩୬ ମସିହାର ଘଟଣା– ସେତେବେଳେ ସୁଭାଷ ୟୁରୋପରୁ ଭାରତ ଭିତରକୁ ଆସିପାରିବେ ନାହିଁ ବୋଲି ସରକାର ତାଙ୍କ ଉପରେ ନିଷେଧାଜ୍ଞା ଜାରି କରିଥିଲେ । କେନ୍ଦ୍ର ବ୍ୟବସ୍ଥା ସଭାର ସଭ୍ୟ ପଣ୍ଡିତ ନୀଳକଣ୍ଠ ଏ ବିଷୟରେ ବ୍ୟବସ୍ଥା ସଭାରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ସୁଭାଷଚନ୍ଦ୍ର ଭାରତର ଏକ 'ଯୁଗ ପୁରୁଷ' ବୋଲି କହି ତାଙ୍କ ପ୍ରତି

Digitized by PPRACHIN, SOA

ଲାଗୁଥିବା ନିଷେଧାଜ୍ଞାକୁ ଉଠାଇ ଦେଇ ପାରିଥିଲେ । ନୀଳକଣ୍ଠଙ୍କ କଂଗ୍ରେସ (ସ୍ୱରାଜ) ଦଳର ବ୍ୟବସ୍ଥା ସଭାରେ ସଂଖ୍ୟା ଗରିଷ୍ଠତା ନ ଥିଲେ ହେଁ ନୀଳକଣ୍ଠ ଅନ୍ୟ ସଭ୍ୟମାନଙ୍କୁ ମତାଇ ୬୫–୫୬ ଭୋଟରେ ସରକାରଙ୍କୁ ପରାସ୍ତ କରି ପାରିଥିଲେ ।

୩। ୧୯୩୯ ମସିହାର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା – ସେତେବେଳେ ପୃଥିବୀରେ ଦ୍ୱିତୀୟ ବିଶ୍ୱ ମହାଯୁଦ୍ଧ ଲାଗିଯାଇ ଥାଏ । ସୁଭାଷ ବୋଷ ଥିଲେ କଂଗ୍ରେସର ସଭାପତି । ସେ ଗାନ୍ଧିଜୀଙ୍କୁ କହିଲେ "ଏ ଯୁଦ୍ଧବେଳେ ଇଂରେଜମାନେ ଆମର ସହାୟତା ଲୋଡ଼ିବେ, ତାଙ୍କୁ ଆମେ ଗୋଟିଏ ସର୍ତ୍ତରେ ସାହାଯ୍ୟ କରିବା । ତାହାହେଲା, ଯୁଦ୍ଧ ପରେ ସେମାନେ ଆମକୁ କେବେ ସ୍ୱାଧୀନତା ଦେବେ, ତାହା ପରିଷ୍କାର ଭାବେ କହିଦେବା ।" ସୁଭାଷଙ୍କ ମତାମତ ଶୁଣି ଗାନ୍ଧିଜୀ କହିଲେ, "ବିଲାତର ଲୋକେ ବର୍ତ୍ତମାନ ଅସୁବିଧାରେ ଅଛନ୍ତି । ସେଠି ଗୋଟାଏ ବୋମା ପଡ଼ିବା କଥା ଭାବିଲାବେଳକୁ ମୋ ଛାତି ଫାଟିଗଲା ପରି ଲାଗୁଚି । ମୁଁ ସେମାନଙ୍କୁ ଏ ପରିସ୍ଥିତିରେ ଏହା କହି ପାରିବି ନାହିଁ ।"

ଏତିକି ଥିଲା ସୁଭାଷଙ୍କ ପାଇଁ ଯଥେଷ୍ଟ । ସେ କଂଗ୍ରେସର ସଭାପତି ପଦ ଛାଡ଼ିଦେଲେ । କଂଗ୍ରେସ ମଧ୍ୟରେ ଫରୱାର୍ଡ଼ ବ୍ଲକ ନାମକ ଏକ ନୂତନ ଦଳ ଗଢିଲେ । ଏହି ଦଳର ସଂଗଠନ ନେଇ ସେ ଭାରତର ବିଭିନ୍ନ ନେତାଙ୍କ ସଙ୍ଗେ ଆଲୋଚନା କଲେ । ଏ ବିଷୟରେ ନୀଳକଣ୍ଠଙ୍କ ସଙ୍ଗେ ପରାମର୍ଶ କରନ୍ତେ ସେ ସୁଭାଷଙ୍କୁ ଅକୁଣ୍ଠ ସାହାଯ୍ୟ ଦେବାର ପ୍ରତିଶ୍ରୁତି ଦେଲେ । ପଣ୍ଡିତଜୀ ସେତେବେଳେ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟିର ସଭାପତି ଥାଆନ୍ତି । ସୁଭାଷଚନ୍ଦ୍ର ଓଡ଼ିଶା ଆସିଲେ । ସେ ତାଙ୍କୁ କଟକଠାରେ ଏକ ନାହିଁ-ନଥିବା ସମ୍ବର୍ଦ୍ଧନା ଦେଇଥିଲେ । ସୁଭାଷଙ୍କୁ ଏକ ହାତୀ ଉପରେ ବସାଇ କଟକର ପ୍ରଧାନ ପ୍ରଧାନ ରାସ୍ତାରେ ଏକ ବିରାଟ ଶୋଭାଯାତ୍ରାରେ ବୁଲାଗଲା । ତାଙ୍କ ବେକ ଫୁଲମାଳରେ ପୂରିଗଲା । କଟକ ସଭା ବ୍ୟତୀତ ବ୍ରହ୍ମପୁର, ପୁରୀ ଓ ବାଲେଶ୍ୱରଠାରେ ମଧ୍ୟ ସଭା ସମିତିର ଆୟୋଜନ କରାଗଲା । ପୁରୀ ଯିବା ବାଟରେ ଚନ୍ଦନପୁରଠାରେ ମଧ୍ୟ ଏକ ବିରାଟ ସଭା ଅନୁଷ୍ଠିତ ହୋଇଥିଲା ।

Digitized by PPRACHIN, SOA

ପଣ୍ଡିତ ନୀଳକଣ୍ଠଙ୍କ ଏତାଦୃଶ କାର୍ଯ୍ୟ କଂଗ୍ରେସ ଦଳର ଉଚ୍ଚ କର୍ତ୍ତୃପକ୍ଷ ନାପସନ୍ଦ କଲେ । ସେ ତାଙ୍କଠାରୁ କୈଫିୟତ୍ ତଲବ କଲେ । ପଣ୍ଡିତ ନୀଳକଣ୍ଠ ଲେଖିଲେ ଯେ ଜଣେ ପୂର୍ବତନ କଂଗ୍ରେସ ସଭାପତିଙ୍କୁ ସମ୍ବର୍ଦ୍ଧନା ଦେବା ଦଳ ବିରୁଦ୍ଧ କାର୍ଯ୍ୟ ନୁହେଁ । ଏହା ସୌଜନ୍ୟତାର ନିଦର୍ଶନ ମାତ୍ର । ତେବେ ତା'ପରେ ସେ ଓଡ଼ିଶା କଂଗ୍ରେସ ଦଳର ସଭାପତି ପଦରୁ ଇସ୍ତଫା ଦେଇଦେଲେ ।

## 'ଉତ୍କଳ ଗୁରୁ' ନୀଳକଣ୍ଠ

କଟକ ଓ ବ୍ରହ୍ମପୁରଠାରେ ବିଗତ ସଭାମାନଙ୍କରେ ଯୁଦ୍ଧ ପରିପ୍ରେକ୍ଷୀରେ ଆମର କର୍ତ୍ତବ୍ୟ କ'ଣ ସେ କଥା ବୁଝାଇବା ପରେ ଉଭୟ ସୁଭାଷ ଓ ନୀଳକଣ୍ଠ ପୁରୀ ଯିବା ବାଟରେ ଚନ୍ଦନପୁରଠାରେ ଏକ ବିଶାଳ ଜନସମାବେଶ ଦେଖିବାକୁ ପାଇଲେ । ନୀଳକଣ୍ଠଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହେଲା । ସଭାରେ ସୁଭାଷବାବୁ ଉଦ୍‌ବୋଧନ ଦେବା ପୂର୍ବରୁ ଲୋକମାନେ ସୁଭାଷଙ୍କୁ ପ୍ରଶ୍ନ କଲେ, "ଆପଣ ତ ଏ ପର୍ଯ୍ୟନ୍ତ କଂଗ୍ରେସ ସପକ୍ଷରେ କହୁଥିଲେ, ଆଜି କାହିଁକି କଂଗ୍ରେସ ବିରୁଦ୍ଧରେ ନାନା କଥା କହୁଛନ୍ତି ?" ପଣ୍ଡିତ ନୀଳକଣ୍ଠ ସଭାପତି ଆସନରୁ ଉଠିପଡ଼ି କହିଲେ, "ସୁଭାଷବାବୁ ଏ ପ୍ରଶ୍ନର ଉତ୍ତର ଦେବେ ନାଇ । ମୁଁ ଆପଣମାନଙ୍କୁ ସେ ପ୍ରଶ୍ନର ଉତ୍ତର ଦେବି ।"

ତା'ପରେ ପଣ୍ଡିତ୍‌ଜୀ ଋଷି ବିଶ୍ୱାମିତ୍ର ଓ ଅପ୍ସରା ମେନକାଙ୍କ କାହାଣୀ ବର୍ଣ୍ଣନା କଲେ । ସେ କହିଲେ, "ଋଷି ବିଶ୍ୱାମିତ୍ର ଯେତେବେଳେ ଘୋର ତପସ୍ୟାରେ ମଗ୍ନ ହେଲେ, ସ୍ୱର୍ଗରେ ଇନ୍ଦ୍ରଙ୍କ ଆସନ ଟଳମଳ ହେଲା । ତେଣୁ ସେ ପରମା ସୁନ୍ଦରୀ ଅପ୍ସରା ମେନକାଙ୍କୁ ଋଷିଙ୍କ ତପସ୍ୟା ଭାଙ୍ଗିବାକୁ ପଠାଇଲେ । ସେ ତିନିଦିନର ନାଚ ଓ ଗାନ ମଧ୍ୟରେ ବିଶ୍ୱାମିତ୍ରଙ୍କ ତପସ୍ୟା ତ ଭାଙ୍ଗି ପାରିଲେ ନାହିଁ, ଋଷି କେତେବେଳେ କ'ଣ ଖାଉଛନ୍ତି ତା' ମଧ୍ୟ ଦେଖିପାରିଲେ ନାଇ ! ତା'ପରେ ସେ ବହୁ ଚେଷ୍ଟା କରି ଲକ୍ଷ୍ୟ କଲେ ଯେ ଋଷିବର ଧ୍ୟାନରେ ଥାଇ ଆଖିବୁଜି ପଛପାଖ ନିମ-ଗଛର ପତ୍ରଟିଏ ଛେଲି ପାଟିରେ ପୁରାଇଦେଇ ପୁଣି ସେଇପରି ଧ୍ୟାନରେ

Digitized by PPRACHIN, SOA

ନିମଗ୍ନ ରହୁଛନ୍ତି । ଚତୁରୀ ମେନକା ଜଙ୍ଗଲରୁ କିଛି ମହୁ ସଂଗ୍ରହ କରି ସେହି ଛେଲି ଉପରେ ବୋଳି ଦେଲେ । ସବୁଦିନ ପରି ଋଷି ନିମଗଛର ଛେଲି ପୂଳାଏ କାମୁଡ଼ି ଦେଲାବେଳକୁ ତାହା ଅତ୍ୟନ୍ତ ମଧୁର ଲାଗିବାରୁ ଋଷି ଆଶ୍ଚର୍ଯ୍ୟ ହୋଇଗଲେ । ସଙ୍ଗେ ସଙ୍ଗେ ଋଷିଙ୍କ ଆଖି ଖୋଲିଗଲା । ସେ ଅନିନ୍ଦ୍ୟ ସୁନ୍ଦରୀ ନୃତ୍ୟରତା ମେନକାଙ୍କୁ ଦେଖି ବିମୋହିତ ହୋଇଗଲେ । ଋଷି ପ୍ରାଣରେ ପ୍ରେମର ବାସନା ଜାଗି ଉଠିଲା । ସେ ମେନକାଙ୍କୁ ସଙ୍ଗରେ ଧରି ଆଶ୍ରମ ଭିତରକୁ ନେଇଗଲେ ।”

ଏହି ଚିତ୍ତାକର୍ଷକ ପୁରାଣ ବର୍ଣ୍ଣିତ ଉପାଖ୍ୟାନ ଶୁଣି ଲୋକେ ଘନ ଘନ ତାଳି ମାରିଲେ । ପଣ୍ଡିତଜୀ ପୁଣି କହି ଚାଲିଲେ, “ତାହା ହେଉଚି, ବର୍ତ୍ତମାନ ଦେଶରେ କଂଗ୍ରେସ ବାଲାଙ୍କ ଅବସ୍ଥା । ପ୍ରାଦେଶିକ ଶାସନର ଟିକିଏ କ୍ଷମତା ପାଇ ସେମାନେ ପାଗଳ ହୋଇ ଯାଇଛନ୍ତି । ଭୁଲି ଯାଉଛନ୍ତି ଯେ ଆମକୁ ସ୍ୱାଧୀନତା ପାଇବା ପାଇଁ ଆଉ ଅନେକ ପଥ ଅତିକ୍ରମ କରିବାକୁ ପଡ଼ିବ । ତେଣୁ ସେମାନଙ୍କୁ ସେମାନଙ୍କ କର୍ତ୍ତବ୍ୟ ସଂପର୍କରେ ଚେତେଇବା ଲାଗି ସୁଭାଷ ବାବୁଙ୍କର ଏହି ଯାତ୍ରା । ବର୍ତ୍ତମାନ ତାହାହିଁ ସୁଭାଷ ବାବୁ ଆପଣଙ୍କୁ ବୁଝାଇବେ ।”

ପଣ୍ଡିତଜୀଙ୍କ ପ୍ରତ୍ୟୁତ୍ପନ୍ନମତିତା ଦେଖି ସୁଭାଷ ଚନ୍ଦ୍ର ଆଶ୍ଚର୍ଯ୍ୟ ହୋଇଗଲେ । ସେ ସଙ୍ଗେ ସଙ୍ଗେ କହି ଉଠିଲେ “ପଣ୍ଡିତଜୀ, ଆପଣ କେବଳ ମୋର ଗୁରୁ ନୁହଁନ୍ତି; ଆପଣ ହେଉଛନ୍ତି ସାରା ଉତ୍କଳର ଗୁରୁ– ଉତ୍କଳଗୁରୁ ।” ଏହା ପରେ ସୁଭାଷବାବୁ, ପଣ୍ଡିତ୍‌ଜୀ ଓ ତାଙ୍କ ଦଳ ପୁରୀ ଅଭିମୁଖେ ଯାତ୍ରା କଲେ ଓ ସେଠାରେ ଜନତାଙ୍କୁ ଉଦ୍‌ବୋଧନ ଦେଲେ । ପରେ ଗୋଟିଏ କର୍ମୀ ସମ୍ମିଳନୀରେ ପୁରୀ ଧାମରେ ନୀଳକଣ୍ଠଙ୍କୁ ‘ଉତ୍କଳଗୁରୁ’ ଉପାଧିରେ ଭୂଷିତ କରାଯାଇଥିଲା ।

## ପଣ୍ଡିତଜୀ ଓ ଓଡ଼ିଶାର ମିଳିତ ମନ୍ତ୍ରୀମଣ୍ଡଳ

ଓଡ଼ିଶାର ବିଭିନ୍ନ ସ୍ଥାନ ଗସ୍ତ କରିବା ପରେ ସୁଭାଷବାବୁ କଲିକତା ଫେରିଯିବାବେଳେ ନୀଳକଣ୍ଠ ତାଙ୍କର ସମର୍ଥକମାନଙ୍କୁ ଘେନି କଲିକତା

Digitized by PPRACHIN, SOA

ଯିବାପାଇଁ ଅନୁରୋଧ କରିଥିଲେ । ସୁଭାଷ ନୀଳକଣ୍ଠଙ୍କୁ ଉଦ୍‌ବୋଧ କରାଇ ଥିଲେ ଯେ ପୂର୍ବାଞ୍ଚଳ ରାଜ୍ୟ ( Eastern States ) ଯଥା; ବଙ୍ଗ, ବିହାର, ଓଡ଼ିଶା ଓ ଆସାମରେ ତାଙ୍କ ଦଳ ପକ୍ଷରୁ ମନ୍ତ୍ରୀମଣ୍ଡଳମାନ ଗଠନ କରାଯାଇ ପାଇଲେ, ଭାରତ ଭିତରକୁ ଶତ୍ରୁ ପକ୍ଷର ଅନୁପ୍ରବେଶ ସହଜସାଧ୍ୟ ହେବ । ତାହା ହେଲେ ଇଂରେଜମାନେ ଭାରତ ଛାଡ଼ି ଯିବା ବେଳକୁ ଏଠାରେ କିଛି କ୍ଷତି ସାଧନ କରି ପାରିବେ ନାଇ ଓ ଭାରତ ସହଜରେ ସ୍ୱାଧୀନତା ପାଇ ପାରିବ ।

ସେତେବେଳେ ଓଡ଼ିଶା ବିଧାନସଭାରେ କଂଗ୍ରେସର ଯଥେଷ୍ଟ ସଂଖ୍ୟା ଗରିଷ୍ଠତା ଥିଲା ଓ ଏକ ମିଳିତ ମନ୍ତ୍ରୀମଣ୍ଡଳ ଗଠନ କରିବା ବଡ଼ କଷ୍ଟକର ବ୍ୟାପାର ଥିଲା । ମାତ୍ର ନୀଳକଣ୍ଠଙ୍କ ଅଦମ୍ୟ ପ୍ରଚେଷ୍ଟାରେ ପାରଳା ମହାରାଜାଙ୍କ ମୁଖ୍ୟମନ୍ତ୍ରୀତ୍ୱରେ ଏକ ମିଳିତ ମନ୍ତ୍ରୀମଣ୍ଡଳ ଗଠନ କରିବା ସମ୍ଭବପର ହେଲା । ଏଇ ୩ ଜଣିଆ ମନ୍ତ୍ରୀମଣ୍ଡଳ ତା୨୪ । ୧୧ । ୪୧ ରେ ଶପଥ ଗ୍ରହଣ କଲେ । ଏଥିର ଅନ୍ୟ ଦୁଇ ଜଣ ମନ୍ତ୍ରୀ ହେଲେ ନୀଳକଣ୍ଠଙ୍କ ଦଳର ଉପଦଳପତି ପଣ୍ଡିତ ଗୋଦାବରୀଶ ମିଶ୍ର ଓ ଓଡ଼ିଶା ମୁସ୍‌ଲିମ୍ ଲିଗ୍‌ର ସମ୍ପାଦକ ମୌଲବୀ ଶୋଭନ୍ ଖାଁ । ପଣ୍ଡିତ ନୀଳକଣ୍ଠ ଯୁଦ୍ଧ ସାମ୍ମୁଖ୍ୟର ନେତା ହେଲେ ।

ନୀଳକଣ୍ଠ ଇଂରେଜ ସରକାରଙ୍କୁ ଯୁଦ୍ଧରେ ସାହାଯ୍ୟ କରିବା ବାହାନା ନେଇ ଭାରତୀୟମାନଙ୍କୁ ସୈନ୍ୟ ବିଭାଗରେ ଯୋଗ ଦେବାକୁ ଉଦ୍‌ବୋଧନ ଦେଲେ । କୁହାଗଲା, ଯୁଦ୍ଧ ବିଦ୍ୟା ଶିଖିବାର ଏହା ଏକ ପ୍ରକୃଷ୍ଟ ସମୟ । ଯୁଦ୍ଧକ୍ଷେତ୍ରକୁ ଯାଇ ଯୁଦ୍ଧ ବିଦ୍ୟାରେ ପାରଙ୍ଗମତା ହାସଲ କଲେ, ଭାରତୀୟ ସୈନ୍ୟ ବାହିନୀର ସମ୍ମାନ ବଢ଼ିବା ସଙ୍ଗେ ସଙ୍ଗେ, ଆବଶ୍ୟକ-ବେଳେ ନିଜ ଦେଶକୁ ମଧ୍ୟ ବିଦେଶୀ କବଳରୁ ରକ୍ଷା କରିବା ସମ୍ଭବ ହେବ । ନୀଳକଣ୍ଠ ଇଂରେଜମାନଙ୍କୁ ଏପରି ସାହାଯ୍ୟ କରିଥିବା ଘେନି ସେ ଓ ତାଙ୍କ ଗଠିତ ସରକାର ବିରୁଦ୍ଧରେ ହେଉଥିବା ପ୍ରବଳ ବିକ୍ଷୋଭର ବିକାବିଲା କଲେ, ବଜ୍ର ଗମ୍ଭୀର ସ୍ୱରରେ ଲୋକଙ୍କୁ ଏଇ କାରଣ ଦର୍ଶାଇ ।

ମଣିଷ କେଉଁ ଉଦ୍ଦେଶ୍ୟରେ କି କାର୍ଯ୍ୟ କରୁଛି, ତାହା ଡେରିରେ ହେଲେ ମଧ୍ୟ ଜଣା ପଡ଼ିଯାଏ । ସେହିପରି ଜାତୀୟବାଦୀ ନେତା

Digitized by PPRACHIN, SOA

ନୀଳକଣ୍ଠଙ୍କ ବ୍ରିଟିଶ ସରକାରଙ୍କ ପ୍ରତି ଥିବା ଏଇ ମନୋଭବ ବ୍ରିଟିଶ୍ ସରକାରଙ୍କ ନିକଟରେ ଅଛପା ରହିଲ ନାହିଁ । ଗୋଟିଏ ଘଟଣାରୁ ତାହା ସ୍ପଷ୍ଟ ହୋଇଗଲ । ସେ ଘଟଣାଟି ଘଟିଥିଲ ଏହିପରି–

ସେଦିନ କଟକ ଟାଉନ ହଲଠାରେ ପଣ୍ଡିତ ନୀଳକଣ୍ଠଙ୍କ ଅଧ୍ୟକ୍ଷତାରେ ଯୁଦ୍ଧ ସାମୁଖ୍ୟର ଗୋଟିଏ ସଭ ହେବାର ଥାଏ । ଯଥା ସମୟରେ ପଣ୍ଡିତଜୀ ଟାଉନ୍ ହଲରେ ପହଞ୍ଚିଲେ । ହଲ ଭିତରେ ପ୍ରବେଶ କରୁ କରୁ ଦେଖିଲେ କାନ୍ଥରେ ଗୋଟିଏ ବ୍ୟାନର ମର ଯାଇଛି । "God save the King" (ଇଶ୍ୱର ରଜାଙ୍କୁ ରକ୍ଷା କରନ୍ତୁ ) ।

ଏଥିରେ ପଣ୍ଡିତଜୀଙ୍କ ଆଖି ପଡ଼ି ଯା'ନ୍ତେ, ସେ ରଗରେ ଅଗ୍ନିଶର୍ମା ହୋଇଗଲେ । ସଙ୍ଗେ ସଙ୍ଗେ କର୍ମକର୍ତ୍ତାମାନଙ୍କୁ କହିଲେ "ଆମେ କ'ଣ ଏଇଆ କହିବାକୁ ଆସିଛୁ–ହଟାଅ ଯା'କୁ ।" ପଣ୍ଡିତଜୀଙ୍କ କଥାନୁସାରେ, ସଙ୍ଗେ ସଙ୍ଗେ "God save the nation" ବୋଲି ଆଉ ଗୋଟିଏ ବ୍ୟାନର୍ ପ୍ରସ୍ତୁତ ହେଲ, ଯାହାର ଅର୍ଥ ହେଲ "ଇଶ୍ୱର ଏ ଜାତିକୁ ରକ୍ଷା କରନ୍ତୁ" ଓ ସେ ବ୍ୟାନରଟି ଟଂଗା ଗଲ ।

ପଣ୍ଡିତଜୀଙ୍କ ଉପଯୁକ୍ତ କାର୍ଯ୍ୟ ରଜ୍ୟପାଳଙ୍କୁ ଅଗୋଚର ରହିଲନାଇ । ସେ ମିଳିତ ମନ୍ତ୍ରୀମଣ୍ଡଳର ପ୍ରକୃତ ଉଦ୍ଦେଶ୍ୟ ବୁଝି ପାରିଲେ । ପଣ୍ଡିତ ନୀଳକଣ୍ଠଙ୍କୁ ଯୁଦ୍ଧ ସାମ୍ମୁଖ୍ୟର ଅଧ୍ୟକ୍ଷ ପଦରୁ ଇସ୍ତଫା ଦେବାକୁ ପଡ଼ିଲ । ମନ୍ତ୍ରୀମଣ୍ଡଳ କିନ୍ତୁ ଚ୍ଲୁ ରହିଲ ।

## ନେତାଜୀଙ୍କ ସହିତ ସଂପର୍କ ସ୍ଥାପନର ବିଫଳ ଉଦ୍ୟମ

ଓଡ଼ିଶାରେ ସୁଭାଷଙ୍କ ଇଙ୍ଗିତରେ ଏ ସମସ୍ତ ପରିଚ୍ଳିତ ହେଉଥିଲ । ତେବେ ବର୍ମା ରଣକ୍ଷେତ୍ରରେ ସୁଭାଷଙ୍କ ସହ ସାକ୍ଷାତର ମସୁଧା କରଗଲ । ନୀଳକଣ୍ଠଙ୍କର ଏକ ପ୍ରଧାନ ସାଥୀ ଗଞ୍ଜାମର ଶ୍ରୀଯୁକ୍ତ ଦିବାକର ପଟ୍ଟନାୟକ, M.L.A.ଙ୍କୁ ସେଠାକୁ ପଠାଇବାର ସମସ୍ତ ଆୟୋଜନ ହେଲ । ଗୋଇନ୍ଦା ବିଭଗ ଦୃଷ୍ଟିରେ ଏହା ପଡ଼ିଯିବାରୁ ଶ୍ରୀଯୁକ୍ତ ପଟ୍ଟନାୟକଙ୍କୁ କଲିକତାରୁ ପୋଲିସ ନଜରରେ ଫେରି ଆସିବାକୁ ହେଲ ଓ ଏହାର ପ୍ରଧାନ ଉଦ୍ୟୋକ୍ତା

Digitized by PPRACHIN, SOA

ଶ୍ରୀ ଶ୍ରୀହର୍ଷ ମିଶ୍ରଙ୍କୁ କଲିକତାରେ ଅନ୍ତରୀଣ ବନ୍ଦୀ କରଗଲା । ଏହାପରେ କଟକରେ ନୀଳକଣ୍ଠଙ୍କ 'ନବ ଭାରତ ପ୍ରେସ୍' ଖାନତଲାସ ହୋଇ ସେଠି ଛପା ଯାଉଥିବା "ବିପ୍ଳବୀ ସୁଭାଷ" ପୁସ୍ତକ ବାଜ୍ୟାପ୍ତ ହେଲା । ନୀଳକଣ୍ଠଙ୍କ ପୁତ୍ର ଅଶୋକ ଦାସ, Advocate ଓ ସାଥିମାନେ ଗିରଫ ହୋଇ ଜେଲ ଗଲେ ।

## ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା

ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ମିଳିତ ମନ୍ତ୍ରୀମଣ୍ଡଳର ଏକ ଶ୍ରେଷ୍ଠ କୃତି । ଏହା ଥିଲା, ପଣ୍ଡିତ ନୀଳକଣ୍ଠଙ୍କର ୧୯୨୭ ମସିହା ପୂର୍ବର ସ୍ୱପ୍ନ ଯେଉଁଥିପାଇଁ ସେ ଇଂରେଜ ସରକାରଙ୍କର 'Knighthood' ପଦବୀକୁ ଏଡ଼ାଇ ଦେଇଥିଲେ । ତା'ର ପ୍ରତିଷ୍ଠାରେ ନୀଳକଣ୍ଠଙ୍କ ପ୍ରାଣ କିପରି ଉଲ୍ଲସିତ ହୋଇ ଉଠିଥିବ, ତାହା ବର୍ଣ୍ଣନାର ଅତୀତ । ବିଶ୍ୱବିଦ୍ୟାଳୟ ହେଉଛି ଜ୍ଞାନର ଗନ୍ତାଘର । ସେଠାରେ ଅଧ୍ୟୟନ, ଗବେଷଣା ଆଦି ମାଧ୍ୟମରେ ଜ୍ଞାନର ପ୍ରଦୀପକୁ ପ୍ରଜ୍ୱଳିତ କରି ରଖାଯାଏ । ତେଣୁ କୌଣସି ଏକ ରାଜ୍ୟର ଜ୍ଞାନର ବିକାଶ ସେହି ରାଜ୍ୟର ବିଶ୍ୱବିଦ୍ୟାଳୟ ଉପରେହିଁ ନିର୍ଭର କରିଥାଏ ।

୧୯୨୪ ମସିହାରୁ ପଣ୍ଡିତ ନୀଳକଣ୍ଠ କେନ୍ଦ୍ର ବ୍ୟବସ୍ଥା ସଭରେ ସଭ୍ୟ ଥିବାବେଳୁ ଓଡ଼ିଶା ପାଇଁ ଏକ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଲାଗି ବାରମ୍ବାର ଦାବୀ କରି ଆସୁଥିଲେ । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲା ପରେ ମଧ୍ୟ ତାଙ୍କୁ ତତ୍କାଳୀନ ସରକାରଙ୍କ ସଙ୍ଗେ ଏଥିଲାଗି ବହୁ ଲଢ଼ାଇ କରିବାକୁ ପଡ଼ିଥିଲା । ନୀଳକଣ୍ଠ ଯେତେବେଳେ କଂଗ୍ରେସ ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱନାଥ ଦାସଙ୍କୁ ଏକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଲାଗି ପରାମର୍ଶ ଦେଲେ, ସରକାର ଟଙ୍କାର ଅଭାବ ଦେଖାଇ ତାଙ୍କର ପ୍ରସ୍ତାବକୁ ଗ୍ରହଣ କଲେନାହିଁ । ଚତୁର ନୀଳକଣ୍ଠ ତାଙ୍କର କେତେକ ବିଶିଷ୍ଟ ସହକର୍ମୀମାନଙ୍କ ସାହାଯ୍ୟରେ ବ୍ରହ୍ମପୁର ଠାରେ ଏକ ଦୁଇ ଦିନିଆ ସମ୍ମିଳନୀର ଆୟୋଜନ କଲେ । କାରଣ ଏହା ଥିଲା ବିଶ୍ୱନାଥ ଦାସଙ୍କର ନିର୍ବାଚନ ମଣ୍ଡଳୀ ଓ ସେଥିରେ ଗୃହୀତ ପ୍ରସ୍ତାବକୁ ବିଶ୍ୱନାଥ ବାବୁ ଆଗ୍ରାହ୍ୟ କରିବା କଷ୍ଟକର ।

Digitized by PPRACHIN, SOA

କୌତୁହଳର ବିଷୟ ଯେ ଏହି ସମ୍ମିଳନୀରେ ବିଗ୍ର ବିମର୍ଷ ସମୟରେ ଜଣେ ବିଶିଷ୍ଟ ଶିକ୍ଷାବିତ୍ କହିଲେ, "ବିଲାତର ଅକ୍ସଫୋର୍ଡ, କେମ୍ବ୍ରିଜ୍ ଆଦର୍ଶରେ ଓଡ଼ିଶାରେ ଏକ ବିଶ୍ୱବିଦ୍ୟାଳୟ ଗଢ଼ାଯାଉ ।" ଏହା ଶୁଣି ନୀଳକଣ୍ଠ ସଙ୍ଗେ ସଙ୍ଗେ ଉତ୍ତର ଦେଲେ, "ଶୁଣିଥିଲୁ, ଜାହାଜରେ ଲଦାହୋଇ ବିଲାତରୁ ନୂଆ ଲୁଗା ଆସେ । ଏବେ ଦେଖା ଯାଉଛି, କେବଳ ଲୁଗା ନୁହେଁ, ବୁଦ୍ଧି ମଧ୍ୟ ବିଲାତରୁ ଆସୁଛି ।"

ଏହି ସମ୍ମିଳନୀରେ ଓଡ଼ିଶାରେ ଏକ ବିଶ୍ୱବିଦ୍ୟାଳୟ ଅଚିରେ ପ୍ରତିଷ୍ଠା ହେବାର ପ୍ରସ୍ତାବ ଗୃହୀତ ହେଲା । କିଛି ଦିନ ପରେ ଏଥିର ପ୍ରତିଷ୍ଠାର ବିଭିନ୍ନ ଦିଗ ପରୀକ୍ଷା ନୀରିକ୍ଷା କରିବା ପାଇଁ ସରକାର ଗୋଟିଏ କମିଟି ବସାଇଲେ । ପଣ୍ଡିତ ନୀଳକଣ୍ଠଙ୍କୁ ଉକ୍ତ କମିଟିର ଚେୟାରମ୍ୟାନ୍ କରଗଲା । ଏହି କମିଟି ରିପୋର୍ଟ ଦେବାର ଅଳ୍ପଦିନ ପରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ଇସ୍ତଫା ଦେଲେ ଓ ପଣ୍ଡିତଜୀଙ୍କ ରିପୋର୍ଟର ପତ୍ତା ମିଳିଲା ନାହିଁ ।

ପରେ ପାରଳାଖେମୁଣ୍ଡି ମହାରଜାଙ୍କ ମନ୍ତ୍ରୀମଣ୍ଡଳରେ ଶିକ୍ଷାମନ୍ତ୍ରୀ ପଣ୍ଡିତ ଗୋଦାବରୀଶ ମିଶ୍ର ପଣ୍ଡିତ ନୀଳକଣ୍ଠଙ୍କ ଅଧ୍ୟକ୍ଷତାରେ ଅନ୍ୟ ଏକ କମିଟି ଗଠନ କରି ବିଶ୍ୱବିଦ୍ୟାଳୟ ସମ୍ପର୍କରେ ଏକ ରିପୋର୍ଟ ଦେବା ପାଇ ତାଙ୍କୁ ଅନୁରୋଧ ଜଣାଇଲେ । ପଣ୍ଡିତ ନୀଳକଣ୍ଠ ଅତିଶୀଘ୍ର ଯେପରି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇ ପାରିବ ସେହି ଅନୁସାରେ ରିପୋର୍ଟଟିଏ ପ୍ରସ୍ତୁତ କଲେ । ତଦନୁଯାୟୀ ବିଧାନସଭାରେ ବିଲ୍‌ଟିଏ ଗୃହୀତ ହେଲା ଓ ୧୯୪୩ ମସିହାରେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କଦ୍ୱାରା ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହେଲା । ନୀଳକଣ୍ଠଙ୍କର ଅଭିପ୍ସା ଏତେଦିନେ ପୂରଣ ହେଲା ।

କ୍ରମେ ମନ୍ତ୍ରୀମଣ୍ଡଳରେ କିଛି କିଛି ଦୁର୍ନୀତି ପଶିଲା । ନୀଳକଣ୍ଠ କେନ୍ଦ୍ର ଆସେମ୍ବ୍ଲିର ବୈଠକ ଘେନି ବହୁ ସମୟରେ ଦିଲ୍ଲୀରେ ରହୁଥିଲେ । ଏହା ଶୁଣି ସେ ପାରଳା ମହାରଜାଙ୍କୁ ନିଜ ସମ୍ମାନରେ ଆଞ୍ଚ ନ ଆଣିବା ଘେନି ଶୀଘ୍ର ଇସ୍ତଫା ଦେଇ ଦେବାକୁ ପରାମର୍ଶ ଦେଲେ । ନୀଳକଣ୍ଠ କହିଚନ୍ତି,

Digitized by PPRACHIN, SOA

"ପରେ ମନ୍ତ୍ରୀମଣ୍ଡଳ ପ୍ରତିକ୍ରୀୟାଶୀଳ ହେବାରୁ ମୁଁ ଏହାକୁ ଭାଙ୍ଗିଦେଲି ।" ରାଜା ସାହେବ ପୁରୀରେ ରାଜ୍ୟପାଳଙ୍କୁ ଭେଟି ତା ୩୦ । ୬ । ୪୪ ରେ ମନ୍ତ୍ରିମଣ୍ଡଳର ଇସ୍ତଫା ପତ୍ର ଦେଇ ଦେଲେ ।

## ପୂର୍ବ ରଣାଙ୍ଗନରେ ନେତାଜୀଙ୍କର ଆଜାଦ ହିନ୍ଦ୍ ଫୌଜ (I. N. A.) ଗଠନ ।

ଆଗରୁ କୁହାଯାଇଛି, ନୀଳକଣ୍ଠ ଓ ଅନ୍ୟାନ୍ୟ ନେତାମାନଙ୍କୁ ଭାରତର ପୂର୍ବପଟ ରାଜ୍ୟମାନଙ୍କରେ ଅର୍ଥାତ୍ ବଙ୍ଗ, ବିହାର, ଓଡ଼ିଶା ଓ ବିହାରରେ ନିଜ ଦଳର ସରକାରମାନ ଗଠନ କରିବାକୁ ସୁଭାଷ ବାବୁ ପରାମର୍ଶ ଦେଲେ । ସ୍ୱାଧୀନତା ଲାଗି ଶତ୍ରୁ ପକ୍ଷର ସାହାଯ୍ୟ ସଂଗ୍ରହ କରିବା ପାଇଁ ନିଜ ବାସଭବନ କଲିକତା ଏଲଗିନ୍ ରୋଡ଼ରୁ ସୁଭାଷଚନ୍ଦ୍ର ୧୯୪୧ ଜାନୁୟାରୀ ୧୭ ତାରିଖ ଅର୍ଦ୍ଧ ରାତ୍ରିରେ ଅନ୍ତର୍ଦ୍ଧାନ ହୋଇଗଲେ । ଘର ଚାରିପଟେ ୬୨ ଜଣ ପୁଲିସଙ୍କ ଆଖିରେ ଧୂଳି ଦେଇ ଯେପରି ଭାବରେ ଛଦ୍ମବେଶରେ ସେ ସେଠୁ ଅମା ଅନ୍ଧକାରରେ ଗାଡ଼ି ଚଳାଇ ଗୋମୋ ଷ୍ଟେସନ ଯାଏ ଗଲେ ଓ ତା'ପରେ ରେଳ ଓ ଟ୍ରକ୍ ଯୋଗେ କାବୁଲ୍ ଅଭିମୁଖରେ ଯାତ୍ରା କଲେ, ଘନ ଜଙ୍ଗଲ, ବରଫାଚ୍ଛାଦିତ ନିର୍ଜନ ପଥ ଦେଇ ଓ ଫଳରେ ଅସୁସ୍ଥ ହୋଇ ପଡ଼ିଥିଲେ, ସେ ସବୁ ଲୋମହର୍ଷଣକାରୀ କାହାଣୀ ବର୍ଣ୍ଣନାର ସ୍ଥଳ ଏ ନୁହେଁ । ସେଠାରୁ ବିମାନ ଅପେକ୍ଷାରେ ଛଦ୍ମବେଶରେ କେତେଦିନ ସେ ଅସୁବିଧା ମଧ୍ୟରେ ରହି ବିମାନଯୋଗେ ଜର୍ମାନୀ ଓ ଅବଶେଷରେ ଜାପାନରେ ପହଞ୍ଚିଲେ । ସେଠାରେ ଆଜାଦ ହିନ୍ଦ୍ ଫୌଜ ଗଠନ କଲେ । ସେ ସେମାନଙ୍କୁ ଉଦ୍‌ବୋଧନ ଦେଲେ—

ଚଲୋ ଦିଲ୍ଲୀ ପୁକାର୍‌କେ
କୋମ୍ ନିଷାନ୍ ସାମ୍ଭଲକେ
ଲହରାଏ ଯା, ଲହରାଏ ଯା !

Digitized by PPRACHIN, SOA

ଏଇ ଫୌଜ ଇଂରେଜ ସୈନ୍ୟଙ୍କୁ ପରାସ୍ତ କରି ବର୍ମା ସୀମାନ୍ତରେ ଆସି ପହଞ୍ଚିଲେ । ଭାରତର ପବିତ୍ର ମାଟି ସେମାନଙ୍କ ଆଖିରେ ଦେଖାଦେଲା । ସୈନ୍ୟମାନେ ପୁଲକିତ ହୋଇ ଉଠିଲେ ।

ଭଗବାନ୍‌ଙ୍କ ସୃଷ୍ଟି ଓ କରଣୀ ବଡ଼ ବିଚିତ୍ର ! ଏତିକିବେଳେ ହଠାତ୍ ବର୍ଷା ମାଡ଼ି ଆସିଲା । ପାହାଡ଼ିଆ ରାସ୍ତା ବହୁ ଜାଗାରେ ଭୁଷୁଡ଼ି ଓ ଭାଙ୍ଗି ପଡ଼ିଲା । ଆଜାଦ୍ ହିନ୍ଦ୍ ଫୌଜ ପାଇଁ ସେଠାରେ ଖାଦ୍ୟ ସାମଗ୍ରୀ ପହଞ୍ଚି-ପାରିଲା ନାହିଁ । ସୈନ୍ୟମାନେ କିଛି ଦିନ ଧରି ଉପାସ ଭୋକରେ ସମ୍ଭାଳିଲେ । ଘୁଆଁଧାନ ଯୋଗାଡ଼କରି ଖାଇ ଜୀବନ ରକ୍ଷା କରୁଥାନ୍ତି । ବ୍ରିଟିଶ୍ ସୈନ୍ୟଙ୍କର ଉତ୍ତମ ଖାଦ୍ୟ ଖାଇ ଆରାମରେ ରହିବାର ଆହ୍ୱାନକୁ ଏଡ଼ି ଚାଲିଥାଆନ୍ତି । ଏତିକିବେଳେ ନେତାଜୀ ଟୋକିଓ ଯିବା ରାସ୍ତାରେ ଉଡ଼ାଜାହାଜ ଦୁର୍ଘଟଣାରେ ପ୍ରାଣ ହରାଇଲେ । ଯୁଦ୍ଧର ଗତି ବଦଳିଗଲା । ଆଜାଦ୍ ହିନ୍ଦ୍ ଫୌଜ ବ୍ରିଟିଶ୍‌ବାହିନୀଙ୍କ ଦ୍ୱାରା ବନ୍ଦୀ ହେଲେ । ସେମାନଙ୍କୁ ଯୁଦ୍ଧବନ୍ଦୀ ରୂପେ ଭାରତ ଆଣାଗଲା ।

## ଆଜାଦ୍ ହିନ୍ଦ୍ ଫୌଜ ହିଁ ଭାରତର ସ୍ୱାଧୀନତା ତ୍ୱରାନ୍ୱିତ କରିଥିଲେ

ଦିଲ୍ଲୀର ଲାଲକିଲ୍ଲାଠାରେ ଏହି ବନ୍ଦୀମାନଙ୍କର ବିଚାର ହେଲା । ସେମାନଙ୍କ ପକ୍ଷରୁ ପଣ୍ଡିତ ଜବାହାରଲାଲ ନେହେରୁ ଓ ଭୁଲାଭାଇ ଦେଶାଇ ମକଦମା ଲଢିଲେ । ସାରା ଭାରତରେ ଅଭୂତପୂର୍ବ ଜାଗରଣ ଦେଖାଦେଲା । ଏହି ଜାଗରଣ କ୍ରମଶଃ ସେନାବାହିନୀକୁ ବ୍ୟାପିଲା । ବମ୍ବେରେ ନୌସେନା ଧର୍ମଘଟ କଲେ । ସୈନ୍ୟ ବାହିନୀଙ୍କ ଉପରୁ ବ୍ରିଟିଶ୍ ସରକାରଙ୍କର ଆସ୍ଥା ତୁଟିଗଲା । ସେମାନେ ଥରହର ହେଲେ । ଅବଶେଷରେ ସେତେବେଳର ବିଲାତର ପ୍ରଧାନମନ୍ତ୍ରୀ କ୍ଲେମେଣ୍ଟ ଅଟ୍‌ଲି କହନ୍ତି, "ବ୍ରିଟିଶ୍ ସରକାର ଭାରତକୁ ସ୍ୱାଧୀନତା ଦେଇ ଦେବାର ଏକ ତରବରିଆ ସିଦ୍ଧାନ୍ତ ଗ୍ରହଣ କଲେ ।" ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଅର୍ଦ୍ଧରାତ୍ରିରେ ଭାରତ ସ୍ୱାଧୀନ ହେଲା । ପ୍ରତ୍ୟେକ ଭାରତବାସୀଙ୍କ ସହ ସ୍ୱାଧୀନତାପ୍ରେମୀ ନୀଳକଣ୍ଠ ଆଶ୍ୱସ୍ତ ଓ ଉଲ୍ଲସିତ ହେଲେ । ଏତେବେଳକୁ ଏହା ଉପଭୋଗ କରିବାଲାଗି ନେତାଜୀ କିନ୍ତୁ ଇହଧାମରେ ନଥିଲେ ।

Digitized by PPRACHIN, SOA

## ୧୯୪୬ ନିର୍ବାଚନକୁ ନୀଳକଣ୍ଠଙ୍କୁ କଂଗ୍ରେସ ଟିକେଟ ମିଳିଲା ନାହିଁ—ନୀରବ ସାହିତ୍ୟ ସାଧନାରେ ରହିଲେ

ନେତାଜୀ ସୁଭାଷ ଓ ନୀଳକଣ୍ଠଙ୍କ ପରି ସୁଭାଷପନ୍ଥୀଙ୍କ ଲାଗି ଭାରତର ସ୍ୱାଧୀନତା ପ୍ରାପ୍ତି କ୍ଷୀପ୍ରତର ହୋଇଥିଲା ସିନା, କଂଗ୍ରେସ ମଧ୍ୟ ପ୍ରଥମାବସ୍ଥାରେ ନୀଳକଣ୍ଠଙ୍କୁ ଏଥିଲାଗି ସମ୍ମାନିତ କରିବା ଦୂରେ ଥାଉ, ୧୯୪୬ରେ ଯେତେବେଳେ ସାବାଳକ ଭିତ୍ତିରେ ନିର୍ବାଚନ ହେଲା, ନୀଳକଣ୍ଠଙ୍କୁ କଂଗ୍ରେସ ଟିକେଟ୍ ମିଳି ନଥିଲା— ଅବଶ୍ୟ ସେତେବେଳକୁ ଆଜାଦ୍ ହିନ୍ଦ୍ ଫୌଜର ଅବଦାନ କଥା ଲୋକରେ ସେପରି ପ୍ରତିଷ୍ଠିତ ହୋଇ ନଥିଲା । ତାଙ୍କର ଦରଖାସ୍ତ ଉତ୍କଳ କଂଗ୍ରେସ ସଭାପତି ଡଃ ମହତାବ ସୁପାରିଶ କରି ପଠାଇଥିଲେ ମଧ୍ୟ ଭାରତୀୟ କଂଗ୍ରେସ ସେଥିରେ ସ୍ୱୀକୃତି ଦେଇ ନଥିଲେ । ନୀଳକଣ୍ଠଙ୍କୁ ତାଙ୍କ ଦଳର ନେତାମାନେ ଓ ସତ୍ୟବାଦୀର ପ୍ରମୁଖ ବ୍ୟକ୍ତିମାନେ ନିର୍ବାଚନରେ 'ଠିଆ ହେଲେ ଜୟଯୁକ୍ତ ହେବା ନିଶ୍ଚିତ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ନୀଳକଣ୍ଠଙ୍କର ମଧ୍ୟ ସେଇ ଧାରଣା ଥିଲା ବୋଲି 'କାରା ଜୀବନ'ରେ ସେ ଲେଖିଛନ୍ତି । ମାତ୍ର ନୀଳକଣ୍ଠ କହିଥିଲେ "ମୁଁ ଜଣେ ଭଦ୍ରଲୋକ—କଂଗ୍ରେସ ମତେ ଟିକେଟ ନଦେଲେ ମୁଁ ତା' ବିରୁଦ୍ଧରେ ଠିଆ ହେବି ନାଇ ବୋଲି Pledge ଦେଇଚି । ମୁଁ ଅନ୍ୟଥା କରି ପାରିବି-ନାଇଁ ।" ସେ ତା' ପରେ ନୀରବ ସାହିତ୍ୟ ସାଧନାରେ ରହିଲେ । ଏଇ କଥାକୁ ଲକ୍ଷ୍ୟ କରି ଡଃ ମହତାବ ଲେଖିଚନ୍ତି, "ସେ କଂଗ୍ରେସ ସହିତ ଲଢ଼ିଲେ ନାଇ । ପଣ୍ଡିତ ନୀଳକଣ୍ଠ ସେ ସମୟରେ ଯେଉଁ ଆତ୍ମ ସଂଯମର ଆଦର୍ଶ ରଖି ଯାଇଚନ୍ତି, ତାହା ରାଜନୀତି କ୍ଷେତ୍ରରେ ଚିରକାଳ ଏକ ଜ୍ୱଳନ୍ତ ଉଦାହରଣ ହୋଇ ରହିଥିବ ।"

## ସ୍ୱାଧୀନ ଜନସଂଘର ସଭାପତି—ଓଡ଼ିଶାର ଏକ ମହାବଳ

ପରର ୧୯୫୮ ନିର୍ବାଚନକୁ ନୀଳକଣ୍ଠ 'ସ୍ୱାଧୀନ ଜନସଂଘ' ନାମରେ ଓଡ଼ିଶାରେ ଏକ ନୂଆ ଦଳ ଗଢ଼ିଲେ । ଲୋକବଳ ଓ ଅର୍ଥ ବଳର ଅଭାବ । ଅଳ୍ପ ସଂଖ୍ୟକ ସଭ୍ୟ ନେଇ ଏ ଗଣତନ୍ତ୍ର ଯୁଗରେ କୂଟ କୌଶଳ ପୂର୍ଣ୍ଣ

Digitized by PPRACHIN, SOA

ସଂଖ୍ୟାଗରିଷ୍ଠ କଂଗ୍ରେସ ଦଳର କ'ଣ ବା ମୁକାବିଲା କରି ପାରିବେ ବୋଲି ଗୋଦାବରୀଶ ବାବୁଙ୍କ ନିର୍ବାଚନ ମଣ୍ଡଳୀ ବାଣପୁରର କୋଙ୍ଗଦ ଗଡ଼ଠାରେ ଏକ ବିରାଟ ଜନ ସଭରେ ନୀଳକଣ୍ଠଙ୍କୁ କେତେକ ଯୁବକ ପ୍ରଶ୍ନ କଲେ । ନୀଳକଣ୍ଠ ଯେପରି ସେମାନଙ୍କ ଉକ୍ତିକୁ ତାଚ୍ଛଲ୍ୟ କରି ମୁକାବିଲା କରିଥିଲେ, ତହିଁର ପ୍ରତ୍ୟକ୍ଷଦର୍ଶୀ କବି ଗୋପୀନାଥ ସେନାପତି ଯାହା କହିଚନ୍ତି, ସେତକ ଉଦ୍ଧାର କରିବାର ଲୋଭ ସମ୍ବରଣ କରି ରହିପାରୁ ନାହୁଁ । ସେ ଲେଖିଛନ୍ତି—

"ସ୍ଫୁରିତ ହୋଇଣ ପ୍ରଶ୍ନ ବଚନ ପ୍ରଶ୍ନକାରୀଙ୍କର ମୁଖୁଁ,
ଚମକି ଉଠିଲେ ବୀର ବିକ୍ରମେ, ତେଜୋଦୀପ୍ତ ହେଲା ଚକ୍ଷୁ ।
କମ୍ପି ଉଠିଲା ଶ୍ମଶ୍ରୁଳ ମୁଖ ସ୍ଫୁରିଲା କି ଅଗ୍ନିବାଣ
ସମ୍ମୁଖେ ମୋର ଠିଆ ହୁଅ ଆସି କହୁଚି ମୁଁ ଯାହା ଶୁଣ ।
ବାଣପୁର ପରିପାଟୀ
ଚମକି ଉଠିଲା ରଣ ହୁଂକାରେ କୋଙ୍ଗଦ ଗଡ଼ ମାଟି ।
ଗୁରୁ ଗମ୍ଭୀର ନିନାଦେ କହିଲେ, ବଚନ ଅଗ୍ନି ସମ,
ପ୍ରତି ପକ୍ଷର ଆସନେ ବସିବୁ ଯେବେ ଆମେ ବେନିଜନ
ଗୋଦବରୀ ତୁଲେ, ନୀଳକଣ୍ଠ ମୁଁ, ଆମର କଟାକ୍ଷ ପାତେ
କୂଟ କୌଶଳ ବୁଦ୍ଧି ହଜିଯିବ ବାନର ସେନାର ମାଥେ;
ବାଣପୁର ପରିପାଟୀ
କିମକି ଉଠିଲା ଉଲ୍ଲସିତ ପ୍ରାଣେ କୋଙ୍ଗଦ ଗଡ଼ ମାଟି,
ଝଙ୍କାଳିଆ ଏ କଳ୍ପତରୁ ତଳେ ପାତିମାଙ୍କଡ଼ର ପଲ
ବସିଥିବାବେଳେ ରଡ଼ିଦିଏ ଯେବେ ଗୋଟିଏ ବି ମହାବଳ
ଝଡ଼ିପଡ଼ନ୍ତି କି ନାଇ ଆହେ ବନ୍ଧୁ, ପାରିବ କି ମୋତେ କହି
ଦୁଇ ଦୁଇଟାର ରଣ ହୁଂକାର ସମ୍ଭାଳିବେ କି ସେହି ?
ବାଣପୁର ପରିପାଟୀ
କମ୍ପି ଉଠିଲା ବୀର ଦର୍ପରେ କୋଙ୍ଗଦ ଗଡ଼ ମାଟି ।
ଉଚ୍ଛ୍ୱସିତ ସେ ଜନ ପାରବାର ସତେ କି ପାଗଳ ଏବେ
ଘନ ଘନ ଖାଲି ଦେଲେ କରତାଳି କମ୍ପାଇ ପାତାଳ ନରେ ।
× × ×

Digitized by PPRACHIN, SOA

ବାସ୍ତବରେ ମଧ୍ୟ ସେଇଆ ହେଲା—ଯଦିଓ ନୀଳକଣ୍ଠଙ୍କ ଦଳର ମାତ୍ର ୪ ଜଣ ସଭ୍ୟ ନିର୍ବାଚନରେ ଜୟଯୁକ୍ତ ହୋଇ ଓଡ଼ିଶା ବିଧାନସଭାରେ ବିରୋଧୀ ଦଳର ଆସନ ଅଳଙ୍କୃତ କରିଥିଲେ, ସେତେବେଳର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ପଣ୍ଡିତ ନୀଳକଣ୍ଠଙ୍କ ବିରୋଧୀ ଦଳର ଭୂମିକା ପ୍ରତି ଗଭୀର ଶ୍ରଦ୍ଧା ଦେଖାଉଥିଲେ । ନୀଳକଣ୍ଠଙ୍କର ନିଜ ଦଳକୁ ପରାମର୍ଶ ଥିଲା—କେବଳ "ବିରୋଧ ପାଇଁ ବିରୋଧ" ନୀତି ଗ୍ରହଣୀୟ ନୁହେଁ । ଥରେ ମନ୍ତ୍ରୀମଣ୍ଡଳର ସଂପ୍ରସାରଣ ପ୍ରସଙ୍ଗରେ ନୀଳକଣ୍ଠଙ୍କ ମତକୁ ସମର୍ଥନ କରି ନବବାବୁ କହିଥିଲେ "ଏ ତିନି ଦିନର ଆଲୋଚନା ଭିତରେ କେବଳ ସତ୍ୟବାଦୀର ସଭ୍ୟ ଯାହା କହିଥିଲେ, ତାହାହିଁ ସମସ୍ତଙ୍କର ପ୍ରଣିଧାନ ଯୋଗ୍ୟ ।" ନୀଳକଣ୍ଠଙ୍କ ଗଠନମୂଳକ ସମାଲୋଚନାରେ ମୁଗ୍ଧହୋଇ ଶ୍ରୀଯୁକ୍ତ ଚୌଧୁରୀ ଅନେକ ସମୟରେ ପଣ୍ଡିତଜୀଙ୍କୁ କହୁଥିଲେ, "ପଣ୍ଡିତଜୀ, ଆପଣ କାହିଁକି ଆମ ପାଖରେ ବସି ଆମକୁ ଆପଣଙ୍କର ମୂଲ୍ୟବାନ୍ ମତାମତ ଓ ପରାମର୍ଶ ଦେଉ ନାହାନ୍ତି ?"

## ପଣ୍ଡିତଜୀଙ୍କର କଂଗ୍ରେସକୁ ପ୍ରତ୍ୟାବର୍ତ୍ତନ

ମୁଖ୍ୟମନ୍ତ୍ରୀ ନବବାବୁ ତାଙ୍କର ଏଇ ଅଭିଳାଷକୁ ଫଳବତୀ କରିବା ପାଇଁ ଲାଗିପଡ଼ିଲେ । ସେ ଜାତୀୟ କଂଗ୍ରେସର ସଭାପତି ତଥା ଭାରତର ପ୍ରଧାନମନ୍ତ୍ରୀ ଜବାହରଲାଲଙ୍କୁ ଏଥିଲାଗି ବାରମ୍ବାର ଅନୁରୋଧ କଲେ । ଏହା ଛଡ଼ା ପଣ୍ଡିତଜୀଙ୍କୁ କଂଗ୍ରେସ ଦଳକୁ ଫେରାଇ ନେବା ପାଇଁ ସେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟିରେ ଏକ ପ୍ରସ୍ତାବ ଗୃହୀତ କରାଇଲେ । ପ୍ରଧାନମନ୍ତ୍ରୀ ନେହେରୁ ୧୯୫୫ରେ କଟକ ଆସି ପଣ୍ଡିତଜୀଙ୍କୁ କଂଗ୍ରେସ ଦଳରେ ଯୋଗ ଦେବାପାଇଁ ଅନୁରୋଧ ଜଣାଇଲେ । ସେତିକିରେ ଅବଶ୍ୟ ନେହେରୁଙ୍କ ପ୍ରଚେଷ୍ଟା ଶେଷ ହେଲା ନାହିଁ । ସେ ଦିଲ୍ଲୀ ଫେରିଯାଇ ପଣ୍ଡିତଜୀଙ୍କୁ ସେଇ ମାର୍ଚ୍ଚ ମାସରେ ଚିଠି ଲେଖିଲେ, "ଆପଣ ଅତୀତରେ କଂଗ୍ରେସର ଏକ ସ୍ତମ୍ଭ ସ୍ୱରୂପ ଥିଲେ । ମୋ ସହିତ ଅନ୍ୟମାନଙ୍କ ମନରେ ବଡ଼ ଦୁଃଖ ଯେ ଆପଣ ଦୀର୍ଘ ପନ୍ଦର ବର୍ଷ ହେଲା ଆମକୁ ଛାଡ଼ି ଚାଲି ଯାଇଛନ୍ତି । ଆପଣ ପୁଣି ଥରେ କଂଗ୍ରେସକୁ ଫେରି ଆସି ଆମକୁ ଆପଣଙ୍କ ବିଜ୍ଞ ପରାମର୍ଶ ଦେଇ ସାହାଯ୍ୟ କଲେ ମୁଁ ଖୁସି ହେବି ।"

Digitized by PPRACHIN, SOA

ପଣ୍ଡିତ ନୀଳକଣ୍ଠ ନେହେରୁଙ୍କ ଚିଠି ନେଇ ନିଜ ନିର୍ବାଚନ ମଣ୍ଡଳୀ ସତ୍ୟବାଦୀକୁ ଗଲେ । ନେତାମାନଙ୍କ ସଙ୍ଗେ ପରାମର୍ଶ କଲେ । ସେଠାରେ କେତେକ ସଭାରେ ଜନମତ ଲୋଡ଼ିଲେ । ଲୋକମାନଙ୍କୁ କହିଲେ, "ମୁଁ କଂଗ୍ରେସ ବିରୁଦ୍ଧରେ ଆପଣମାନଙ୍କଠାରୁ ଭୋଟ ପାଇ ଜିତିଥିଲି । ଏବେ ଜବାହରଲାଲ ନେହେରୁ ଏପରି ଅନୁରୋଧ ପତ୍ର ପଠାଇଛନ୍ତି । ମୁଁ କ'ଣ କରିବି ? ଆପଣମାନେ ଯେଉଁ ପରାମର୍ଶ ଦେବେ, ତାହା ଗ୍ରହଣ କରିବି ?"

ଜନତା ଏକ ସ୍ୱରରେ କହି ଉଠିଲେ, "ଗୋପବନ୍ଧୁ ବାବୁ ଓ ଆପଣ କଂଗ୍ରେସକୁ ଓଡ଼ିଶାକୁ ଆଣିଥିଲେ । ଏବେ ଆପଣ କଂଗ୍ରେସକୁ ଫେରିଗଲେ ଆମେ ଖୁସି ହେବୁ । ଆପଣ ଜାଣି ରଖନ୍ତୁ, "ଆପଣ ଯେଉଁ ଆଡ଼େ ଆମେ ସେଇ ଆଡ଼େ ।"

ଲୋକଙ୍କର ଉତ୍ତର ଶୁଣି ପଣ୍ଡିତଜୀ ନିଜର କର୍ତ୍ତବ୍ୟ ସ୍ଥିର କରିନେଲେ । ନିଜର କର୍ମୀମାନଙ୍କ ସହିତ ୧୯୫୫ ମସିହା ମେ' ମାସରେ ନୀଳକଣ୍ଠ କଂଗ୍ରେସରେ ଯୋଗଦେଲେ ।

## ୧୯୫୭ ନିର୍ବାଚନରେ ସତ୍ୟବାଦୀରୁ ବିନା ପ୍ରତିଦ୍ୱନ୍ଦିତାରେ ନିର୍ବାଚିତ ହେବା

କୌଣସି ଏକ ନିର୍ବାଚନ ମଣ୍ଡଳୀରୁ ବିନା ପ୍ରତିଦ୍ୱନ୍ଦିତାରେ ବିଧାନ-ସଭାକୁ ନିର୍ବାଚିତ ହେବା ଅବଶ୍ୟ ବିରଳ । ତାହା ସେହି ନେତାଙ୍କ ପ୍ରତି ଜନସାଧାରଣଙ୍କର ଅସୀମ ଭକ୍ତି ଓ ଶ୍ରଦ୍ଧାର ନିଦର୍ଶନ ବୋଲି ମାନିବାକୁ ହେବ ।

୧୯୫୭ ନିର୍ବାଚନରେ ତାଙ୍କର ନିଜ ନିର୍ବାଚନ ମଣ୍ଡଳୀ ସତ୍ୟବାଦୀରୁ ବିନା ପ୍ରତିଦ୍ୱନ୍ଦିତାରେ ନୀଳକଣ୍ଠ ନିର୍ବାଚିତ ହେଲେ । ନିଜର ନିଷ୍ଠା ଓ କର୍ତ୍ତବ୍ୟ-ପରାୟଣତାରେ ପଣ୍ଡିତ ନୀଳକଣ୍ଠ ଯେ ଲୋକଙ୍କ ହୃଦୟକୁ କିପରି ଜିଣିଥିଲେ, ଓ ଲୋକେ ନୀଳକଣ୍ଠଙ୍କୁ ଯେଉଁ ଜବାବ ଦେଇଥିଲେ, ତାହା ଯେ ତାଙ୍କ ହୃଦୟର କଥା, ଏହା ୧୯୫୭ ମସିହାର ନିର୍ବାଚନ ପ୍ରମାଣିତ କରିଥିଲା ।

Digitized by PPRACHIN, SOA

## ବାଚସ୍ପତି ଆସନରେ ପଣ୍ଡିତଜୀ

ବିଧାନସଭାର କାର୍ଯ୍ୟ ପରିଚାଳନା ନିମନ୍ତେ ସଭା ତରଫରୁ ଜଣେ ବିଜ୍ଞ ଓ ନିରପେକ୍ଷ ବ୍ୟକ୍ତିଙ୍କୁ ବାଚସ୍ପତି ଭାବେ ନିର୍ବାଚିତ କରାଯାଏ ।

ପଣ୍ଡିତଜୀଙ୍କ ନାମ ଓଡ଼ିଶା ବିଧାନସଭାର ବାଚସ୍ପତି ପଦ ଲାଗି ପ୍ରସ୍ତାବ କରିବାକୁ ଯାଇ ଡକ୍ଟର ହରେକୃଷ୍ଣ ମହତାବ କହିଥିଲେ, "ମୋର ରାଜନୈତିକ ଜୀବନରେ ମୁଁ ପଣ୍ଡିତଜୀଙ୍କୁ ଦୃଢ଼ ଭାବରେ ବିରୋଧ କରିଥିଲି । ମୋ ଭଳି ଜଣେ ଲୋକ ପାଖରେ ଏହା ସ୍ୱାଭାବିକ । ଆମ୍ଭେମାନେ ଗତାନୁଗତିକ ପଥର ଲୋକ, ମାତ୍ର ପଣ୍ଡିତଜୀ ହେଉଛନ୍ତି ଜଣେ ବିରାଟ ବ୍ୟକ୍ତିତ୍ୱ, ଜଣେ ଦୂରଦ୍ରଷ୍ଟା, ଯିଏକି ନିଜ କାର୍ଯ୍ୟରେ ଅଣପାରମ୍ପରିକ ( Unconventional ) ଥିଲେ । ଆମ୍ଭେମାନେ ଅଚଳପଥରେ ଚାଲିବାକୁ ଇଚ୍ଛା କରୁ ନଥିଲୁ ଓ ସାହସ ମଧ୍ୟ କରୁ ନ ଥିଲୁ । ସେଥିପାଇଁ ଆମେ ତାଙ୍କର ବିରୁଦ୍ଧାଚରଣ କରିଥିଲୁ ।"

ବାସ୍ତବରେ ପଣ୍ଡିତଜୀ ବାଚସ୍ପତି ଆସନରେ ଥାଇ ମଧ୍ୟ ଆଉ ଅନେକ ଅଚଳପଥରେ ଚାଲିବାକୁ ପଡ଼ିଥିଲା । ସେ ସମ୍ପର୍କରେ ସୂଚନା ଦେବାକୁ ଯାଇ ସେ ତାଙ୍କ 'ଆତ୍ମ ଜୀବନୀ'ରେ ଲେଖିଛନ୍ତି, "ମୁଁ ଆସିଲା ବେଳକୁ ଦେଖିଲି, ବିଧାନସଭାର କୌଣସି ସ୍ୱାତନ୍ତ୍ୟ ନାହିଁ । କିନ୍ତୁ ଆଇନ୍ ଅନୁସାରେ ତାହା ହେବା କଥା ।"

## ବିଧାନସଭାକୁ ପ୍ରଥମ ଅବଦାନ

ଏଥିଲାଗି ତାଙ୍କୁ ବହୁ ପ୍ରଚେଷ୍ଟା କରିବାକୁ ପଡ଼ିଥିଲା ଓ ଦୁଇବର୍ଷ ସମୟ ଲାଗିଥିଲା । ସରକାରଙ୍କର ଟାଳଟୁଳ ନୀତି ଓ ଆବଶ୍ୟକୀୟ ଆଇନ୍ ପ୍ରଣୟନ କରିବାରେ ବିଳମ୍ବ ହେତୁ ପଣ୍ଡିତଜୀ ଶେଷରେ ମୁଖ୍ୟମନ୍ତ୍ରୀ ଡ଼ଃ ହରେକୃଷ୍ଣ ମହତାବଙ୍କୁ କହିଥିଲେ, "ମହତାବ, ତୁମେ ଜାଣ, ଆସେମ୍ଲି ଚାବି ମୋ ହାତରେ । ମୁଁ ଏହାକୁ ବନ୍ଦ କରି ଦେଇପାରେ, ତୁମେ ଆସେମ୍ଲି ବୈଠକ ଡ଼କାଇ ପାରିବ ନାହିଁ । ତୁମେ ରାଜ୍ୟପାଳଙ୍କୁ ଫେରାଦ ହୋଇପାରିବ ନାହିଁ, କାରଣ ତାଙ୍କୁ ପୂର୍ବରୁ ଜଣାଇ ଦିଆଯାଇଛି ଯେ, ଏ ପ୍ରଶ୍ନର ସମାଧାନ ଏଇ ଆସେମ୍ଲି ବୈଠକ ଆଗରୁ କରିବାକୁ ହେବ ।" ଫଳରେ ଉପବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହାର ପୂର୍ବାହ୍ନ ବୈଠକରେ ଡ଼ଃ ମହତାବ ସରକାରଙ୍କର ଏ ସଂପର୍କୀୟ ଆଦେଶନାମା ପଢି ଶୁଣାଇଥିଲେ ।

Digitized by PPRACHIN, SOA

## ବାଚସ୍ପତି ପଦ ଓ ତାହାଁର ସମ୍ମାନ

ବିଧାନସଭାରେ ବାଚସ୍ପତି ପଦ ଏକ ସାଧାରଣ ପଦ ନୁହେଁ । ସେହି ପଦର ସ୍ୱତନ୍ତ୍ର ମର୍ଯ୍ୟାଦା ଓ ଉପଯୁକ୍ତ ସମ୍ମାନ ରହିଛି । ପଣ୍ଡିତଜୀ ବାଚସ୍ପତି ଥିବାବେଳେ ଏହା ବେଶ୍ ପ୍ରମାଣ କରି ପାରିଥିଲେ । ଏ ସମ୍ବନ୍ଧରେ ସେତବେଳର ବିଧାନସଭାର ପ୍ରବୀଣ ସଭ୍ୟ ଶ୍ରୀଯୁକ୍ତ ବାଙ୍କବିହାରୀ ଦାସ କହିଛନ୍ତି– "ପ୍ରଥମ ବିଧାନସଭା ବୈଠକର ପ୍ରଥମ ଦିନରୁ ନୀଳକଣ୍ଠଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା, ଗୃହ ପ୍ରତି ସମ୍ମାନ ଓ ମର୍ଯ୍ୟାଦା । ସଂବିଧାନ ଓ ବିଧାନସଭା ନିୟମକୁ ଠିକଣା ଭାବରେ କାର୍ଯ୍ୟକାରୀ କରିବାପାଇଁ ସେ ଥିଲେ ଜାଗ୍ରତ ପ୍ରହରୀ । ସେ ତ ନିଜେ କେତେବେଳେ ହେଲେ ଗୃହର ମର୍ଯ୍ୟାଦା କ୍ଷୁର୍ଣ୍ଣ କରିବାକୁ ଯାଇ ନ ଥିଲେ, ଅନ୍ୟକୁ ମଧ୍ୟ ସେ ସୁଯୋଗ ଦେଇ ନ ଥିଲେ ।"

× × ×

ଗମ୍ଭୀର ଓ ସୌମ୍ୟ ମୂର୍ତ୍ତି ବହନ କରି ପଣ୍ଡିତଜୀ ବିଧାନସଭାର ଅଧ୍ୟକ୍ଷ । ଏହାହିଁ ଗୃହର ବାତାବରଣରେ ଏକ ବିରାଟ ପରିବର୍ତ୍ତନ ଆଣି-ଦେଲା । ଦୁଇ ପାଖ ଖେଳର Umpire, ବିରୋଧୀ ପକ୍ଷ ହେଉ ବା ସରକାରୀ ଦଳ ହେଉ, ସମସ୍ତଙ୍କର ସମ୍ମାନ ଭାଜନ—ବୟସ, ପାଣ୍ଡିତ୍ୟ ଓ ଅଭିଜ୍ଞତା ଦୃଷ୍ଟିରୁ । × × × ଏପରି ଏକ ବିଧାନସଭାରେ କାର୍ଯ୍ୟ କରିବାରେ ଆନନ୍ଦ ଥାଏ ।

## ବିଧାନସଭାକୁ ୨ୟ ଅବଦାନ

୧୯୬୦ ମସିହାର ଫେବୃଆରୀ ଶେଷକୁ ଡ଼ଃ ମହତାବଙ୍କର ମନ୍ତ୍ରୀମଣ୍ଡଳ ଭାଙ୍ଗିଗଲା । ମନ୍ତ୍ରୀମଣ୍ଡଳ ଭାଙ୍ଗିଯିବା ପରେ ଏକ ନୂତନ ମନ୍ତ୍ରୀମଣ୍ଡଳ ଗଢ଼ା ହୋଇ ଜଣେ ବାଚସ୍ପତି ନିର୍ବାଚିତ ହେବାଯାଏ ପୂର୍ବର ବାଚସ୍ପତି ବାଚସ୍ପତି ହୋଇ ରହିବାର କଥା, ମାତ୍ର ମହତାବ ମନ୍ତ୍ରୀମଣ୍ଡଳ ଭାଙ୍ଗିଯିବା ସହିତ ପଣ୍ଡିତଜୀଙ୍କ ବାଚସ୍ପତି କାଳ ପୁରି ଯିବାର ଘୋଷଣାନାମା ପୂର୍ବପ୍ରଚଳିତ ପ୍ରଥା ଅନୁସାରେ ଓଡ଼ିଶା ସରକାରଙ୍କ ତରଫରୁ ପ୍ରକାଶ ପାଇଲା । ପଣ୍ଡିତ ନୀଳକଣ୍ଠ ଏଇ ଘୋଷଣାନାମା ବିରୁଦ୍ଧରେ ଭାରତ ସରକାରଙ୍କୁ ଲେଖିଲେ । ସେ ଦର୍ଶାଇଲେ ଯେ ନୂତନ ବିଧାନସଭା ଗଠିତ ହୋଇ ନୂଆ

Digitized by PPRACHIN, SOA

ବାଚସ୍ପତି ନିର୍ବାଚିତ ହେବା ପର୍ଯ୍ୟନ୍ତ ବର୍ତ୍ତମାନର ବାଚସ୍ପତି ବାଚସ୍ପତି ହୋଇ ରହିବା ସମ୍ବିଧାନର ନିୟମାନୁମୋଦିତ, ଯେହେତୁ ଦଳୀୟ ସରକାରର ପତନ ସହିତ ବାଚସ୍ପତିଙ୍କର କୌଣସି ସଂବଧ ନାହିଁ । ବାଚସ୍ପତି ଭବେ ନିର୍ବାଚିତ ହୋଇ ସାରିବା ପରେ ସେ କୌଣସି ଦଳର ବୋଲି ବିବେଚିତ ହୁଅନ୍ତି ନାହିଁ, ନିର୍ଦ୍ଦଳୀୟ ଭବେ ବିଧାନସଭର କାର୍ଯ୍ୟ ନିର୍ବାହ କରିଥାନ୍ତି ।" ବାସ୍ତବରେ ମଧ୍ୟ ନୀଳକଣ୍ଠ କଂଗ୍ରେସ ଦଳ ପକ୍ଷରୁ ଅପ୍ରତିଦ୍ୱନ୍ଦୀ ଭବରେ ବିଧାନସଭକୁ ନିର୍ବାଚିତ ହୋଇ ବିଧାନସଭର ବାଚସ୍ପତି ପଦରେ ଅଧୀରୂଢ଼ ହେବାପରେ ମୁଖ୍ୟମନ୍ତ୍ରୀ ଡଃ ମହତାବଙ୍କୁ କହିଥିଲେ, "ତୁମେ ଆଉ ମତେ କଂଗ୍ରେସ ସଭ୍ୟଭବେ ମନେ କରିବ ନାହିଁ—ଏପରିକି କଂଗ୍ରେସର ସାଧାରଣ ସର୍କୁଲରମାନ ମଧ୍ୟ ମୋ ପାଖକୁ ପଠାଇବ ନାହିଁ ।"

ଭରତ ସରକାରଙ୍କୁ ଏଇ ମତ ଜଣାଇବା ପରେ ପଣ୍ଡିତଜୀ ଭୁବନେଶ୍ୱରସ୍ଥ ବାଚସ୍ପତି ସରକାରୀ ବାସଭବନ ଛାଡ଼ି ଅନ୍ୟତ୍ର ଗ୍ଳଲିଗଲେ, ଏଥିପାଇଁ ସେ ରାଜ୍ୟପାଳ ଓ ମୁଖ୍ୟ ଶାସନ ସଚିବଙ୍କର ଅନ୍ତତଃ ଭରତ ସରକାରଙ୍କ ନିଷ୍ପତ୍ତି ମିଳିବା ଯାଏ ସରକାରୀ ବାସଭବନରେ ରହିବାର ବ୍ୟକ୍ତିଗତ ଅନୁରୋଧକୁ ମଧ୍ୟ ଏଡ଼ି ଦେଇଥିଲେ ।

ପଣ୍ଡିତଜୀଙ୍କ ଉପରୋକ୍ତ ଯୁକ୍ତି ଭରତ ସରକାରଙ୍କ ଦ୍ୱାରା ପୁଙ୍ଖାନୁପୁଙ୍ଖ ରୂପେ ବିଗ୍ଳର କରଗଲା—ପ୍ରଧାନମନ୍ତ୍ରୀ ନେହେରୁ ପଣ୍ଡିତଜୀଙ୍କ ଯୁକ୍ତିର ସାରବତ୍ତା ଉପଲବ୍ଧି କଲେ—ଶେଷରେ ପଣ୍ଡିତଜୀଙ୍କ ମତ ନିୟମ-ସିଦ୍ଧ ବୋଲି ସ୍ଥିର ହେଲା ଓ ଏ ସମ୍ବନ୍ଧୀୟ ପୂର୍ବରୁ ଅନୁସୃତ ପନ୍ଥା ଭ୍ରାନ୍ତ ଥିବାର କୁହାଗଲା । ପଣ୍ଡିତଜୀଙ୍କୁ ଜଣେ ନୂତନ ବାଚସ୍ପତି ନିର୍ବାଚିତ ହେବା ପର୍ଯ୍ୟନ୍ତ ଅର୍ଥାତ୍ ୧୯୬୧ ମସିହା ଜୁଲାଇ ପହିଲା ଯାଏ ବାଚସ୍ପତି ପଦରେ ରଖାଗଲା । ଏ ପ୍ରଥା ଏବେ ବି ଚଳୁଚି ।

## ନାଚେ ତ ନାଚର ଭୂଷଣ—ସେଥିରେ ପୁଣି ପଦ୍ମଭୂଷଣ

ନିଜର ଅକ୍ଲାନ୍ତ ସାଧନା ବଳରେ ପଣ୍ଡିତ ନୀଳକଣ୍ଠ ବହୁ ମାନ ଓ ସମ୍ମାନର ଅଧିକାରୀ ହୋଇଥିଲେ ।

Digitized by PPRACHIN, SOA

୧୯୫୫ ମସିହାରେ ସେ ଉତ୍କଳ ବିଶ୍ୱବିଦ୍ୟାଳୟର ସିନେଟ ଦ୍ୱାରା ବିଶ୍ୱବିଦ୍ୟାଳୟର ଉପାଚାର୍ଯ୍ୟ (Pro-Chancellor) ରୂପେ ନିର୍ବାଚିତ ହେଲେ । ସେଇ ବର୍ଷ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ତାଙ୍କୁ ବିଶ୍ୱବିଦ୍ୟାଳୟ ତରଫରୁ ସମ୍ମାନ ସୂଚକ 'ଡ଼କ୍‌ଟରେଟ୍' ଉପାଧିରେ ଭୂଷିତ କରାଗଲା । ଉପରାଷ୍ଟ୍ରପତି ଡଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନ ଏହା ପ୍ରଦାନ କଲେ ।

ବିଶ୍ୱବିଦ୍ୟାଳୟର ଉପାଚାର୍ଯ୍ୟ ଥିବାବେଳେ ନୀଳକଣ୍ଠ ବିଶ୍ୱବିଦ୍ୟାଳୟର ନୀତି ଓ ନିୟମରେ ଆବଶ୍ୟକୀୟ ପରିବର୍ତ୍ତନ କରି ବହୁ ପ୍ରଗତିଶୀଳ ପଦକ୍ଷେପମାନ ଗ୍ରହଣ କରିଥିଲେ ।

ଏଇ ପ୍ରଗତିଶୀଳ ପ୍ରଚଂଡ ପ୍ରତିଭା ନିଜେହିଁ ନିଜର ଭୂଷଣ ସ୍ୱରୂପ ଥିଲେ । ଉପରୋକ୍ତ ସମ୍ମାନ ସୂଚକ ଡ଼କ୍‌ଟରେଟ୍ ଉପାଧି ମଧ୍ୟ ଅନ୍ୟ ବ୍ୟକ୍ତିଙ୍କ ପରି ନିଜର ନାମ ସହିତ ସେ କେବେହେଲେ ଲେଖୁ ନ ଥିଲେ । 'ପଣ୍ଡିତ ନୀଳକଣ୍ଠ' ଶବ୍ଦ ଦୁଇଟି ତାଙ୍କର ଏକମାତ୍ର ଭୂଷଣ ।

୧୯୫୭ ମସିହାରେ ଭାରତ ସରକାର ତାଙ୍କୁ 'ପଦ୍ମଭୂଷଣ' ଉପାଧିରେ ଭୂଷିତ କରିବା ପାଇଁ ସ୍ଥିର କଲେ । ଏପରି ଉପାଧି ତାଙ୍କପାଇଁ ବଡ଼ ଲଘୁ, ବରଂ ଏ ଉପାଧି ଦ୍ୱାରା ତାଙ୍କ ପ୍ରତି ଅବମାନନା କରା ଯାଇଛି ବୋଲି କେତେକ ବିଶିଷ୍ଟ ବ୍ୟକ୍ତି ମତ ଦେଲେ । ଏଇ କଥା ତାଙ୍କ ପୁଅ ଆଡ଼ଭୋକେଟ ଅଶୋକ ଦାସ ମଧ୍ୟ କହିବାରେ ସେ ପରିଷ୍କାର କରି ତାଙ୍କୁ କହିଲେ, "ରାଜେନ୍ଦ୍ର ପ୍ରସାଦ ମୋର ଜଣେ ପୁରାତନ ବନ୍ଧୁ । ମୁଁ କ'ଣ ତାଙ୍କୁ କହିବା ଉଚିତ ହେବ ଯେ ପଦ୍ମବିଭୂଷଣଠାରୁ ନ୍ୟୂନ ଉପାଧି ଗ୍ରହଣ କରିବା ମୋ ପକ୍ଷରେ ସମ୍ମାନଜନକ ହେବ ନାହିଁ ? ବାସ୍ତବରେ ଉପାଧିଟି କ'ଣ ମୋ ଦେହର ଏକ ଅଂଗ ବିଶେଷ ? ମୋ ଦେହରେ କ'ଣ ଏହା ବୋଳି ହୋଇଯିବ ?"

ପୂର୍ବରୁ ସୂଚାଇ ଦିଆ ଯାଇଛି, ଭାରତର ରାଷ୍ଟ୍ରପତି ପଦରେ ଅଧିଷ୍ଠିତ ହେବା ପୂର୍ବରୁ ଡଃ ରାଜେନ୍ଦ୍ର ପ୍ରସାଦ ପଣ୍ଡିତ ନୀଳକଣ୍ଠଙ୍କ ସହିତ ହଜାରିବାଗ୍ ଜେଲରେ ସହବନ୍ଦୀ ଥିଲେ । ରାତ୍ରିରେ ଏକତ୍ର ପାଚିଲା ଅମୃତ-ଭଣ୍ଡା ଖାଇବାରେ ଦୁହେଁ ଆତ୍ମସନ୍ତୋଷ ଲାଭକରୁଥିଲେ । ପଣ୍ଡିତଜୀଙ୍କୁ ସମ୍ମାନ

Digitized by PPRACHIN, SOA

ପ୍ରଦର୍ଶନ କରିବାଲାଗି ସେ ନିଜେ ପଣ୍ଡିତଜୀଙ୍କ ଭୁବନେଶ୍ୱର ବାସଭବନକୁ ଆସିଲେ । ଓଡ଼ିଶାର ରାଜ୍ୟପାଳଙ୍କ ସହିତ ସେ ପଣ୍ଡିତଜୀଙ୍କ ବାସଭବନରେ ନିର୍ଦ୍ଦିଷ୍ଟ ସମୟଠୁ ବହୁ ଅଧିକ ସମୟ ବିତାଇ ଥିଲେ । ଆଗରୁ କାର୍ଯ୍ୟ ନିର୍ଘଣ୍ଟରେ ଚା' ପାନର ଉଲ୍ଲେଖ ନଥିଲେ ହେଁ ହଠାତ୍, ଚା ପାନର ବ୍ୟବସ୍ଥା କରାଗଲା ଓ ଏଇ ମଧ୍ୟରେ ଦୁଇବନ୍ଧୁ ବହୁ ପୁରାତନ ବିଷୟର ମନ୍ଥନ କରିଥିଲେ ।

ପଣ୍ଡିତ ନୀଳକଣ୍ଠ କିନ୍ତୁ ଦିନକ ପାଇଁ ମଧ୍ୟ ଭାରତ ସରକାରଙ୍କ ଏହି ସମ୍ମାନ ସୂଚକ ଉପାଧି ପାଇଁ ଗର୍ବିତ ନ ଥିଲେ । ତାଙ୍କର ଗର୍ବ ଥିଲା ସେ ନିଜେ ହିଁ ହେଉଛନ୍ତି ଓଡ଼ିଆ ଜାତିର ଏକ କୃତି ପୁରୁଷ । ବାସ୍ତବରେ ଓଡ଼ିଆ ଜାତି ତାଙ୍କ ବ୍ୟକ୍ତିତ୍ୱ ଓ ଜ୍ଞାନ ବୁଦ୍ଧିର ପରିଚାୟକ ସ୍ୱରୂପ 'ପଣ୍ଡିତ' ଶବ୍ଦଟି ତାଙ୍କ ନାମରେ ଯୋଡ଼ି ଦେଇଛନ୍ତି ଓ ପଣ୍ଡିତ ନୀଳକଣ୍ଠ ଏକ ବିରାଟ ବ୍ୟକ୍ତି ଓ ଅନୁଷ୍ଠାନରେ ପରିଣତ ହୋଇ ଯାଇଛନ୍ତି । ପଣ୍ଡିତ ନୀଳକଣ୍ଠ ଦାସ ବା ପଣ୍ଡିତ ନୀଳକଣ୍ଠ ନାମରେ ହିଁ ସେ ଖ୍ୟାତ ହେଉଥିଲେ । ଅନ୍ୟ କୌଣସି ଉପାଧିରେ ସେ ପରିଚିତ ହେବାକୁ ତୁଚ୍ଛ ମଣୁଥିଲେ । ତା'ର ପ୍ରମାଣ ସେ ତାଙ୍କ ଜ୍ୱାଇଁ ଇଂଜିନିୟର ମଧୁସୂଦନ ଦାଶଙ୍କ ପାଖକୁ ଲେଖିଥିବା ଚିଠିରୁ ସ୍ପଷ୍ଟ ହୁଏ ।

ଇଞ୍ଜିନିୟର ଦାଶ ସେ ସମୟରେ ବିଲାତରେ ଥିବାବେଳେ ଗୋଟିଏ ଚିଠିର ଠିକଣାରେ ତାଙ୍କ ନାମ ଲେଖିଥିଲେ, "ପଦ୍ମଭୂଷଣ ଡକ୍ଟର ପଣ୍ଡିତ ନୀଳକଣ୍ଠ ଦାସ" । ଏହା ଦେଖି ପଣ୍ଡିତଜୀ ସଙ୍ଗେ ସଙ୍ଗେ ଇଂଞ୍ଜିନିୟର ଦାସଙ୍କୁ ଏପରି ନ ଲେଖିବା ପାଇଁ ତାଙ୍କ କନ୍ୟାଙ୍କ ଦ୍ୱାରା ଲେଖି ପଠାଇଲେ । କାରଣ ଏସବୁ ଉପାଧି ଅପେକ୍ଷା ସେ ପଣ୍ଡିତ ନୀଳକଣ୍ଠ ଦାସ ରୂପେ ଲୋକରେ ଭଲ ଭାବରେ ଜଣାଶୁଣା ।

## ସାହିତ୍ୟର ରଥୀ, ସାହିତ୍ୟ ଏକାଡେମୀର ସଭାପତି

ଓଡ଼ିଆ ସାରସ୍ୱତ ଭଣ୍ଡାରକୁ 'କୋଣାର୍କେ', 'ଖାରବେଳ', 'ଦାସ ନାଏକ' ଆଦି କାବ୍ୟ, ଆର୍ଯ୍ୟ ଜୀବନ, ସଂସ୍କୃତ ଓ ସଂସ୍କୃତି, ଓଡ଼ିଆ ଭାଷା ଓ ସାହିତ୍ୟ, ଓଡ଼ିଆ ସାହିତ୍ୟର କ୍ରମ ପରିଣାମ, ୧ମ, ୨ୟ, ୩ୟ ଭାଗ ଓ

Digitized by PPRACHIN, SOA

'ଆତ୍ମଜୀବନୀ' ପ୍ରଭୃତି ଗ୍ରନ୍ଥ ସମ୍ଭାରରେ ସମୃଦ୍ଧ କରିଥିବା ନୀଳକଣ୍ଠ ଓଡ଼ିଆ ସାହିତ୍ୟର ଏକ ବିଶିଷ୍ଟ ରଥୀ ଥିଲେ । ଏହି ରଥୀ ଜଣକ ଭଲ ଭାବରେ ଜାଣିଥିଲେ ଯେ ଶିଶୁ ସାହିତ୍ୟର ଉନ୍ନତି ନ ଘଟିଲେ ସାହିତ୍ୟର ସାମଗ୍ରିକ ଉନ୍ନତି ହୋଇ ପାରିବ ନାହିଁ । ତେଣୁ ପିଲାମାନଙ୍କ ପାଇଁ ତାଙ୍କ ଲେଖନୀରୁ ଝରି ଆସିଥିଲା ଶିଶୁ ସାହିତ୍ୟର ତିନୋଟି ଅନବଦ୍ୟ ପୁସ୍ତକ, 'ପିଲାଙ୍କ ରାମାୟଣ', 'ପିଲାଙ୍କ ମହାଭାରତ' ଓ 'ପିଲାଙ୍କ ଭାଗବତ' । ପୁଣି ସେ ପିଲାଙ୍କ ମନକୁ ରଞ୍ଜନ କରିବା ପାଇଁ ଲେଖି ଚାଲିଲେ 'ସାପୁଆ କେଳା','ଆମ ନେତ,' 'ଜୟ ଭାରତ', 'ଚକା ଫଳ ନ ଖାଉଁ' ଓ 'ଆମ ଜାତୀୟ ପତାକା','କି ସୁନ୍ଦର ଏ ସଂସାର' ଭଳି ପିଲାଙ୍କ ଗୀତମାନ । ସେହିସବୁ ଗୀତଗୁଡ଼ିକ ଶିଶୁ ମନସ୍ତତ୍ତ୍ୱ ଉପରେ ଆଧାରିତ । ସେ ସବୁର ଶିକ୍ଷଣୀୟ ବିଷୟବସ୍ତୁ ଥରେ ମାତ୍ର ଅଧ୍ୟୟନ କଲେ ଜଣା ପଡ଼େ ଯେ ସେହି ପଣ୍ଡିତ ଜଣକ କେତେ ବଡ଼ ଥିଲେ ଓ ତାଙ୍କର ମନ କେଡ଼େ ବଡ଼ ଥିଲା ।

୧୯୬୮ ମସିହାରେ ଓଡ଼ିଆ ସାହିତ୍ୟ ଏକାଡେମୀ ନୂଆ କରି ଗଠିତ ହୋଇଥାଏ । ଏହାର ପ୍ରଥମ ସଭାପତି ଆସନ ମିଳିଲା ପଣ୍ଡିତ ନୀଳକଣ୍ଠଙ୍କୁ । ତତ୍କାଳୀନ ମୁଖ୍ୟମନ୍ତ୍ରୀ ଡକ୍ଟର ମହତାବ କଥା ପ୍ରସଙ୍ଗରେ ପଣ୍ଡିତଜୀଙ୍କୁ ପଚାରିଲେ, "ସଭାପତିଙ୍କର ଦରମା ଓ ଅନ୍ୟାନ୍ୟ ଭତ୍ତା କେତେ ହେବା ଉଚିତ ।"

ପଣ୍ଡିତ ନୀଳକଣ୍ଠ ସଙ୍ଗେ ସଙ୍ଗେ ଉତ୍ତର ଦେଲେ, "ତୁମେ କ'ଣ ଚାହଁ ଯେ ମୁଁ ଜୀବନରେ ଯାହା କରିନାଇ, ସରକାରୀ ଚାକିରି କରିବି ନାହି ବୋଲି ଯେଉଁ ସଙ୍କଳ୍ପ ନେଇଥିଲି, ଏବେ ସେଇ ସରକାରୀ ଚାକିରି କରିବି । ତୁମେ ଏକାଡେମୀ ପାଇଁ ଯଥେଷ୍ଟ ସଂଖ୍ୟକ ସହାୟକ ଓ କର୍ମଚାରୀ ଦିଅ । ମୁଁ କେବଳ ବୈଠକରେ ଯୋଗ ଦେବାପାଇଁ ବିଭାଗୀୟ ଗାଡ଼ି ଚାହେଁ ।"

## ପଣ୍ଡିତଜୀଙ୍କ ଆତ୍ମଜୀବନୀ : ସାହିତ୍ୟ ପଥର ଏକ ମାଇଲ ସ୍ତମ୍ଭ

ଏକ ଶ୍ରେଷ୍ଠ ସାହିତ୍ୟିକ କୃତି ହିସାବରେ ପଣ୍ଡିତଜୀଙ୍କ "ଆତ୍ମଜୀବନୀ" ପ୍ରକାଶ ପାଇଲା ଓ ୧୯୬୩ ମସିହାରେ କେନ୍ଦ୍ର

Digitized by PPRACHIN, SOA

ସାହିତ୍ୟ ଏକାଡ଼େମୀ ପୁରସ୍କାର ଲାଭ କଲେ । ଏଥିରୁ ପଣ୍ଡିତଜୀଙ୍କ କର୍ମମୟ ଜୀବନର ବିଭିନ୍ନ ଦିଗ ଓ ଜୀବନଧାରାର ପରିଚୟ ମିଳେ । ଏହି ସବୁ ଜୀବନର ଧାରା ତଥା ଚିନ୍ତନ ଓଡ଼ିଶା ତଥା ଭାରତର ସଂସ୍କୃତିକୁ ସମୃଦ୍ଧ କରିଛି । ଏ ଜାତି ଓ ଦେଶପାଇଁ ଏକ ନୂତନ ଇତିହାସ ସୃଷ୍ଟି କରିବାପାଇଁ ଏହା ପଥ ଦେଖାଇଛି ।

ପ୍ରଥମେ ପଣ୍ଡିତଜୀ 'ଆତ୍ମଜୀବନୀ' ଲେଖିବା ସପକ୍ଷରେ ନ ଥିଲେ । ତା'ର କାରଣ ସ୍ୱରୂପ କେଉଁ ହେତୁରୁ ଆମର ପୂର୍ବସୂରୀମାନେ ସେମାନଙ୍କର ସ୍ମୃତିରକ୍ଷାର ବିରୋଧ କରୁଥିଲେ, ତାହା ସେଥିରେ ବର୍ଣ୍ଣନା କରିଛନ୍ତି ଏବଂ ନବୀନ ଚିନ୍ତାନାୟକମାନଙ୍କ ଅନୁରୋଧକୁ ଏଡ଼ାଇ ଦେଇ ନ ପାରି ଏହା ଲେଖିଛନ୍ତି ।

ଆତ୍ମଜୀବନୀର ପ୍ରାରମ୍ଭରେ ନୀଳକଣ୍ଠ ଲେଖିଛନ୍ତି :

"ମୋତେ ନିଜ ଜୀବନକଥା କହିବାକୁ ଅନୁରୋଧ କରାଯାଉଚି; କିନ୍ତୁ ଧାରାବାହିକ ଭାବେ ସେ କଥା କହିପାରିବା ଭଳି ମୋ ପାଖରେ କିଛି ସାମଗ୍ରୀ ନାଇ । ଯେତିକି କଥା ମନେ ପଡ଼ିବ, ତା' ଭିତରୁ କିଛି କହିବି; କିନ୍ତୁ ଦୁଃଖର କଥା, ଘଟଣାଗୁଡ଼ିକ ସେତେ ମୋର ମନେ ରହେ ନାଇ । ଭୁଲିଯିବା ମୋର କେବଳ ସ୍ୱଭାବ ନୁହେ—ବରଂ ତା' ମୋର ଗୋଟିଏ ସାଧନା । ଘଟଣା ଭୁଲି ନ ଗଲେ ସ୍ମୃତିରେ ପରିସ୍ଥିତି ବେଳେ ବେଳେ ଅସହ୍ୟ ହୁଏ । ଏ କଥା ଜାଣି ମୁଁ ଭୁଲିବାକୁ ଚେଷ୍ଟା କରେ । ସେଥିରେ ମୁଁ କୃତକାର୍ଯ୍ୟ ହୋଇଛି, ଲାଭ ବି ପାଇଚି । ବେଳେବେଳେ ଅନ୍ୟମାନେ ବିଗତ ଘଟଣାସବୁ ମୋର ମନେ ପକାଇ ଦିଅନ୍ତି । ମୁଁ ବିସ୍ମିତ ହୁଏ । ବେଳେବେଳେ ବି ବୁଝିପାରେ, ସେପରି ଭୁଲି ଯାଇଥିବାରୁ ମୋର କିଛି କ୍ଷତି ହୋଇନାହିଁ—ବରଂ ମଙ୍ଗଳ ହୋଇଚି । ବୋଧହୁଏ, ଏଇକଥା ବୁଝିପାରି ଆମର ପୂର୍ବସୂରୀମାନେ ସ୍ମୃତିରକ୍ଷାର ବିରୋଧୀ ଥିଲେ । ଇତିହାସର ସ୍ୱାଭାବିକ ଓ ଚିରନ୍ତନ ବିକାଶକୁ ସେମାନେ ପସନ୍ଦ କରୁଥିଲେ । ଏ ଦେଶରେ କେତେ କୀର୍ତ୍ତି ଅଛି । କାହିଁରେ କାହାରି ସ୍ମୃତିଫଳକ ନାଇ । କିନ୍ତୁ ସଭ୍ୟତା ଓ ସାହିତ୍ୟ ବିକାଶରେ ସମସ୍ତେ ସାହାଯ୍ୟ କରିଛନ୍ତି । ସଭ୍ୟତାର ଏଇପରି ବିକାଶ ଭାରତର ରୀତି—ଏହା ଭାରତୀୟ ।"

Digitized by PPRACHIN, SOA

ଅବଶ୍ୟ ଜଣେ ମହାପୁରୁଷଙ୍କ ଆତ୍ମଜୀବନୀ ଯେ ସେ ପୁରୁଷ ଓ ପରପୁରୁଷ ସମସ୍ତଙ୍କ ପାଇଁ ଏକ ଅମୂଲ୍ୟ ସମ୍ପଦ, ଏହା ମଧ୍ୟ ତାଙ୍କୁ ଅବିଦିତ ନ ଥିଲା ଓ ଏଥିପାଇଁ ମଧ୍ୟ ସେ ଯୁବକମାନଙ୍କର ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ପାରି ନ ଥିଲେ । ସେ ତାଙ୍କ ଜୀବନ ସଂସ୍କୃତିର ଧାରା (ଚଳଣି) ଓ ବିଗ୍ରହ 'ଆତ୍ମ ଜୀବନୀ'ରେ ଉଲ୍ଲେଖ କରି ସେ ସମୟର ସମାଜର ଚିତ୍ର ଓ ଚଳଣି ଜଣାଇବା ସହିତ ଆଗାମୀ ବଂଶଧରମାନଙ୍କୁ ଜୀବନ ଆଦର୍ଶର ନୂତନ ପଥ ଓ ଆଲୋକ ଦେଖାଇଛନ୍ତି । ସେ ହିସାବରେ ପଣ୍ଡିତଜୀଙ୍କ 'ଆତ୍ମଜୀବନୀ' ଆମ ସାହିତ୍ୟ ପଥର ଏକ ମାଇଲ ସ୍ତମ୍ଭ ହୋଇ ରହିଯାଇଛି ।

## ଜୀବନର ଶେଷ ପଥେ

ଜନ୍ମ ଓ ମୃତ୍ୟୁର ବ୍ୟବଧାନ ହେଉଛି ଜୀବନ । ସେହି ଜୀବନର ଅସରନ୍ତି ଚଲାପଥରେ ଚାଲୁ ଚାଲୁ ମଣିଷ ଥକି ପଡ଼ିବା ସ୍ୱାଭାବିକ । ରୋଗ ବୈରାଗ୍ୟର ତାଡ଼ନାରେ ଜର୍ଜରିତ ହୋଇ ଜୀବନର ଶେଷ-ଶାନ୍ତି ମୃତ୍ୟୁକୁ ଆଲିଙ୍ଗନ କରିବା ହେଉଛି ଚିରନ୍ତନ ସତ୍ୟ ।

ସେହି ଚିରନ୍ତନ ସତ୍ୟ ପଥରେ ଆଗେଇ ଯାଉ ଯାଉ ପଣ୍ଡିତଜୀ ଶିକାର ହେଲେ ବହୁମୂତ୍ର ଓ ପକ୍ଷାଘାତ ରୋଗର । ଭୁବନେଶ୍ୱରର ବାଚସ୍ପତି ଭବନ ଛାଡ଼ିବା ପରେ ଚିକିତ୍ସାର ସୁବିଧା ଲାଗି ସେ ପ୍ରାୟଶଃ ରହିଲେ କଟକରେ, ବଡ଼ ପୁଅ ଓ ଶେଷରେ ତାଙ୍କର ସାନ ପୁଅ, ବଡ଼ ଜ୍ୱାଇଁ ବ୍ରହ୍ମପୁରର ଶ୍ରୀଯୁକ୍ତ ଦଣ୍ଡପାଣି ରଥଙ୍କ ସରକାରୀ ବାସଭବନରେ । ଇଂଜିନିୟର ରଥ ସେତେବେଳକୁ ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ । ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ବିଜୁ ପଟ୍ଟନାୟକ, ସ୍ୱର୍ଗତଃ ରାଜେନ୍ଦ୍ର ନାରାୟଣ ସିଂହଦେଓ ପ୍ରମୁଖ ପଣ୍ଡିତଜୀଙ୍କର ଯେପରି କୌଣସି ଅସୁବିଧା ନ ହୁଏ, ସେଥିପାଇଁ ବିଶେଷ ଧ୍ୟାନ ଦେଲେ । ଆଦେଶ ହେଲା, "ଯେତେଦିନ ପର୍ଯ୍ୟନ୍ତ ପଣ୍ଡିତ ନୀଳକଣ୍ଠ ଇଂଜିନିୟର ରଥଙ୍କ ନିକଟରେ କଟକରେ ଥିବେ, ସେତେଦିନ ପର୍ଯ୍ୟନ୍ତ ଶ୍ରୀଯୁକ୍ତ ରଥଙ୍କୁ କଟକରୁ ସ୍ଥାନାନ୍ତରିତ କରାଯିବ ନାହିଁ ।"

Digitized by PPRACHIN, SOA

ଆତ୍ମୀୟ ସ୍ୱଜନ, ଶୁଭେଚ୍ଛୁବୃନ୍ଦ, ଗଣେଶ୍ୱର ମିଶ୍ରଙ୍କ ଭଳି ନିଷ୍ଠାପର ବ୍ୟକ୍ତିଗତ ସେବାକାରୀ ଓ ଜୀବନର ସାଥୀ ରାଧାରାଣୀ ଦେବୀଙ୍କ ସେବା ଶୁଶ୍ରୂଷା ତଥା କଟକର ବଡ଼ ବଡ଼ ଡାକ୍ତରମାନଙ୍କ ଚିକିତ୍ସା ସତ୍ତ୍ୱେ ପଣ୍ଡିତଜୀଙ୍କ ପ୍ରାଣପକ୍ଷୀ ଉଡ଼ି ଚାଲିଲା ଅନନ୍ତ ପଥରେ, ଯେଉଁ ପଥରେ ଜୀବାତ୍ମା ଯାଇ ମିଶିଯାଏ ପରମାତ୍ମାଙ୍କ ସହିତ ।

ସେଦିନ ୧୯୬୭ ମସିହାର ନଭେମ୍ବର ମାସ ୬ ତାରିଖ । ପୁଣ୍ୟ କାର୍ତ୍ତିକ ମାସର ଶୁକ୍ଳ ପଞ୍ଚମୀ ତିଥି, ସୋମବାର । ଦିବାବସାନର କିଛିକ୍ଷଣ ପୂର୍ବରୁ ଶେଷ ନିଃଶ୍ୱାସ ତ୍ୟାଗ କଲେ ଉତ୍କଳର ଗୁରୁ–ପଣ୍ଡିତ ନୀଳକଣ୍ଠ ।

## ମହାପୁରୁଷଙ୍କ ମହାପ୍ରସ୍ଥାନ

ଚାହୁଁ ଚାହୁଁ ପଣ୍ଡିତ ନୀଳକଣ୍ଠଙ୍କ ତିରୋଧାନ ଖବର ବିଜୁଳି ବେଗରେ ଚାରିଆଡ଼େ ପ୍ରଚାରିତ ହୋଇଗଲା । କଟକ ଆକାଶବାଣୀରୁ ଏହି ଦାରୁଣ ଦୁଃସମ୍ବାଦ ଶୁଣି ଓଡ଼ିଶାର ପୁରପଲ୍ଲୀର ଆବାଳ ବୃଦ୍ଧବନିତା କାନ୍ଦି ଉଠିଲେ । ଇଂଜିନିୟର ରଥଙ୍କ ବାସ ଭବନ ଓ କଟକ ହାଓଡ଼ା ମଟର ନିକଟସ୍ଥ ଅଞ୍ଚଳ ଶୋକାକୁଳ ଲୋକଙ୍କଦ୍ୱାରା ଲୋକାରଣ୍ୟ ହୋଇଗଲା ।

ଉତ୍କଳର ଗୁରୁ, ପୂଜ୍ୟ ନେତା ପଣ୍ଡିତ ପ୍ରବର, ଅଭିଜ୍ଞ ରାଜନୀତିଜ୍ଞ ଏବଂ ଉତ୍କଳ ପ୍ରଦେଶର ଅନ୍ୟତମ ସ୍ରଷ୍ଟା ପଣ୍ଡିତ ନୀଳକଣ୍ଠଙ୍କ ମର ଶରୀରକୁ ରାଷ୍ଟ୍ରୀୟ ସମ୍ମାନ ଦିଆଯିବ ବୋଲି ସରକାରଙ୍କ ତରଫରୁ ସ୍ଥିର ହେଲା । ଆଗରୁ ସରକାରରେ ନ ଥିବା ବ୍ୟକ୍ତିଙ୍କୁ ଏପରି ରାଷ୍ଟ୍ରୀୟ ସମ୍ମାନ ପ୍ରଦର୍ଶନର ପରମ୍ପରା ନ ଥିଲେ ମଧ୍ୟ ଏ ସମ୍ମାନର ଅଧିକାରୀ ହେଲେ ବହୁ ନୂତନ ପରମ୍ପରାର ସୃଷ୍ଟିକାରୀ ପଣ୍ଡିତ ନୀଳକଣ୍ଠ ।

ପୁଲିସ ବାହିନୀର ବିଗୁଲ୍ ବାଜି ଉଠିଲା । ଅଗଣିତ କବି, ଲେଖକ, ରାଜନୈତିକ ନେତା ଓ ପ୍ରିୟ ଜନତାଙ୍କ କ୍ରନ୍ଦନରୋଳ ଭିତରେ ପଣ୍ଡିତ ନୀଳକଣ୍ଠଙ୍କ ପୁଷ୍ପମାଲ୍ୟ ଆଚ୍ଛାଦିତ ମର ଶରୀର ଗୋଟିଏ ଖୋଲା ଟ୍ରକରେ ଆଗେଇ ଚାଲିଲା ସତ୍ୟବାଦୀର ବକୁଳ ବନ ଅଭିମୁଖେ, ଯେଉଁଠି ଆରମ୍ଭ ହୋଇଥିଲା ସତ୍ୟବାଦୀର ଏହି ମହାପୁରୁଷଙ୍କର କର୍ମମୟ ଜୀବନ ।

Digitized by PPRACHIN, SOA

ଶବାଧାର ସହିତ ଅନ୍ୟମାନଙ୍କ ଗହଣରେ ଗ୍ଭଲିଲେ ଓଡ଼ିଶାର ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ରାଜେନ୍ଦ୍ର ନାରାୟଣ ସିଂହ ଦେଓ, 'ସମାଜ'ର ସମ୍ପାଦକ ଡଃ ରାଧାନାଥ ରଥ, ଉପମୁଖ୍ୟମନ୍ତ୍ରୀ ଶ୍ରୀ ପବିତ୍ର ମୋହନ ପ୍ରଧାନ ପ୍ରଭୃତି ଓଡ଼ିଶାର ଜନସାଧାରଣଙ୍କ ତରଫରୁ ଏହି ମହାନ ନେତାଙ୍କୁ ଶେଷ ସମ୍ମାନ ଜଣାଇବା ପାଇଁ ।

## ଶେଷ ଶ୍ରଦ୍ଧାଞ୍ଜଳି

ଏଇ ଘଟଣାକୁ କବି ଲକ୍ଷ୍ୟକରି ଲେଖିଲେ,—

ଜାତି ସରକାର ଆଦେଶ ପାଇ
ଆସିଥିଲେ ଆଗୁଁ ସୈନିକ ଭାଇ ।
ବିଷାଦ ସ୍ୱରରେ ବାଜିଲା ବାଜା
ଏଭଳି ସମ୍ମାନ ନ ପାଏ ରଜା ।
ଗଡ଼ି ଗଡ଼ି ଗ୍ଭଲେ ମଟର ଚକ
କହି କହି ଯାଏ ଦେଖରେ ଦେଖ ।
ବିଚିତ୍ର ଅଟେ ତ ବିଧି ବିଧାନ
ଅଘଟନ କଥା କରେ ଘଟନ ।
ହାତ କଡ଼ି ଦେଇ ପୁଲିସ ଯାରେ
ଭାବି ଥିଲେ ନେବେ ଏଇ ରାସ୍ତାରେ
ଗର୍ବେ ଗ୍ଭଲି ଥାନ୍ତେ ବନ୍ଧୁକଧାରୀ
ଶଙ୍କି ଯାଇଥାନ୍ତେ ଦେଖଣାହାରୀ ।
ବିରୋଧରେ ନେଲା ପୁଲିସେ ଜିଣି
ଜେଲ ଗଲେ ଘୋଡ଼ା ଗାଡ଼ିରେ ପୁଣି ।
ସେଇମାନେ ଆଜି ତାହାଙ୍କୁ ପୁଣି
ବନ୍ଦାଇ ନିଅନ୍ତି ଦେବତା ମଣି ।

ବାଟରେ ବହୁ ଅନୁଷ୍ଠାନ ଓ ଅସଂଖ୍ୟ ବ୍ୟକ୍ତି ବିଶେଷଙ୍କ ପୁଷ୍ପମାଲ୍ୟ ଗ୍ରହଣ କରି ଶବାଧାର ଆଗେଇ ଗ୍ଭଲିଲା । କଟକର ବିଭିନ୍ନ ଅନୁଷ୍ଠାନ, ଭୁବନେଶ୍ୱରର ଉତ୍କଳ ବିଶ୍ୱବିଦ୍ୟାଳୟ, ରାଜ୍ୟ ବିଧାନସଭା, ଓଡ଼ିଶା ରାଜ୍ୟପାଳ ଓ ଉଚ୍ଚ ସରକାରୀ ଦପ୍ତରମାନଙ୍କ ତରଫରୁ ପଣ୍ଡିତଜୀଙ୍କ ମରଶରୀରକୁ ଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଗଲା ।

Digitized by PPRACHIN, SOA

କାର୍ତ୍ତିକ ମାସ ନିଶୀଥର ପ୍ରବଳ ଶୀତର ପ୍ରକୋପ ସେମାନଙ୍କୁ ଶବାଧାର ଅପେକ୍ଷାରେ ରହିବାରୁ ନିବୃତ୍ତ କରି ପାରିଲା ନାହିଁ । ଆବାଳ ବୃଦ୍ଧବନିତା ଅଶ୍ରୁପୂର୍ଣ୍ଣ ଲୋଚନରେ କଟକରୁ ସତ୍ୟବାଦୀ ପର୍ଯ୍ୟନ୍ତ ରାସ୍ତାର ଦୁଇ କଡ଼ରେ ଠିଆ ହୋଇ ପଣ୍ଡିତଜୀଙ୍କୁ ଶେଷ ସମ୍ମାନ ଜଣାଇଲେ ।

ଶେଷରେ ଗଭୀର ରାତିର ବୁକୁ ଚିରି ଶବାଧାର ଯାଇ ପହଞ୍ଚିଲା ସତ୍ୟବାଦୀ ଠାରେ । ପ୍ରାଣପ୍ରିୟ କର୍ମଭୂମି ସତ୍ୟବାଦୀ କାନ୍ଦି ଉଠିଲା ।

ରାତିର ଶେଷ ପହରରେ ଠିକ୍ ପ୍ରଭାତୀ ତାରା ଉଇଁ ଆସିଲା ବେଳକୁ ପଞ୍ଚସଖା ପୀଠରେ ପଣ୍ଡିତ ଗୋପବନ୍ଧୁ, ପଣ୍ଡିତ ଗୋଦାବରୀଶ ଓ ଐତିହାସିକ କୃପାସିନ୍ଧୁଙ୍କ ସମାଧି ନିକଟରେ ପଣ୍ଡିତଜୀଙ୍କ ଶବାଧାରରେ ଅଗ୍ନି ସଂଯୋଗ କଲେ ତାଙ୍କର ବଡ଼ପୁଅ, ଓଡ଼ିଶାର ବିଶିଷ୍ଟ ଆଡ଼ଭୋକେଟ ଶ୍ରୀ ଅଶୋକ ଦାସ । ଧୁହୁଁ ଧୁହୁଁ ପଣ୍ଡିତଜୀଙ୍କ ମର ଶରୀର ଭସ୍ମୀଭୂତ ହୋଇଗଲା । ମଡ଼ା ପୋଡ଼ା ଶ୍ମଶାନକୁ ଲୋକରେ ଅସ୍ପୃଶ୍ୟ ସ୍ଥଳ ଭାବେ ବିଚାର କରାଗଲେ ହେଁ ଏଇ ପୁଣ୍ୟପୀଠର ଭସ୍ମରେ କେତେ ଯେ ନରନାରୀ ମସ୍ତକ ରଞ୍ଜିତ କରି, ଏପରିକି ବିଧବା ସ୍ତ୍ରୀ ଲୋକ ପବିତ୍ର କାର୍ତ୍ତିକ ମାସରେ ଏଇ ଭସ୍ମକୁ ମୁଣ୍ଡରେ ଲଗାଇ ପୁଣ୍ୟ ଅର୍ଜନ କଲେ ବୋଲି ମନେକଲେ, ତା'ର ଇୟତ୍ତା ନାଇ ।

ପଣ୍ଡିତଜୀ ଚାଲିଗଲେ ସିନା, ତାଙ୍କୁ ଭୁଲି ପାରିଲେ ନାହିଁ ତାଙ୍କର ପ୍ରିୟ ଓଡ଼ିଶା ବାସୀ, ପ୍ରିୟ ଛାତ୍ରଛାତ୍ରୀ, ଏ ଦେଶର କବି, ଲେଖକ, ରାଜନୈତିକ ନେତା ଓ ଅନ୍ୟମାନେ ।

ପଣ୍ଡିତଜୀଙ୍କ ଅନୁପସ୍ଥିତିରେ ସେମାନଙ୍କର ହୃଦୟ ବିଳପି ଉଠିଲା । ନିଜ ପ୍ରାଣର ମର୍ମ ବେଦନା ଓ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ କବି ଗାଇଲେ—

ଜ୍ଞାନରେ ଗଣେଶ ରୂପରେ ବଶିଷ୍ଠ
ଦେଖିଲେ ତୁମକୁ ମିଳେ ଅଭୟ
ପାଣ୍ଡିତ୍ୟରେ ତୁମେ ବ୍ୟାସ, ବାଲ୍ମୀକି
ତମ ପାଶେ ମଣୁ ସକଳେ ହେୟ ।

Digitized by PPRACHIN, SOA

ନେତା, ବକ୍ତା, କବି, ଜ୍ଞାନୀ, ଗବେଷକ
ବାଣୀ ବରପୁତ୍ର ବିଶାଳ ଯଶା,
ବାଗ୍ମୀ, ଦାର୍ଶନିକ, ଦକ୍ଷ ସମ୍ପାଦକ
ସକଳ କଣ୍ଠରେ ତୁମେ ତ ଘୋଷା ।
ସତ୍ୟବାଦୀର ବକୁଳ ବନର
କୋକିଳ ହେ ତୁମେ ଯାଇଛ ଉଡ଼ି
ତୁମ ମର ଦେହ ମିଶିଛି ମାଟିରେ
କୁହୁ ସ୍ୱର କାନେ ଯାଉଛି ପଡ଼ି ।
ନାହିଁ ଛୁରିଅନା ସେ ବକୁଳ ବନ
ଅଛି **ପଞ୍ଚସଖା ସମାଧି ପୀଠ**
ଆମ ପାଖେ ତୁମ ସମାଧି ମନ୍ଦିର
ସେ ଯେ **ପୁଣ୍ୟ ପୀଠ ମର୍ତ୍ତ୍ୟ ବୈକୁଣ୍ଠ** ।

ସେହି ପୁଣ୍ୟପୀଠ ମର୍ତ୍ତ୍ୟ ବୈକୁଣ୍ଠ **ପଞ୍ଚସଖା ସମାଧି ପୀଠ**ରେ ପଣ୍ଡିତଜୀଙ୍କ ସମ୍ମାନରେ ରହିଥିବା ସ୍ମୃତି ଫଳକଟି ପଣ୍ଡିତଜୀଙ୍କର ଓଡ଼ିଆ ଜାତି ପ୍ରତି ରହିଥିବା ଶ୍ରଦ୍ଧା, ମମତା ଓ ଶୁଭେଚ୍ଛାର ବାର୍ତ୍ତା ବହନ କରି ଗାଇ ଚାଲିଛି :

କେଉଁ ରାଇଜରୁ ଆସିଛୁ
କହ ବତାସି ମୋରେ,
ଓଡ଼ିଆ ବୋଇତ ଖବର
କିଛି ଆଣିଛୁ କିରେ ?
ନୀଳ ବୀଚି ଭଙ୍ଗି ଆଣୁଛୁ
ତଡ଼ି ବରଷା ଧାର,
କାଳ ବୀଚି ଭଙ୍ଗି ସ୍ୱପନ
ଦୂରେ ଯାଉଛି ପର ।

× × × ×

Digitized by PPRACHIN, SOA

ପୁଣି ଗାଇ ଗ୍ଲଲିଚି ଜାତିର ଆକୁଳ ପ୍ରାର୍ଥନା (ପଣ୍ଡିତଙ୍କୀଙ୍କ ନିଜ ଭଷାରେ ରଚିତ) :—

"ବଂଚିଥାଅ କବି ଆଉ କେତେ ଦିନ
ଇତିହାସ ଏହି ଶରୀରେ ଧରି
ବିଜନ ପୁଳିନେ ଗାଉଥାଅ ଗୀତ
ତରଂଗେ ଶୁଣିବ ତଟିନୀ ବାରି ।"

× × ×

## ସହାୟକ ଗ୍ରନ୍ଥ ସୂଚୀ-


୧ । ମହାପାତ୍ର ନରସିଂହ (୧୯୮୪) : ମନୀଷୀ ନୀଳକଣ୍ଠ : ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି, ୩୦୩,ଖାରବେଳ ନଗର, ଭୁବନେଶ୍ୱର-୧

୨ । Padhy, K.C. (1984) : Utkal Guru Pandit Nilakantha. Pandit N. K. Smruti Samiti, 303, Kharavel Nagar, Bhubaneswar-1

୩ । ନୀଳକଣ୍ଠ ସ୍ମାରକୀ (୧୯୮୪), ୨ୟ ଖଣ୍ଡ : ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି, ୩୦୩, ଖାରବେଳ ନଗର, ଭୁବନେଶ୍ୱର-୧

୪ । "ଆତ୍ମଜୀବନୀ"—୧ମ ସଂସ୍କରଣ : ପଣ୍ଡିତ ନୀଳକଣ୍ଠ ଦାସ


Digitized by PPRACHIN, SOA

# ପଣ୍ଡିତ ନୀଳକଣ୍ଠ

" 'କୋଣାର୍କେ'ର ରଚୟିତା ପଣ୍ଡିତ ନୀଳକଣ୍ଠଙ୍କର ମୃତ୍ୟୁ ନାହିଁ "

—ମାୟାଧର ମାନସିଂହ

"I have toured the whole of India, but I have not come across a Pandit like Pandit Nilakantha Das"

—Acharya Binoba Vabe

"Pandit Nilakantha Das, is the veritable father of Orissa."

—Prof. N. G. Ranga, M. P
(Dy. Leader of Congress Party in Loka Sabha)

"Pandit Nilakanth Das, one of the MAKERS OF THE MODERN INDIA"

— Prof. Nurul Hasan,
Minister, Education, Govt. of India,

"You are not only my guru, but the guru of all Utkal—UTKAL GURU"

—Netaji Subhash Ch Bose

"ନୀଳକଣ୍ଠଙ୍କ ଅବଦାନ ସମ୍ବନ୍ଧରେ ଜଣା ଯେତେ ଅଜଣା ତା'ଠାରୁ ଅଧିକ"

—ଡଃ ଗୋପୀନାଥ ମହାନ୍ତି

ଏହି ମହାମନୀଷୀ ପଣ୍ଡିତ ନୀଳକଣ୍ଠଙ୍କ ସ୍ମୃତି ରକ୍ଷାରେ
ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି, ୩୦୩, ଖାରବେଳ ନଗର,
ଭୁବନେଶ୍ୱର

Digitized by PPRACHIN, SOA